ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୮ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 28 September 2025
Vol.No. 36 ■ No.257 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଯା ଦେବୀ ସର୍ବଭୂତେଷୁ............

ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

# ଓଡ଼ିଶାରେ ୫୦,୦୦୦ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଉନ୍ମୋଚନ କଲେ ପ୍ରଧାନମନ୍ତ୍ରୀ



ଝାରସୁଗୁଡ଼ା, ୨୭/୯ (ନି.ପ୍ର): ବ୍ରହ୍ମପୁର-ସୁରତ ଅମୃତ ଭାରତ ଏକ୍ସପ୍ରେସ୍ ଶୁଭାରମ୍ଭ କରିବା ସହ ଓଡ଼ିଶା ପାଇଁ ୫୦ ହଜାର ଅନ୍ତ୍ୟୋଦୟ ଘର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି ପ୍ରଧାନମନ୍ତ୍ରୀ। ଏୟାରପୋର୍ଟରୁ ସଭାସ୍ଥଳ ଯାଏଁ ରୋଡ୍ ସୋ କରିଥିଲେ ପିଏମ୍। ମୋଦିଙ୍କ ପାଇଁ ଝୁମିଥିଲା ପୂରା ଝାରସୁଗୁଡ଼ା। ପ୍ରଧାନମନ୍ତ୍ରୀ କହିଛନ୍ତି, ଦଶନ୍ଧି ଧରି ଗରିବୀ ସହ ଯୁଝୁଥିବା ଓଡ଼ିଶା ଡବଲ୍ ଇଞ୍ଜିନ ସ୍ପିଡରେ ଦୌଡୁଛି। ମୋଦି ଆସିଲେ, ଖୁସି ବାଣ୍ଟିଲେ। ପଶ୍ଚିମ ଓଡ଼ିଶାକୁ କିମିଆ କଲା ମୋଦି ଲହର। ଜବରଦସ୍ତ କ୍ରେଜ୍, ଗ୍ରାଣ୍ଡ ୱେଲକମ୍। ଝାରସୁଗୁଡ଼ା ମାଟିରେ ପ୍ରଧାନମନ୍ତ୍ରୀ ପାଦ ଥାପିବା କ୍ଷଣି ବଦଳିଥିଲା ଲୋକଙ୍କ ମୁଡ୍। ଏୟାରପୋର୍ଟରୁ ସଭାସ୍ଥଳ ଅମଲିପାଲି। ପୁଣି ରାସ୍ତାଘାଟ, ଆଉ ଛକ ବଜାର। ସବୁଠି ଥିଲା ମୋଦି ମାନିଆ, ଲୋକଙ୍କ ହୃଦୟକୁ ଛୁଇଁଯାଇଥିଲା ମୋଦି ମ୍ୟାଜିକ୍। ରାସ୍ତାରେ ପ୍ରବଳ ଭିଡ଼ ଦର୍ଶାଉଥିଲା କେତେ ଉତ୍ସାହିତ ଥିଲେ ଲୋକ। ଜନତାଙ୍କୁ ମୁଡ୍ ଦେଖି ନିଜକୁ ଗାଡ଼ି ଭିତରେ ରୋକି ପାରିନଥିଲେ ପ୍ରଧାନମନ୍ତ୍ରୀ। ବାହାରକୁ ଆସି ହାତ ହଲାଇ ଅଭିବାଦନ ଜଣାଇଥିଲେ। ପାରମ୍ପରିକ ନୃତ୍ୟଗୀତରେ ମୋଦିଙ୍କୁ ଏମିତି ଢଙ୍ଗରେ ଭବ୍ୟ ସ୍ୱାଗତ କରିଥିଲା ଝାରସୁଗୁଡ଼ା ସମେତ ପଶ୍ଚିମ ଓଡ଼ିଶା। ଅମଲିପାଲି ଯୁବ ସମାବେଶରେ ସାମିଲ ହୋଇ ଓଡ଼ିଶା ବିକାଶ ପାଇଁ ହାତ ଖୋଲିଦେଇଛନ୍ତି ପ୍ରଧାନମନ୍ତ୍ରୀ। ଟେଲିକମ୍, ରେଳବାଇ, ଶିକ୍ଷା ଓ ଗୃହ ନିର୍ମାଣ କ୍ଷେତ୍ରରେ ପ୍ରକଳ୍ପ ବର୍ଷା କରିଛନ୍ତି। ▶▶ପୃଷ୍ଠା ୭

## ବିଜେପିର ମିଶନ ବିହାର: ଦୁଇ ଦିନିଆ ଗସ୍ତରେ କର୍ମୀଙ୍କୁ ଅମିତ ଶାହଙ୍କ ତିନି ଏମ୍. ବିଜୟ ମନ୍ତ୍ର



ନୂଆଦିଲ୍ଲୀ,୨୭/୯ : ବିହାର ବିଧାନସଭା ନିର୍ବାଚନ ପାଇଁ ଅମିତ ଶାହଙ୍କ ଟ୍ରିପଲ୍ ଏମ୍ ଫର୍ମୁଲା । ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦୁଇଦିନିଆ ବିହାର ଗସ୍ତରେ ଯାଇ ଦଳୀୟ କର୍ମକର୍ତ୍ତାଙ୍କୁ ନିର୍ବାଚନ ବିଜୟର ମନ୍ତ୍ର ଦେଇଛନ୍ତି । ଅମିତ ଶାହଙ୍କ ଗସ୍ତ ପରେ ବିହାରରେ ବିଜେପି ଆହୁରି ସକ୍ରିୟ ହୋଇଉଠିଥବା ଲକ୍ଷ୍ୟ କରାଯାଉଛି । ବିହାର ବିଧାନସଭା ନିର୍ବାଚନ ପାଇଁ ବିଜେପି ତା' ରଣନୀତିକୁ ବ୍ୟାପକ ଓ ତୀବ୍ର କରିଛି । ଦଳର ବରିଷ୍ଠ ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦୁଇଦିନିଆ ବିହାର ଗସ୍ତରେ ଯାଇ ପ୍ରଥମେ ପାଟନା ଓ ପରେ ସମସ୍ତିପୁର ଏବଂ ଆରାରିଆରେ ବିଜେପି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି । ନିର୍ବାଚନରେ ବିଜୟ ପାଇଁ ଟ୍ରିପଲ୍ ଏମ୍ ମନ୍ତ୍ର ଦେଇଛନ୍ତି ଅମିତ ଶାହ । ଟ୍ରିପଲ୍ ଏମ୍‌ର ଅର୍ଥ ହେଲା- ମହିଳା, ମୋଦୀ ଏବଂ ମନ୍ଦିର । ପ୍ରତ୍ୟେକ ମହିଳାଙ୍କ ପାଖରେ ବିଜେପି କର୍ମୀ ପହଞ୍ଚି ଏନ୍‌ଡିଏ ସରକାରଙ୍କ ଯୋଜନା ବିଷୟରେ ଜଣାଇବାକୁ ଅମିତ ଶାହ ପରାମର୍ଶ ଦେଇଛନ୍ତି । ସେହିପରି ମୋଦୀଙ୍କ ସଫଳତା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ସେ ପରାମର୍ଶ ଦେଇଥିଲେ । ବିହାରରେ ୨୪୩ ଆସନରୁ ଏନ୍‌ଡିଏ ୨୨୫ ଆସନ ଜିତିବାକୁ ଲକ୍ଷ୍ୟ ରଖିଛି । ଏଥିପାଇଁ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ ଅତି କମ୍‌ରେ ୨୨୫ ଥର ଜନସମ୍ପର୍କ ଅଭିଯାନ କରାଯିବ। ଜାତି, ଧର୍ମ ଏବଂ ବିଚାରଧାରା ନିର୍ବିଶେଷରେ ଲୋକଙ୍କ ସହିତ ସମସ୍ତ କର୍ମୀ ଯୋଗାଯୋଗ ରକ୍ଷା କରିବାକୁ ଅମିତ ଶାହ ପରାମର୍ଶ ଦେଇଛନ୍ତି । ଅମିତ ଶାହ କହିଥିଲେ ଯେ ବିକାଶ ଓ ସ୍ଥିରତାର ଏକମାତ୍ର ଗ୍ୟାରେଣ୍ଟି ଏନ୍‌ଡିଏ । ସମ୍ଭାବ୍ୟ ପ୍ରାର୍ଥୀ ନେଇ ଅମିତ ଶାହ ସ୍ଥାନୀୟ ବିଜେପି ନେତା ଓ କର୍ମୀଙ୍କ ସହ ଆଲୋଚନା କରିଛନ୍ତି । ପୂର୍ବରୁ ରାଜ୍ୟ ସ୍ତରରେ ବିହାରର ସମ୍ଭାବ୍ୟ ବିଜେପି ପ୍ରାର୍ଥୀ ତାଲିକା ନୂଆଦିଲ୍ଲୀ ପଠାଯିବା ସହିତ ଅମିତ ଶାହଙ୍କୁ ମଧ୍ୟ ପ୍ରଦାନ କରାଯାଇଛି । ପ୍ରାର୍ଥିତ୍ୱ ସମ୍ପର୍କରେ ଦଳର ଶୀର୍ଷ ନେତୃତ୍ୱ ଚୂଡ଼ାନ୍ତ ନିଷ୍ପତ୍ତି ନେବେ । ସାଧାରଣ କର୍ମୀ ପରି ନିର୍ବାଚନ ଲଢ଼ିବା ପାଇଁ ଅମିତ ଶାହ ପରାମର୍ଶ ଦେଇଛନ୍ତି ।

## ଦଶହରା ମଜାକୁ ପାଣିଚିଆ କରିବ ଲଘୁଚାପ ବର୍ଷା: ଆସନ୍ତା ୧ ବେଳକୁ ପୁଣି ଲଘୁଚାପ ସମ୍ଭାବନା





ଭୁବନେଶ୍ୱର, ୨୭/୯ (ନି.ପ୍ର): ପାର୍ବଣ ଉପରେ ସତେ ଯେମିତି ଆଖି ପକାଇଛି ଲଘୁଚାପ। ଏଥର ବି ପାଣିଚିଆ କରିଦେବ ପୂଜା ମଉଜକୁ। କାରଣ ଗୋଟିଏ ନୟାଉଣ୍ଡ, ସମୁଦ୍ର ଭିତରେ ଏବେ କୁଆଡ଼େ ବଳ କଷିଲାଣି ଆଉ ଏକ ଲଘୁଚାପ। ଯାହା ଆସନ୍ତା ୧ ବେଳକୁ ଦାନାବାନ୍ଧି ବର୍ଷିବ ରାଜ୍ୟରେ। ପାଣିପାଗ ବିଭାଗର ଏଭଳି ପୂର୍ବାନୁମାନ ପରେ ଏବେ ଚିନ୍ତାରେ ପୂଜା କମିଟି ଗୁଡ଼ିକ। ସେପଟେ ଜାରି ରହିଥିବା ଅବପାତ, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଅଞ୍ଚଳର ଜନଜୀବନକୁ ପ୍ରଭାବିତ କରିଛି। ପାର୍ବଣବେଳେ ପୁଣି ଆସୁଛି ବର୍ଷାଦିଆ ଲଘୁଚାପ। ଅଷ୍ଟମୀରେ ଦାନା ବାନ୍ଧି। ନବମୀରୁ ବର୍ଷିବ ଦଶମୀ ବେଳକୁ ଧୋଇଦେବ। ▶▶ପୃଷ୍ଠା ୭

## ବିଜୟଙ୍କ ରାଲିରେ ଦଳଚକଟା ଘଟଣା: ୩୧ ଜଣଙ୍କ ମୃତ୍ୟୁ, ମୃତକଙ୍କ ମଧ୍ୟରେ ଅଧିକ ମହିଳା ଓ ଶିଶୁ



ନୂଆଦିଲ୍ଲୀ,୨୭/୯ : ବିଜୟଙ୍କ ରାଲିରେ ଦଳଚକଟା ଘଟଣାରେ ବଢୁଛି ମୃତ୍ୟୁ ସଂଖ୍ୟା । ଇତିମଧ୍ୟରେ ମିଳିଥିବା ଖବର ଅନୁସାରେ ୩୧ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ପ୍ରବଳ ଭିଡ଼ରୁ ଦଳଚକଟା ଘଟଣାରେ ୩୧ ଜଣଙ୍କ ଜୀବନ ଯାଇଛି । ଅଭିନେତାରୁ ନେତା ସାଜିଥିବା ବିଜୟ ଥାଲାପତିଙ୍କୁ ଦେଖିବାକୁ ଲୋକଙ୍କ ଗହଳି ଲାଗିଥିବା ବେଳେ ବିଜୟ ଭାଷଣ ଦେବା ବେଳେ ଭୟଙ୍କର ଦଳଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଯେଉଁଥିଲା ୩୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମୃତକଙ୍କ ମଧ୍ୟରେ ମହିଳା ଓ ଶିଶୁ ଅଛନ୍ତି । ତେବେ ଘଟଣା ପରେ ତାମିଲନାଡୁର କରୁରରେ ଚାଞ୍ଚଲ୍ୟ ଖେଳିଯାଇଥିବା ବେଳେ ପାଖ ଜିଲ୍ଲାରୁ ଡାକ୍ତରଙ୍କୁ ଅଣାଯାଇ ମେଡିକାଲରେ ଚିକିତ୍ସା କାମରେ ନିୟୋଜିତ କରାଯାଇଛି । ଅଭିନେତା ତଥା ଟିଭିକେ ମୁଖ୍ୟ ବିଜୟଙ୍କ ରାଲିରେ ଆଜି ଘଟିଛି ବଡ଼ ଦୁର୍ଘଟଣା । ନିର୍ବାଚନ ରାଲିରେ ଦଳାଚକଟା ହୋଇଛି । ୩୧ ଜଣଙ୍କ ମୃତ୍ୟୁ ସହ ଶତାଧିକ ଲୋକ ଆହତ ହୋଇଥିବା ସୂଚନା ରହିଛି । ସୂଚନା ମୁତାବକ ତାମିଲନାଡୁର କରୁରରେ ଅଭିନେତା ତଥା ଟିଭିକେ ମୁଖ୍ୟ ବିଜୟଙ୍କ ରାଲିରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଭିଡ଼ ଏତେ ଅଧିକ ଥିଲା ଯେ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପିଲା ଏବଂ ଦଳୀୟ କର୍ମୀଙ୍କ ସମେତ ଅନେକ ଲୋକ ▶▶ପୃଷ୍ଠା ୭

## ଗୁରୁଗ୍ରାମ- ଡିଭାଇଡରରେ ଧକ୍କା ହେଲା ଥାର: ୫ ମୃତ

ନୂଆଦିଲ୍ଲୀ,୨୭/୯ : ଦ୍ରୁତଗତିରେ ଯାଉଥିବା ଥାର ଗାଡ଼ି ଶନିବାର ସକାଳେ ଡିଭାଇଡର ସହ ଧକ୍କା ହୋଇଛି, ଯେଉଁଥିରେ ତିନି ଜଣ ଯୁବତୀ ଓ ଦୁଇ ଯୁବକଙ୍କ ସହିତ ମୋଟ ୫ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଛନ୍ତି। ଦୁର୍ଘଟଣାରେ ଥାର ଗାଡ଼ି ସଂପୂର୍ଣ୍ଣ ରୂପେ ଭାଙ୍ଗିଯାଇଛି । ଖବର ଲେଖାଯାଉଥିବା ସମୟ ପର୍ଯ୍ୟନ୍ତ ଜଣେ ଯୁବତୀଙ୍କର ପରିଚୟ ପ୍ରତିଷ୍ଠା ମିଶ୍ର ଭାବେ ହୋଇପାରିଛି। ସୂଚନା ଅନୁଯାୟୀ, ଥାର ଗାଡ଼ିରେ ତିନି ଯୁବକ ଓ ତିନି ଯୁବତୀ ଥିଲେ। ସେମାନେ ସମସ୍ତେ ଉତ୍ତର ପ୍ରଦେଶରୁ କୌଣସି କାମରେ ଗୁରୁଗ୍ରାମ ଆସିଥିଲେ। ତେବେ ନ୍ୟାସନାଲ ହାଇୱେ ୪୮ ରେ ରାଜୀବ ଛକ ନିକଟରେ ଦ୍ରୁତ ଗତିରେ ଥିବା ଗାଡ଼ି ଉପରୁ ଚାଳକ ନିୟନ୍ତ୍ରଣ ହରାଇଦେଇଥିଲେ । ଡ୍ରାଇଭର ଭାରସାମ୍ୟ ହରାଇ ଡିଭାଇଡର ସହ ଧକ୍କା ହୋଇଥିଲା।

## ବନ୍ଧୁକ କାରଖାନାକୁ ଧ୍ୱଂସ କଲେ ଯବାନ : ବିସ୍ଫୋରକ ଓ ବନ୍ଧୁକ ତିଆରି ଜିନିଷ ଜବତ



ମାଲକାନଗିରି, ୨୭/୯ (ନି.ପ୍ର): ଛତିଶଗଡ଼ର ନକ୍ସଲ ପ୍ରବଣ ଅଂଚଳରେ ପୁଲିସକୁ ମିଳିଛି ଆଉ ବଡ଼ ସଫଳତା। ସୁକମା ଜିଲ୍ଲାର ମେଟାଗୁଡା ଜଂଗଲରେ ନକ୍ସଲ ତିଆରି କରିଥିବା ବନ୍ଧୁକ କାରଖାନାକୁ ଧ୍ୱଂସ କରିଥିଲେ ଯବାନ। ନକ୍ସଲ ଏକ ବଡଧରଣର ହମଲାକୁ ▶▶ପୃଷ୍ଠା ୭

## ପୂଜା ପାଇଁ ଟ୍ରାଫିକ୍ କଟକଣା: ଆଜିଠୁ ଲାଗୁହେଲା ନିୟମ

ଭୁବନେଶ୍ୱର, ୨୭/୯ (ନି.ପ୍ର): ଦୁର୍ଗାପୂଜା ପାଇଁ ଟ୍ୱିନ୍‌ସିଟିରେ ଆଜିଠୁ ଲାଗୁ ହେଲା ଟ୍ରାଫିକ୍ କଟକଣା । ଆଜିଠୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ କଟକଣା ଜାରି ରହିବ । ଅପରାହ୍ନ ୨ରୁ ରାତି ୨ଟା ପର୍ଯ୍ୟନ୍ତ ଟ୍ରାଫିକ୍ କଟକଣା କରିଛି କମିସନରେଟ ପୁଲିସ । ପୂଜାରେ ଭିଡ଼ ନିୟନ୍ତ୍ରଣ ପାଇଁ ଟ୍ରାଫିକ୍ କଟକଣା ଜାରି କରିଛି କମିସନରେଟ ପୁଲିସ । ଆଜିଠୁ କଟକରେ ଲାଗୁ ହୋଇଛି କଟକଣା । ପୂଜାବେଳେ କଟକର କିଛି ପ୍ରମୁଖ ରୁଟ୍ ବିଷୟରେ ଜାଣିବା ଜରୁରୀ । ହାଓ୍ୱାମୋଟର ଛକ ଠାରୁ କୌଣସି ଯାନବାହାନ ସିଧା ମଙ୍ଗଳାବାଗ୍ ଛକଆଡକୁ ଯାଇପାରିବେ ନାହିଁ । ଏହି ଗାଡ଼ିଗୁଡିକ ହାଓ୍ୱାମୋଟର ଛକଠାରୁ ମାତାମଠ ଛକ ଦେଇ ମହାନଦୀ ରିଂ ବନ୍ଧରେ ଆସି ୱାଚ୍ ଟାଓ୍ୱାର ଛକ ଦେଇ ଯାଇ ପାରିବେ । ▶▶ପୃଷ୍ଠା ୭



ପୂଜା ସଂଖ୍ୟା ସାଗରିକାର
ଶୁଭ ଉନ୍ମୋଚନ ଉତ୍ସବ

ମହାଶୟ/ ମହାଶୟା
ଶାରଦୀୟ ଅଭିନନ୍ଦନ । ସାହିତ୍ୟ ପତ୍ରିକା ସାଗରିକା ଶାରଦୀୟସଂଖ୍ୟାର ଶୁଭ ଉନ୍ମୋଚନ ଉତ୍ସବ ଆସନ୍ତା ତା୨୮/୦୯/୨୦୨୫ରିଖ ରବିବାର ଦିବା ୧୦ ଘଟିକା ସମୟରେ ବାଲେଶ୍ୱରସ୍ଥିତ ଷ୍ଟେସନ କ୍ଲବ (ଦୁର୍ଗା ମେଡିସିନ୍ ଷ୍ଟୋର ନିକଟ) ସଭାଗୃହରେ ଅନୁଷ୍ଠିତ ହେବ । ଏହି ଉତ୍ସବରେ ଆପଣମାନଙ୍କର ସଦୟ ଉପସ୍ଥିତି ଏକାନ୍ତ କାମ୍ୟ ।

ଆପଣଙ୍କ ଅପେକ୍ଷାରେ
ସୃଷ୍ଟିଧର ପରିଡା
ପରିଚାଳନା ସଂପାଦକ
ଧ୍ୱନି ପ୍ରତିଧ୍ୱନି ଓ ସାଗରିକା
ବାଲେଶ୍ୱର



ଭୁବନେଶ୍ୱର, ୨୭/୯ (ନି.ପ୍ର): ଆଜି ସଂଧ୍ୟା ୭ଘଟିକା ସମୟରେ ଭୁବନେଶ୍ୱର ପୁରୁଣା ବସଷ୍ଟାଣ୍ଡସ୍ଥିତ ନାରାୟଣୀ ବୁକଷ୍ଟଲରେ ପୂଜାସଂଖ୍ୟା 'ସାଗରିକା' ପାଠକାର୍ପିତ ହୋଇଯାଇଛି। ଏହି ଲୋକର୍ପଣ ଉତ୍ସବରେ କେଦାର ମିଶ୍ର, ରମାକାନ୍ତ ଗୋଛାୟତ, ଅକ୍ଷୟ ବେହେରା, ପବିତ୍ର ମୋହନ କର, ବାଦଲ ମହାନ୍ତି, ରସାନନ୍ଦ ସାହୁ, ଡ. ମାଧବ ବେହୁରା, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଓଡ଼ିଶା ମିରର୍‌ର ସମ୍ପାଦକ ଦିଲ୍ଲୀପ ବିଶ୍ୱାଳ, ସଂଜୟ ଭଟ୍ଟ, ନୀଳକଇଁ ସମ୍ପାଦିକା ସସ୍ମିତା ଦାସ, ଡ. ରଜନୀ ରଂଜନ, ଅଧ୍ୟାପକ ଆଲୋକ ଷଡ଼ଙ୍ଗୀ, ନାରାୟଣୀ ବୁକ୍ ଷ୍ଟଲର ସତ୍ତ୍ୱାଧିକାରୀ ବାବୁଲି ଭାଇ ଓ 'ସାଗରିକା'ର ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଚାରିଦିନିଆ ବିଦେଶ ଗସ୍ତରେ ରାହୁଲ ଗାନ୍ଧି

ନୂଆଦିଲ୍ଲୀ,୨୭/୯ : କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ଓ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଚାରି ଦିନିଆ ବିଦେଶ ଯାତ୍ରା ପାଇଁ ଶନିବାର ଦିନ ପ୍ରସ୍ଥାନ କରିଛନ୍ତି କଂଗ୍ରେସ ମୁଖପାତ୍ର ପବନ ଖେଡ଼ା ଏକ୍ସରେ ସୂଚନା ଦେଇଛନ୍ତି ଯେ ରାହୁଲ ଗାନ୍ଧୀ ଦକ୍ଷିଣ ଆମେରିକାର ଚାରିଟି ଦେଶକୁ ଯାତ୍ରା କରିବେ। ଏହି ଅବସରରେ ସେ ରାଜନୈତିକ ନେତା, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବ୍ୟବସାୟ ଜଗତର ପ୍ରତିନିଧିମାନଙ୍କୁ ସାକ୍ଷାତ କରିବେ ।

# ହିଟାଂ ଝାଲାଂ କ୍ଲବର ୩୨ତମ ଦ୍ୱିଦିବସୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବୈଶିଙ୍ଗା , ୨୭/୯ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ମହିଷାଶୋଳ ପଞ୍ଚାୟତର ଧାନଘେରା ସ୍ଥିତ ହିଟାଂ ଝାଲାଂ ଫୁଟବଲ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ଅପରାହ୍ନରେ ୩୨ତମ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇ ଯାଇଛି । ଗୁରୁବାର ଉଦଘାଟନୀ ଦିବସରେ ୧୬ ଗୋଟି ଫୁଟବଲ ଟିମ୍ ଏଥିରେ ଭାଗ ନେଇଥିଲେ ।ଲିଗ୍ ମ୍ୟାଚ ସରିବା ପରେ ଆଜି ସେମି ଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍ ଟି ଅମିମାଂସିତ ଭାବେ ଶେଷ ହେବା ପରେ ଗୋଲଡେନ୍ ଫୁଟବଲ କ୍ଲବ ପେନାଲଟି ସଟ୍ ରେ ଦୁଇଟି ଗୋଲ ଦେଇଥିବା ବେଳେ ମୟୂରଭଞ୍ଜ ଜି. ସି. ଫୁଟବଲ କ୍ଲବ ଚାରିଟି ଗୋଲ ଦେଇ ଚମ୍ପିଆନ ହୋଇଥିଲା । ଧୋବଶିଳାର ଜୟ ହନୁମାନ ଫୁଟବଲ୍ କ୍ଲବ ତୃତୀୟ ଏବଂ ଗଣେଶ ଫୁଟବଲ କ୍ଲବ ୪ର୍ଥ




ଭାବେ ବିବେଚିତ ହୋଇଥିଲେ । ଖେଳ ଶେଷରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଯୋଗ ଦେଇ ୩୨ ବର୍ଷ ଧରି ଆୟୋଜକ କ୍ଲବ ଫୁଟବଲ ଖେଳକୁ ବଞ୍ଚାଇ ରଖିବା ସହିତ କେତେ ଖେଳାଳୀ ସୃଷ୍ଟି କରି ରାଜ୍ୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି ସେଥିପାଇଁ ଆୟୋଜକ କ୍ଲବର ସଭାପତି ମଙ୍ଗଲ ସିଂ, ସମ୍ପାଦକ ରାଜେଶ ସିଂ ଓ ଅନ୍ୟ ସଦସ୍ୟ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ମାନୀତ ଅତିଥି ଭାବେ ବେତନଟୀ ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡି,୩୭ ନଂ ଜିଲ୍ଲା ପରିଷଦ ସଦସ୍ୟା ସୁଶ୍ରୀ ଧାନୀ କିସ୍କୁ ଙ୍କ ସମେତ ବହୁ ରାଜନେତା ଉପସ୍ଥିତ ରହି ଖେଳକୁ ଉପଭୋଗ କରିଥିଲେ । ମ୍ୟାଚ୍ ରେଫରୀ ଭାବେ ମାନସ ବିଶ୍ୱାଳ,ରାମଚନ୍ଦ୍ର ବେସ୍ରା , ମାନସ ସିଂ , ଲକ୍ଷ୍ମଣ ସୋରେନ୍ ଖେଳ ପରିଚାଳନା କରିଥିଲେ । ଶେଷରେ ଧାନଘେରା ସ୍ଥିତ ହିଟାଂ ଝାଲାଂ କ୍ଲବ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ବ୍ଲକ ଉପାଧ୍ୟକ୍ଷଙ୍କ ନାମରେ ଆବାସ ଅର୍ଥ ଆତ୍ମସାତ ଅଭିଯୋଗ

ମାଲକାନଗିରି, ୨୭/୯ (ନି.ପ୍ର): ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମୀଙ୍କ ନେତୃତ୍ୱେର ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଏବଂ ମାଲକାନଗିରି ବ୍ଲକ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ସୁନ୍ଦର ରାୟ ସେଡାଙ୍କ ଉପସ୍ଥିତରେ ଆଜି ମାଲକାନଗିରି ଜିଲ୍ଲାପାଳ ସେମେଶ କୁମାର ଉପାଧ୍ୟାୟଙ୍କୁ ସାକ୍ଷାତ କରି ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାରଙ୍କ ବିରୁଦ୍ଧେର ଦାବି ପତ୍ର ପ୍ରଦାନ କରାଯିବା ସହ ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଚିନ୍ମୟ ରଞ୍ଜନ ସେନାପତିଙ୍କ ଜରିଅରେ ନିରଞ୍ଜନ ହାଲଦାରଙ୍କ ବିରୁଦ୍ଧେର ଦାବି ପତ୍ର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ, ଗତ ୨୦ ତାରିଖ ଶନିବାର ଦିନ ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମୀ ଏବଂ ବ୍ଲକ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ସୁନ୍ଦର ରାୟ ସେଡାଙ୍କ ସହ ଏକ ସ୍ୱତନ୍ତ୍ର ପଂଚାୟତ ସମିତି ଅନୁସନ୍ଧାନକାରୀ ଟିମ୍ ମାଲକାନଗିରି ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ଅନୁମତି ନେଇ ମାଲକାନଗିରି ବ୍ଲକ ର ଗୌଡ଼ଗୁଡା ଗ୍ରାମପଂଚାୟତ ଅନ୍ତର୍ଗତ କଲାଗୁଡ଼ା ଗ୍ରାମେର ପହଂଚି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ କୁସୁମା ନାୟକ, ଚନ୍ଦ୍ରାବତୀ ନାୟକ, ଆଦି ନାୟକ, ଲଛନ ଖିଲ ଓ କଳାବତୀ ଖିଲଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଅନୁଯାୟୀ, ୨୦୨୩ ମସିହାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପତ୍ର ପାଇଥିଲେ। ସେହି ସମୟେର ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର ଏହି ହିତାକାରୀମାନଙ୍କ ନିକଟେର ପହଂଚି ଗୃହ ନିର୍ମାଣ କରଦେବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ଲେଖାଏଁ ସମ୍ପୃକ୍ତ ହିତାଧିକାରୀମାନେ ନିରଞ୍ଜନ ହାଲଦାରଙ୍କୁ ପ୍ରଦାନ କରିଥିଲେ। ମାତ୍ର ଦୁଇବର୍ଷ ବିତି ଯାଇଥିଲେ ମଧ୍ୟ ସେମାନଙ୍କର ଗୃହ ସମାପ୍ତ ହୋଇନଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନିରଞ୍ଜନ ହାଲଦାରଙ୍କ ସହ କଥାବାର୍ତ୍ତା ହେଲେ ସେ ବିରକ୍ତ ହୋଇ ଗାଳି ଗୁଲଜ କରୁଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ଆଦର୍ଶ ଥାନାରେ ଉକ୍ତ ହିତାଧିକାରୀ ମାନେ ଏକ ଲିଖିତ ଅଭିଯୋଗ କରିଛନ୍ତି ଓ ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ସହ ମନେରଗା ଯୋଜନାରେ ୨୨ ହଜାର ଟଙ୍କା ରହିଛି। ସେହି ଟଙ୍କାଗୁଡିକ ବିଭିନ୍ନ ଲୋକଙ୍କ ନାମେର ନିରଞ୍ଜନ ହାଲଦାର ଉଠାଇ ନେଇଥିବା ଅଭିଯୋଗ କରିଛନ୍ତି ତେବେ ଆବାସ ଘର ସମ୍ପୂର୍ଣ ନେହବା ପୂବର୍ରୁ କିଭଳି ମନେରଗା ଟଙ୍କା ଉଠାଗଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପୃକ୍ତ କାର୍ଯ୍ୟ ଦାୟିତ୍ୱେର ଥିବା ଜିଆରଏସ୍ ଏବଂ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଉପେର ମଧ୍ୟ ପ୍ରଶ୍ନ ଉଠୁଛି । ନିରଞ୍ଜନ ହାଲଦାର ଦୁଇ ବଷର୍ରୁ ଉର୍ଦ୍ଧ୍ୱ ସମୟ ଧରି ମନମୁଖୀ କାର୍ଯ୍ୟକଳାପ ସମିତି ସଭ୍ୟ ଓ ସରପଞ୍ଚଙ୍କୁ ଦୁର୍ବ୍ୟବହାର ଓ ବ୍ଲକର ଉନ୍ନତିମୂଳକ କାର୍ଯ୍ୟେର ହସ୍ତେକ୍ଷପ ଓ ଠିକାଦାରେର ସମ୍ପୃକ୍ତି ରହି ବହୁ ଅସାମାଜିକ କାର୍ଯ୍ୟକଳାପେର ସମ୍ପୃକ୍ତି ନେଇ ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର କଲାଗୁଡା ଗ୍ରାମର ଗରିବ ଲୋକଙ୍କ ଆବାସ ଗୃହର ଅର୍ଥ ଆତ୍ମସାତ କରିଥିବା ନେଇ ଏକ ଉଚ୍ଚସ୍ତରିୟ ତଦନ୍ତ କରିବା ସହ ନିରଞ୍ଜନ ହାଲଦାରଙ୍କ ଉପେର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମେନ୍ତ ଦାବି କରାଗଲା । ଏଥିେର ଅନ୍ୟ ମାନଙ୍କ ମଧ୍ୟେର ମାଲକାନଗିରି ବ୍ଲକ ସରପଂଚ ସଂଘ ସଭାପତି ସୁଦଶର୍ନ କେପୋ, ସରପଂଚ ଘାସି ନାୟକ, ସମିତି ସଭ୍ୟ ନରଶିଙ୍ଗ ମାଡି ଓ ମାଲକାନଗିରି ବ୍ଲକ ସଭାପତି ସର୍ବ କୁମାର ବଶୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେଡିର ସାଙ୍ଗଠନିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ନୀଳଗିରି, ୨୭/୯ (ନି.ପ୍ର): ନୀଳଗିରି ବିଜେଡିଦଳ ପକ୍ଷରୁ ସାଙ୍ଗଠନିକ କାର୍ଯ୍ୟକ୍ରମପାଇଁ ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ, ନୀଳଗିରିର ବିଜେଡି କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନାରୁ ଜଣାଯାଇଛି ଆଗାମୀ ଅକ୍ଟୋବର ୨ ତାରିଖ ଜାତିରପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମଜୟନ୍ତୀ ଠାରୁ ବର୍ତ୍ତମାନ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଜନ୍ମଦିବସ ପର୍ଯ୍ୟନ୍ତ ନୀଳଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ପଦଯାତ୍ରା, ରକ୍ତଦାନ ଶିବିର, ସଚେତନତା, ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯିବାର ସ୍ଥିର କରାଯାଇଛି।



ଅକ୍ଟୋବର ୧୬ ତାରିଖରେ ଏକ ବିଶାଳ ରକ୍ତଦାନଶିବିର ବିଜେଡି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବବୋଲି ଶ୍ରୀ ନାୟକ କହିଛନ୍ତି। ଉକ୍ତ ବୈଠକରେ ବିଜେଡି ନଗର ସଭାପତି ରବୀନ୍ଦ୍ର କୁମାର ପରିଡ଼ା, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ସମିତିସଭ୍ୟ ରାଜୀବ ଦାସବାବୁ, ଉପେନ୍ଦ୍ର ଦାସ, ଭଉଁରିଆବାଡ ସରପଞ୍ଚ ସଞ୍ଜୟ ସିଂ, ରବିନ୍ଦ୍ର ପାତ୍ରଙ୍କ ସମେତ ଔପଦା ବ୍ଲକ, ବାହାନଗା ବ୍ଲକ,ନୀଳଗିରି ବ୍ଲକ ଓ ନୀଳଗିରି ଏନ୍ ଏ ସି ର ୧୩ ଟି ୱାର୍ଡର ଶତାଧିକ ଛାମୁଆ ନେତା ଓ କର୍ମୀମାନେ ଏହି ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିଲେ।

# ରାଷ୍ଟ୍ର ସେବିକା ସମିତି ପକ୍ଷରୁ ପଥ ସଂଚଳନ

କେନ୍ଦୁଝର, ୨୭/୯ (ନି.ପ୍ର): ବିଜୟାଦଶମୀ -ଧର୍ମ, ସତ୍ୟ, ଶକ୍ତି ଓ ସଂସ୍କୃତିର ବିଜୟ ପର୍ବ ଏବଂ ରାଷ୍ଟ୍ର ସେବିକା ସମିତିର ସ୍ଥାପନା ଦିବସ। ଏହି ପବିତ୍ର ଅବସରରେ ଆଜି ରାଷ୍ଟ୍ର ସେବିକା ସମିତି କେନ୍ଦୁଝର ଦ୍ୱାରା ଏକ ବିଶାଳ ପଥ ସଂଚଳନ ଆୟୋଜିତ ହୋଇଛି। ସ୍ଥାନୀୟ କାଳୀ ପଡ଼ିଆରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଅଡିଟୋରିୟମକୁ ଆସିଥିଲେ। ଏହାପରେ ଅଡିଟୋରିୟମରେ ଏକ ସାଧାରଣ ସଭା ଅନୁଷ୍ଠିତ ହେଇଥିଲା। ଏଥିରେ ଆଦରଣୀୟା ସୁଶ୍ରୀ ଲତିକା ପାଢ଼ୀ, କ୍ଷେତ୍ର ପ୍ରଚାରିକା (ଓଡ଼ିଶା, ପଶ୍ଚିମବଙ୍ଗ, ଆଣ୍ଡାମାନ) ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ଏହି କାର୍ଯ୍ୟକ୍ରମକୁ ଉତ୍ସାହ ଦେବାପାଇଁ ପ୍ରଫେସର ଚିନ୍ମୟୀ ମହାପାତ୍ର (ଅଧ୍ୟକ୍ଷା, ଧରଣୀଧର ଭେଷଜ ମହାବିଦ୍ୟାଳୟ, କେନ୍ଦୁଝର) ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ଏକ ହଜାରରୁ ଉର୍ଦ୍ଧ୍ୱ ରାଷ୍ଟ୍ର ସେବିକା ସମିତିର ସ୍ୱୟଂସେବିକା ଯୋଗଦେଇଥିଲେ।

# ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସାଧାରଣ ପରିଷଦ ବୈଠକ

ବଲାଙ୍ଗିର, ୨୭/୯ (ନି.ପ୍ର): ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସାଧାରଣ ପରିଷଦ ବୈଠକ ଆଜି ଉପ-ସଭାପତି ହରେକୃଷ୍ଣ ମେହେରଙ୍କ ସଭାପତିତ୍ୱରେ ସମାପ୍ତ ହୋଇଯାଇଛି । ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢୀଙ୍କ ସ୍ୱାଗତ ଭାଷଣ ପରେ ଏହି ଅନୁଷ୍ଠାନର ଜଣେ ସକ୍ରିୟ ସଭ୍ୟ ତଥା କାର୍ଯ୍ୟାଳୟ ସମ୍ପାଦକ ସ୍ୱର୍ଗତ ନରେନ୍ଦ୍ର କବାଟଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ତା'ପରେ ସଭାପତି ତାଙ୍କର ଅଭିଭାଷଣ ଦେଇ ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ସାଧାରଣ ସମ୍ପାଦକ କପିଳେଶ୍ୱର ଖମାରୀ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିବା ସହ କେତେ ଗୁଡିଏ ନୂତନ କାର୍ଯ୍ୟପନ୍ଥାର ପ୍ରସ୍ତାବ ଉପସ୍ଥାପନା କରିଥିଲେ । କିଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଦୁର୍ଗା ପ୍ରସାଦ ହୋତା, ଶିବ ଶଙ୍କର ରଥ, କିଶୋର ଚନ୍ଦ୍ର ସାଏ, ଶିବ ଶଙ୍କର ଖୁଆସ, ଦାମୋଦର ନାଏକ, ଚୈତନ୍ୟ ପଟେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ନୂତନ ସଭ୍ୟ ଭାବେ ସିନୁ ସୁନ୍ଦର ପାଢୀ ଏବଂ ବିଶ୍ୱଜିତ ଗୁରୁଙ୍କ ସ୍ୱାଗତ କରାଯାଇଥିଲା । କୋଷାଧ୍ୟକ୍ଷ ଚୁଡେନ୍ଦ୍ର କୁମାର ବେହେରା ସମସ୍ତ ଆୟ ବ୍ୟୟର ତଥ୍ୟ ପ୍ରଦାନ କରିବା ସହ ଆସନ୍ତା ବର୍ଷ ପାଇଁ ବଜେଟ ଉପସ୍ଥାପନା କରିଥିଲେ । ପରିଶେଷରେ ସୁନିଲ କୁମାର ବିଶ୍ୱାଲ ଧନ୍ୟବାଦ ଅର୍ପଣ କଲାପରେ ସଭାପତି ସଭା ସାଙ୍ଗ କରିଥିଲେ ।

# ଧର୍ମଶାଳାର ପ୍ରାକ୍ତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡାଙ୍କ ଜନ୍ମ ଜୟନ୍ତୀ ପାଳିତ

ଧର୍ମଶାଳା, ୨୭/୯ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକର ପ୍ରାକ୍ତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡାଙ୍କ ଜନ୍ମ ଜୟନ୍ତୀ ପାଳିତ । କାଙ୍ଗାଳି ପଣ୍ଡା ଚରିଟେବୁଲ ଟ୍ରଷ୍ଟ ପକ୍ଷରୁ ରସୁଲପୁର ବ୍ଲକ କୁଆଖିଆଠାରେ ୮୧ତମ ଜୟନ୍ତୀ ପାଳିତ ହୋଇଯାଇଛି । ବରିଷ୍ଠ କଂଗ୍ରେସ ନେତା ପ୍ରହଲ୍ଲାଦ ପଣ୍ଡାଙ୍କ ସଭାପତିତ୍ୱରେ ପ୍ରଦେଶ କଂଗ୍ରେସ କମିଟିର ସଂଗଠନ ସୃଜନ ଉପ ସଭାପତି ସୁଧାଂଶୁ ଶେଖର ଦେଓ, ଯାଜପୁର ଜିଲାର ନବ ନିଯୁକ୍ତ ଜିଲା ସଭାପତି ମାଗୁଣି ଚରଣ ଜେନା, କଂଗ୍ରେସ ନେତ୍ରୀ ମନୋରମା ଆଚାର୍ଯ୍ୟ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶିଭୁଷଣ ସାହୁ,ଏଆଇସିସି ସଦସ୍ୟା ମଧୁସ୍ମିତା ଆଚାର୍ଯ୍ୟ,ରସୁଲପୁର ବ୍ଲକ କଂଗେସ ସଭାପତି ମିହିର ମିଶ୍ର ଓ ପୂର୍ବତନ ବ୍ଲକ କମିଟି ସଭାପତି ଚନ୍ଦ୍ରମଣୀ ଦାଶ ପ୍ରମୁଖ ଯୋଗଦେଇ କାଙ୍ଗାଳୀ ପଣ୍ଡାଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ ।

# ରାଜ୍ୟସରକାରଙ୍କ ୩୫ଶହ ଭତ୍ତାରୁ ବଞ୍ଚିତ ଦିବ୍ୟାଙ୍ଗ ମହିଳା ରୁକ୍ମଣୀ

ନୀଳଗିରି , ୨୬/୯ (ନି.ପ୍ର): ଶହେ ପ୍ରତିଶତ ସରକାରୀ ଦିବ୍ୟାଙ୍ଗ ପ୍ରମାଣପତ୍ର। ମାତ୍ର ନୂଆସରକାରଙ୍କ ନୂଆ ଯୋଜନାର ସଫଳ ପାଇବାରୁ ବଞ୍ଚିତ ଔପଦା ବ୍ଲକ୍ କାଣ୍ଡଗରଡି ପଞ୍ଚାୟତ ସିକିଡିଆ ଗ୍ରାମର ୬୩ବର୍ଷୀୟା ବୃଦ୍ଧା ରୁକ୍ମଣୀ ନାୟକ। ରାଜ୍ୟରେ ମୋହନମାଝୀଙ୍କ ସରକାର କ୍ଷମତାକୁ ଆସିବାପରେ ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ହିତାଧିକାରୀ ଏବଂ ୮୫ପ୍ରତିଶତ ଦିବ୍ୟାଙ୍ଗ ମାନଙ୍କୁ ୩୫ଶହ ଭତ୍ତାପ୍ରଦାନ କରୁଛନ୍ତି। ମାତ୍ର ରୁକ୍ମଣୀଙ୍କୁ ୨୦୧୩ମସିହା ସେପଟ୍ମ୍ବେର ୨୬ତାରିଖ ଜିଲ୍ଲା ଜନସ୍ୱାସ୍ଥ୍ୟବିଭାଗ ଆଖିକୁ ସମ୍ପୂର୍ଣ୍ଣ ଦେଖା ଯାଉନଥିବାରୁ ଶତପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରିଥିଲେ ମଧ୍ୟ ଏବେବି ୧ହଜାର ଟଙ୍କା ଭତ୍ତା ପାଉଛନ୍ତି। ଏହାମଧ୍ୟରେ ପରିବାର ଲୋକେ ବାରମ୍ବାର ପଞ୍ଚାୟତ ଏବଂ ବ୍ଲକ ଦୌଡ଼ିଥିଲେ ମଧ୍ୟ ବର୍ଦ୍ଧିତଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ତେବେ କେବେ ପ୍ରଶାସନର ଦୃଷ୍ଟିପଡିବ ଏବଂ କେବେ ରୁକ୍ମଣୀର ଦୁଃଖଯିବ ତାକୁ ସମସ୍ତଙ୍କର ଅପେକ୍ଷା।

# ପଡିଆବାହାଲ ଶାରଦୀୟ ଉତ୍ସବ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୨୭/୯ (ନି.ପ୍ର): ସମ୍ବଲପୁର ଜିଲ୍ଲାର ଆକର୍ଷଣୀୟ ପଡିଆବାହାଲ ଶାରଦୀୟ ଉତ୍ସବ ଚଳିତ ବର୍ଷ ୫୨ ବର୍ଷରେ ପହଞ୍ଚିଥିବା ବେଳେ ଚଳିତ ବର୍ଷ ନିଆରା ଢଙ୍ଗରେ ପାଳନ କରାଯିବ ମାଁ ଦେବୀ ଦୁର୍ଗାଙ୍କ ଶାରଦୀୟ ଉତ୍ସବ। ସମ୍ପୂର୍ଣ୍ଣ ଅନୁକୂଳ ଭକ୍ତି ଭାବାବେଗରେ ଏହାକୁ ପାଳନ କରିବାକୁ କମିଟି ନିଷ୍ପତ୍ତି ନେଇଛି। ପୂର୍ବ ବର୍ଷ ପରି ଅତ୍ୟାଧୁନିକ ଗୀତ ନାଚ ବା ରାମଲୀଳା କାର୍ଯ୍ୟକ୍ରମ ନକରି ଏକ ଭକ୍ତିପୂର୍ଣ୍ଣ ଅନୁକୂଳ ପରିବେଶରେ ସ୍ୱଚ୍ଛ, ନିର୍ମଳ ଓ ଶାନ୍ତି ଶୃଙ୍ଖଳା ସହିତ ଏହା ପାଳନ କରାଯିବାକୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଜିଲ୍ଲା ପ୍ରଶାସନର ନିବେଦନକୁ ଗ୍ରହଣ କରି ପୂର୍ବ ଢାଞ୍ଚାକୁ ବଦଳାଇ ଆଧାତ୍ମିକ ଓ ଭକ୍ତି ରସାମୃତ ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ସମଗ୍ର ଜିଲ୍ଲାରେ ଏକ ନିଆରା ଶାରଦୀୟ ଉତ୍ସବ ଭେଟି ଦେବାକୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତ ବର୍ଷ ସମ୍ପୂର୍ଣ୍ଣ ବୈଦିକ ରୀତିନୀତି ଅନୁଯାଇ ମାଙ୍କ ପୂଜାବିଧି କରାଯିବ। ପର୍ଯ୍ୟାୟକ୍ରମେ ମାଙ୍କ ମଙ୍ଗଳ ଆଳତୀ, ମହାସ୍ନାନ, ପୀଠ ପୂଜା, ପାର୍ଶ୍ୱ ଦେବଦେବୀ, ମୁଖ୍ୟ ଦେବୀ ,ଷୋଡଶ ଉପଚାର ପୂଜା, ଚଣ୍ଡିପାଠ, ହୋମ, ମହାଆଳତୀ, ଶୟନ ଆଳତୀ, ସନ୍ଧିପୂଜା, ଚଣ୍ଡିହୋମ, ଅପରାଜିତା ପୂଜା ଭଳି ପୂଜାବିଧି ହେବ। ଦିଲ୍ଲୀ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ସର୍ବଭାରତୀୟ ପୌରାହିତ୍ୟ କର୍ମକାଣ୍ଡରେ ସ୍ୱର୍ଣ୍ଣପଦକ ବିଜେତା ହୋଇଥିବା ଆଚାର୍ଯ୍ୟ ସୌମ୍ୟରଞ୍ଜନ ବଡ଼ପଣ୍ଡା ଦେବଶର୍ମା ମାଙ୍କ ପୂଜାବିଧି କାର୍ଯ୍ୟ ସମ୍ପାଦନା କରିବେ। ଜାତୀୟ ଶିକ୍ଷା ନୀତିରେ ପରିବର୍ତ୍ତନ ହୋଇଥିବାରୁ ବ୍ୟବସାୟିକ ସାଂସ୍କୃତିକ କାର୍ଯ୍ୟକ୍ରମରୁ ଦୁରେଇ ରହି ଜିଲ୍ଲା ସ୍ତରୀୟ ପ୍ରତିଭା ବିକାଶକୁ ଆଖି ଆଗରେ ରଖି ବିଭିନ୍ନ ସ୍କୁଲ, କଲେଜ, ମହାବିଦ୍ୟାଳୟ, ବିଭିନ୍ନ କ୍ଲବ ଓ ଗୋଷ୍ଠି ମାନଙ୍କ ସାମାଜିକ, ଆଧାତ୍ମିକ, ଦେଶ ଓ ମାତୃ ବନ୍ଦନା, ଓଡିଶୀ, ଦଶବତାର, ଲୋକ ସଂସ୍କୃତି, ଲୋକ ଗୀତ, ପାରମ୍ପରିକ ନୃତ୍ୟ ଗୀତ, ସାମାଜିକ ବାର୍ତ୍ତା ଭଳି କେବଳ ଗୋଟିଏ ମଞ୍ଚରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ସାଂସ୍କୃତିକ ସମ୍ପାଦକ ଝସକେତନ ନାଏକ ଓ ସଂଯୋଜକ ଡାକ୍ତର ରାଜାରାମ ଷଡ଼ଙ୍ଗୀଙ୍କ ସହିତ ଯୋଗାଯୋଗ କରିବାକୁ ପୂଜା କମିଟି ପକ୍ଷରୁ ସଭାପତି ହରିହର ନାୟକ ଓ ସମ୍ପାଦକ ଦେବାନନ୍ଦ ଭୁସାଗର ସୂଚନା ଦେଇଛନ୍ତି। ସମସ୍ତ ଅଂଶଗ୍ରହଣ କାରି ଦଳ ଓ କଳାକାରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ଓ ସିଲଡ଼ ପ୍ରଦାନ କରାଯାଇ ସମ୍ମାନିତ କରାଯିବା କାର୍ଯ୍ୟକ୍ରମ ରହିଛି। ଏହି ଶାରଦୀୟ ଉତ୍ସବକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱମନ୍ତ୍ରୀ ସୁରେଶ ପୁଝାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଆଇଜି ହିମାଂଶୁ କୁମାର ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଆରକ୍ଷୀ ଅଧିକାରୀ ମୁକେଶ କୁମାର ଭାମୁଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ନିମନ୍ତ୍ରଣ କରାଯାଇଛି। ଚଳିତ ବର୍ଷ ସବୁ ଢାଞ୍ଚା ପରିବର୍ତ୍ତନ ହୋଇଥିଲେ ମଧ୍ୟ ପୂର୍ବ ବର୍ଷ ମାନଙ୍କ ପରି ଦଶମୀ ତିଥିରେ ରାବଣପୋଡି କାର୍ଯ୍ୟକ୍ରମ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହେବ।

# ଲଣ୍ଡନର ସଂସଦ ହାଉସ ଅଫ ଲର୍ଡସ୍‌ରେ ଓଡ଼ିଆ ଶିକ୍ଷାବିତ୍ ସମ୍ମାନିତ

କେନ୍ଦୁଝର, ୨୭/୯ (ନି.ପ୍ର): ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲଣ୍ଡନ ସଂସଦ ଗୃହ ହାଉସ ଅଫ ଲର୍ଡସ୍ ଠାରେ ଆୟୋଜିତ ଏକ ଆନ୍ତର୍ଜାତିକ ସମ୍ମିଳନୀରେ କେନ୍ଦୁଝରର ଶିକ୍ଷାବିତ୍ ମଳୟ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଛି। କେନ୍ଦୁଝର ଜିଲ୍ଲାର ବିଦ୍ୟା ଭବନ ଓ ମନୋରମା ବିଦ୍ୟା ଭବନ ସ୍କୁଲ ର ପ୍ରତିଷ୍ଠାତା ତଥା ଗୋନାଶିକା ରିସର୍ଚ୍ଚ ଫାଉଣ୍ଡେସନ ର ନିର୍ଦ୍ଦେଶକ ମଳୟ ମହାପାତ୍ର ଏହି ଆନ୍ତର୍ଜାତିକ ଆଲୋଚନାଚକ୍ରରେ ଶ୍ରେଣୀଗୃହ ବ୍ୟତୀତ ବାହ୍ୟ ପରିବେଶକୁ ନେଇ ଜ୍ଞାନ ଆହରଣ ବିଷୟରେ ଆଲୋକପାତ କରିଥିଲେ। ଭାରତର ଉନ୍ନତ ପ୍ରାଚୀନ ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ଓ ଏବେ ଏହାର ପ୍ରାସଙ୍ଗିକତାକୁ ଉପସ୍ଥାପନ କରିଥିଲେ। ସେପଟ୍ମ୍ବେର ୨୬ ରେ ଏସିଆ ଟୁଡେ ମିଡିଆ ଓ ଇଣ୍ଡୋ ଇଉରୋପ ରିଲେସନ ଦ୍ୱାରା ଆୟୋଜିତ ଏହି ଆନ୍ତର୍ଜାତିକ ସମ୍ମିଳନୀରେ ଲର୍ଡ କେ.ସି. ବ୍ରେନନ୍ ମାଳୟଙ୍କୁ ସମ୍ମାନିତ କରିଥିଲେ। ଶିକ୍ଷା ଓ ସମାଜ ସେବା କ୍ଷେତ୍ରରେ ଅବଦାନ ପାଇଁ ପୂର୍ବରୁ କ୍ରିଷ୍ଟିଆନ ୟୁନିଭର୍ଶିଟି ରୁ ମଳୟ ସମ୍ମାନ ଜନକ ଡକ୍ଟରେଟ ଓ ଦୁବାଇ ଠାରେ ବିଶ୍ୱ ଶିକ୍ଷା ସମ୍ମିଳନୀରେ ଶିକ୍ଷା ପୁରସ୍କାର ୨୦୨୦ ରେ ସମ୍ମାନିତ ହୋଇ ସାରିଛନ୍ତି। ୧୯୯୦ ମସିହାରେ କେନ୍ଦୁଝର ସାକ୍ଷରତା ଅଭିଯାନରେ କାର୍ଯ୍ୟ ଆରମ୍ଭ କରି କେନ୍ଦୁଝର ଜିଲ୍ଲା ଖୁଦପସି ଠାରେ ନିଜସ୍ୱ ପ୍ରଚେଷ୍ଟାରେ ବିଦ୍ୟା ଭବନ୍ ଆବାସିକ ବିଦ୍ୟାଳୟ ସ୍ଥାପନ କରି ଶତାଧିକ ଛାତ୍ରଛାତ୍ରୀଙ୍କୁ ମଣିଷ କରିବାରେ ମଳୟଙ୍କ ମୁଖ୍ୟ ଭୂମିକା ରହିଛି। ଏହାସହ ଗୋନାଶିକା ଗୋବେଷଣା। କେନ୍ଦ୍ର ସ୍ଥାପନ କରି ଜିଲ୍ଲାର ବିଭିନ୍ନ ବିଷୟରେ ଗବେଷଣାତ୍ମକ କାର୍ଯ୍ୟ ଚାଲୁ ରଖିଛନ୍ତି।

# ଧାନ ଚାଷରେ ରୋଗ ଓ ନିରାକରଣ ନିମନ୍ତେ ବିଭାଗୀୟ ପଦକ୍ଷେପ

କେନ୍ଦ୍ରାପଡ଼ା, ୨୭/୯ (ନି.ପ୍ର):କେନ୍ଦ୍ରାପଡ଼ା ଜିଲ୍ଲା କୃଷି ବହୁଳ ଜିଲ୍ଲା ଥିବାରୁ ଅଧିକାଂଶ ବ୍ୟକ୍ତି କୃଷି ଉପରେ ଗୁରୁତ୍ୱ ପ୍ରଦାନ କରିଥାନ୍ତି। ଚଳିତ ବର୍ଷ ଖରିଫ ଋତୁରେ ବର୍ଷାର ପରିମାଣ ଓ ଅନୁକୂଳ ପରିବେଶ ଦେଖି ଚାଷୀମାନେ ଗତବର୍ଷ ଅପେକ୍ଷା ୨ ଗୁଣ ୟୁରିଆ ସାର ପ୍ରୟୋଗ କରିଛନ୍ତି। ଏହା ମଧ୍ୟ କୃଷି ବିଭାଗ ତରଫରୁ ସୁରୁଖୁରୁ ଭାବରେ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ କୃଷି ସମବାୟ ସମିତି ଓ ଖୁଚୁରା ବିକ୍ରେତାମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲିକଙ୍କ ମନ୍ତବ୍ୟ ଅନୁସାରେ ଚାଷୀମାନେ ନିର୍ଦ୍ଧାରିତ ପରିମାଣର ପଟାସ ପକାଇ ନାହାଁନ୍ତି। ଯାହା ଫଳରେ ଆଗକୁ ରୋଗ ପୋକ ଲାଗିବାର ସମ୍ଭାବନା ରହିଛି। ଏହାର ନିରାକରଣ ନିମନ୍ତେ ଚାଷୀମାନେ ଏକରକୁ ୨୫ କେଜି ପଟାସ ନିହାତି ପକାଇବା ଦରକାର। ଏହାସହିତ ନିକଟସ୍ଥ କୃଷି ବିଭାଗ ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ଯୋଗାଯୋଗ ରଖି ସଠିକ୍ ସମୟରେ ସଠିକ୍ ପରିମାଣର ଆବଶ୍ୟକ ଔଷଧ ପକାଇବା ନିହାତି ଦରକାର। ଏ ବର୍ଷ ଧାନଚାଷ ଭଲ ହୋଇଥିବାରୁ ଏପର୍ଯ୍ୟନ୍ତ ଆଖିଦୃଶିଆ କ୍ଷୟକ୍ଷତି ଜଣା ପଡ଼ିନଥିବାରୁ ଏବର୍ଷ ପ୍ରଚୁର ପରିମାଣରେ ଧାନ ଉତ୍ପାଦନ ହେବାର ଆଶା କରାଯାଉଛି। କିନ୍ତୁ କିଛି ସ୍ଥାନରେ ଧାନଗଛ ନାଲି ପଡ଼ିଯାଉଛି ଏବଂ ସଢ଼ି ଯାଉଛି। ଏହାକୁ ସିଥ୍ ବ୍ଲାଇଟ୍ + ବିଏଲ୍‌ବି କୁହନ୍ତି। ଏହି ରୋଗର ନିରାକରଣ ନିମନ୍ତେ ଆଜୋକ୍ସି ଷ୍ଟ୍ରବିନ୍-୧୫ ଗ୍ରାମ ଓ ପ୍ଲାନଟୋମାଇସିନ୍-୧୫ ଏମ୍‌ଏଲ୍ ୧୫ ଲିଟର ଡ୍ରମରେ ଏକରକୁ ୧୩ ଡ୍ରମ ହିସାବରେ ସିଂଚନ କରିବା ନିହାତି ଆବଶ୍ୟକ ବୋଲି ଜିଲ୍ଲାର ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କୁ ବିଭାଗୀୟ ତରଫରୁ ଜଣାଇଛନ୍ତି।

# ୨୦୦ ଗ୍ରାମ ବ୍ରାଉନସୁଗାର ଜବତ : ୨ ଗିରଫ

ପୁରୀ, ୨୭/୯ (ନି.ପ୍ର): ପୁରୀ ସଦରଥାନା ଅଧୀନ ନୀଳଚକ୍ର ନଗରରୁ ପୋଲିସ ୨ ଶହ ଗ୍ରାମ ବ୍ରାଉନସୁଗାର ଜବତ କରିଛି । ଏ ସମ୍ପର୍କରେ ପୁରୀ ସଦରଥାନାରେ ୫୭୮/୨୫ ରେ ମାମଲା ରୁଜୁ କରି ଅଭିଯୁକ୍ତ ନୀଳଚକ୍ର ନଗରର ସୁକାନ୍ତି ପଣ୍ଡା (୬୦) ଓ ବାଲେଶ୍ୱର ଜିଲ୍ଲା ଜଳେଶ୍ୱରର ମହମ୍ମଦ ଶାଜଦ ଓରଫ ରାଜା ( ୩୦)କୁ ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି । ତା' ଠାରୁ ୨ଶହ ଗ୍ରାମ ବ୍ରାଉନସୁଗାର, ଗୋଟିଏ ବାଇକ, ଦୁଇଟି ମୋବାଇଲ ଫୋନ ଓ ନଗଦ ୫ ହଜାର ୨ ଶହ ଟଙ୍କା ପୋଲିସ ଜବତ କରିଛି । ଏହାର ଆନୁମାନିକ ମୂଲ୍ୟ ୨୨ ଲକ୍ଷ ଟଙ୍କା ହେବ । ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଏହି ଚଢଉ କରିଥିଲା । ଏ ସମ୍ପର୍କରେ ଶନିବାର ସଂଧ୍ୟାରେ ଏସପି ପ୍ରତୀକ ସିଂଙ୍କ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଅପରେସନ ଚକ୍ର ଜିଲ୍ଲା ସାରା ବୁଲୁଛି । ନିଶା କାରବାର ରୋକିବା ପାଇଁ ଜିଲ୍ଲାର ସମସ୍ତ ଥାନା ଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି । ପୁରୀ ଜିଲ୍ଲାରେ ଅପରାଧ ରୋକିବା ଓ ନିଶା କାରବାର ବନ୍ଦ କରିବା ପାଇଁ କଡା ପଦକ୍ଷେପ ନିଆଯାଉଛି । ନିଶା ଆସୁଛି କେଉଁଠୁ, ଆଣୁଛି କିଏ, ରଖୁଛି କିଏ ଓ ବିକ୍ରି କରୁଛି କିଏ ପୋଲିସ ତୀକ୍ଷ୍ଣ ନଜର ରଖିଛି । ମହିଳା ଜଣକ ବହୁ ଦିନ ଧରି ଏହି ବେପାର କରୁଥିଲେ । ଆଗକୁ ଏହି ଚଢ଼ଉ ଯୋରଦାର କରାଯିବ ବୋଲି ଏସପି ଶ୍ରୀ ସିଂ କହିଛନ୍ତି ।

# ଖତ ଖାଉଛି ଗାଈଖାଇ ଡେମ୍

ବଲାଙ୍ଗିର, ୨୭/୯ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଜାତୀୟ ରାଜପଥ ପ୍ରାୟ ୩୦ କି.ମି. ଦୂର ମୁଖ୍ୟ ରାସ୍ତା ବଲାଙ୍ଗିର ସମ୍ବଲପୁର ୨୬ ନମ୍ବର ଜାତୀୟ ରାଜପଥ ଗାଈଖାଇ ଡେମ୍ ଏମ୍‌ଆଇ ପ୍ରକଳ୍ପ ଏହା ପରିଷଦକୁ ପର୍ଯ୍ୟଟନ ବିକଶିତ କରାଯାଇଥିଲା ଏବଂ ପର୍ଯ୍ୟଟନର କେନ୍ଦ୍ରସ୍ଥଳି ପାଲଟି ଥିଲା। ଇକୋ ଟୁରିଜିମ କ୍ଷେତ୍ରରେ ପରିଣତ ହୋଇଥିଲା । ରାଜ୍ୟ ସରକାର ରାଜସ୍ୱ କୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରି ଏହି ଡ୍ୟାମର ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ଗତ ତା.୦୫.୧୧.୨୦୨୩ ରେ ଲୋକଙ୍କ ପାଇଁ ଉଦ୍‌ଘାଟିତ ହୋଇଥିଲା । ଦୀର୍ଘ ୨୩ ମାସ ହେବ ଗାଈଖାଇ ଡ୍ୟାମ ବନ୍ଦ ହୋଇ ପଡିଥିବା ବେଳେ ଆଜି ବିଶ୍ୱ ପର୍ଯ୍ୟଟନ ଦିବସ ଦେଶ ସାରା ପାଳନ କରୁଥିବା ବେଳେ ଆଜି ଡ୍ୟାମ କଥା ନ କହିବା ଭଲ। ମିଶିନ ଗୁଡିକ ସମ୍ପୁର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଆବର୍ଜନାରେ ପୋତି ହୋଇଯାଇଛି । ଏନଏଚ୍ ରାସ୍ତା ମଧ୍ୟ ମରାମତି ହୋଇପାରିଲା ନାହିଁ । ସ୍ଥାନୀୟ ଅଭିଯୋଗ ଅନୁସାରେ, ପାରାଦୀପରୁ ପୁରୁଣା ମେସିନକୁ ରଙ୍ଗ ଦେଇ ଲଗାଯାଇଥିବା ଓ କୋଟି କୋଟି ଟଙ୍କା ହଡପ ହୋଇଛି ବୋଲି ଦାବି କରିଥିଲେ। ସେହିଭଳି ରାଣୀପୁର ଝରିଏଲ, ହରିଶଙ୍କର, ଭୀମ ଡୁଙ୍ଗୁରି ଓ ପାଟେଣେଶ୍ୱରୀ ପୀଠ ମଧ୍ୟ ଅବହେଳିତ ହୋଇ ରହିଯାଇଛି, ଉନ୍ନତି ହେଲେ ଅନେକ ଦେଶୀୟ ଓ ବିଦେଶୀ ପର୍ଯ୍ୟଟକ ଆସନ୍ତେ। ଏହି ଅବସରରେ ଦେବାଳୟ ସୁରକ୍ଷା କମିଟି, ନାଗରିକ କମିଟି ଓ ବଲାଙ୍ଗିରର ବୁଦ୍ଧିଜିବି ଏହି ଡ୍ୟାମକୁ ପରିଦର୍ଶନ କରିଥିଲେ। ଡ୍ୟାମର ସମସ୍ୟା ଗୁଡିକୁ ଦେଖି ଏବଂ ପାଖରେ ଥିବା ପାର୍କ ମଧ୍ୟ ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଯାଇଥିବା ବେଳେ ସ୍ଥାନୀୟ ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଏବଂ ଜିଲ୍ଲା ପ୍ରଶାସନଙ୍କ ସହ ଆଲୋଚନା କରିବେ ଏବଂ ଦାବି କରିବେ ବୋଲି ଆଲୋଚନା ହୋଇଥିଲା ।

ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ନାଗରିକ କମିଟିର ସଂପାଦକ ମଧୁସୁଦନ ନାୟକ, ସୁରେନ୍ଦ୍ର ନେଗୀ, ପ୍ରଶାନ୍ତ ମହାକୁର, ଶମ୍ଭୁ ପ୍ରସାଦ ଶତପଥୀ ଏବଂ ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୮ ସେପ୍ଟେମ୍ବର ୨୦୨୫
email : rabibarachayan2015@gmail.com



## ଧାରାବାହିକ ଉପନ୍ୟାସ

# ବୈଦେହୀ

ଡ.ଭାଗବତ ବେହେରା





**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୧୧୪

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ସେଠାରେ କେମିତି ଅଛ, କେମିତି ଦିନ ବିତାଉଛ ସେ ବିଷୟରେ ମୁଁ ଦିନେ ହେଲେ ବୁଝିନାହିଁ । ଏଭଳି ଜଣେ ସ୍ୱାମୀକୁ ତୁମେ କେଉଁ ଦୃଷ୍ଟିରେ ଦେଖୁଥିବ ମୁଁ ଜାଣେନା, ହେଲେ ଅଯୋଧ୍ୟାର ରାଜା ଭାବେ ମୁଁ ତୁମର ସେ ସ୍ୱାମକୁ ଗୁରୁତର ଦଣ୍ଡ ଦେବି । ମୁଁ ରାଜା ଭାବରେ ମୁଁ ତୁମର ସ୍ୱାମୀ ରାମକୁ ଯଦି ମୃତ୍ୟୁଦଣ୍ଡ ଦିଏ, ତାହା ତୁମେ ସହିପାରିବ ତ ଦେବୀ ? କଣ କରିବି କୁହ ସୀତେ ? ମୋ ହସ୍ତପଦରେ ରାଜଦଣ୍ଡର ଶୃଙ୍ଖଳ ଲାଗିଚି । ସେଥିପାଇଁ ମୁଁ ନାଚାର । ଏତେ ସତ୍ତ୍ୱେ ବି ମୁଁ ତୁମ ପ୍ରତି ଅନ୍ୟାୟ କରିନାହିଁ । ଏ ଅଶ୍ୱମେଧ ଯଜ୍ଞ ପାଇଁ ମୋତେ ମୋ ମାଆ ମାନେ, ମୋର ଭାଇମାନେ, ମୋର କୁଳଗୁରୁ ବିଶ୍ୱାମିତ୍ର, ବଶିଷ୍ଠ ଆଦି ମହର୍ଷିମାନେ ମୋତେ ଦ୍ୱିତୀୟ ପତ୍ନୀ ଗ୍ରହଣ ପାଇଁ ପ୍ରବର୍ତ୍ତାଇଥିଲେ ବି ମୁଁ ତାହା କରିନାହିଁ । ବାସର ରାତିରେ ଦୀପଛୁଇଁ ତୁମ ପତି ରାମ ଯେଉଁ ଶପଥ ନେଇଥିଲା ସେ ଶପଥ ମୁଁ ରକ୍ଷା କରିଛି । ତୁମ ସ୍ଥାନରେ ବସାଇ ଦେଇଛି କନକରେ ନିର୍ମିତ ସୀତାକୁ । ସେ ସୀତା ମୁଣ୍ଡରେ କେହି ସିନ୍ଦୂର ଦେଇପାରି ନଥିଲେ । ମୋର ମାଆମାନେ, ତୁମର ଭଉଣୀମାନେ ଏପରିକି ମୁଁ ଅନେକ ଚେଷ୍ଟା କରି ମଧ୍ୟ ତାହା ପାରିନଥିଲି । ତୁମେ ଆସି ସେ ଭୂମିକା ଲିଭାଇ ଦେଇଗଲ ଦେବୀ । ତୁମ ସ୍ୱାମୀର ମାନ ମର୍ଯ୍ୟାଦାକୁ ରକ୍ଷା କରି ଦେଇଗଲ । ରକ୍ଷା ନକରିଥାନ୍ତ କେମିତି ? ତୁମେ ପରା ରଘୁବଂଶର କୁଳବଧୂ । ସେହି ସୀତାକୁ ଆଣି ମୁଁ ଯଜ୍ଞବେଦୀରେ ମୋ ବାମପାର୍ଶ୍ୱରେ ଧାରଣ କରି ଯଜ୍ଞ କାର୍ଯ୍ୟ ସମ୍ପାଦନ କରୁଅଛି । ମହର୍ଷି ବାଲ୍ମିକୀଙ୍କ ସହିତ ତୁମ ପୁତ୍ର କୁଶ ଲବ ଆସିଛନ୍ତି। ତାଙ୍କୁ ପ୍ରଥମେ ଦେଖି ମୁଁ ଜାଣି ପାରିଥିଲି, ସେମାନେ ରାମ ରକ୍ତର ବୋଲି । ତାଙ୍କ କଣ୍ଠରୁ ଝରୁଥିବା ସୁମଧୁର ରାମାୟଣ ମୋତେ ଚିହ୍ନାଇ ଦେଲା ସେମାନେ ରଘୁବଂଶର ଉତ୍ତରାଧିକାରୀ। ଏବେ ତୁମ ପୁତ୍ର ଦ୍ୱୟ ମୋ ପାଖରେ । ମା' କୌଶଲ୍ୟା, କୈକେୟୀଙ୍କର ସେମାନେ ହୋଇପଡ଼ିଛନ୍ତି ଅତି ଆଦରର ସୁନା କଣ୍ଢେଇ । ଏବେ ମୋର ମାତାମାନେ, ମୋ ରାଜ୍ୟର ପ୍ରଜାମାନେ ଯଜ୍ଞସ୍ଥଳକୁ ଆସିଥିବା ସମସ୍ତ ରାଜା ସାଧୁ, ସନ୍ଥ, ମୁନି, ଋଷିମାନେ, ଏ ଯଜ୍ଞାନୁଷ୍ଠାରେ ତୁମର ଉପସ୍ଥିତି କାମନା କରୁଛନ୍ତି । ମୋ ପ୍ରଜାମାନଙ୍କର ଅନୁରୋଧ ରକ୍ଷା କରି ମୁଁ ମଧ୍ୟ ଚାହୁଁଛି ତୁମେ ଫେରିଆସ ଜାନକୀ । ଫେରିଆସି ସୁନା ସୀତା ସ୍ଥାନରେ ତୁମେ ଉପବେଶନ କରି ଏ ରାମର ଖ୍ୟାତି, ମର୍ଯ୍ୟାଦାକୁ ବଢ଼ାଇ ଦିଅ । ତୁମ ନିକଟରେ ମୁଁ ଦୋଷୀ ବୈଦେହୀ । ସ୍ୱାମୀ ଯେତେ ଦୋଷକଲେ ମଧ୍ୟ ସ୍ତ୍ରୀ ସେ ଦୋଷ ଧରେ ନାହିଁ । ମୁଁ ଜାଣେ ତୁମେ ମୋତେ ନିଶ୍ଚୟ କ୍ଷମା କରିଦେବ । ମୁଁ ତୁମକୁ ଆଣିବାପାଇଁ ବାଲ୍ମିକୀ ଆଶ୍ରମକୁ ଯାଇଥାନ୍ତି, ମାତ୍ର ତାହା ସମ୍ଭବ ନୁହେଁ । ଏ ଯଜ୍ଞାନୁଷ୍ଠାନରେ ପୁରୋଧା ଭାବରେ ମୁଁ ଯଜ୍ଞସ୍ଥଳ ଛାଡ଼ି ଯାଇପାରିବି ନାହିଁ । ସେଥିପାଇଁ ଏ ପତ୍ରଟି ଲକ୍ଷ୍ମଣ ହସ୍ତରେ ଦେଇ ତାକୁ ମୁଁ ବାଲ୍ମିକୀଙ୍କ ଆଶ୍ରମକୁ ପଠାଇ ଦେଉଛି । ଲକ୍ଷ୍ମଣ ସହିତ ନିଜେ ମହର୍ଷି ବାଲ୍ମିକୀ ମଧ୍ୟ ଯାଉଛନ୍ତି ତୁମକୁ ଆଣିବାକୁ । ମୋର ଦୃଢ଼ ଆଶା ଓ ବିଶ୍ୱାସ ମୋର ପତ୍ର ପାଇ ତୁମେ ବସିବା ସ୍ଥାନରୁ ଉଠି ଆସିବ । ତୁମ ଆସିବା ପଥକୁ ଚାତକ ଭଳି ମୁଁ ଅନାଇ ରହୁଛି ।

ଇତି

ତୁମର ହତଭାଗ୍ୟ ସ୍ୱାମୀ ଶ୍ରୀରାମ

ଚିଠିକୁ ଲେଖି ମୁଦକରି ଲକ୍ଷ୍ମଣଙ୍କ ହସ୍ତକୁ ବଢ଼ାଇ ଦେଇଥିଲେ ପ୍ରଭୁ ଶ୍ରୀରାମ । ପତ୍ରଟିକୁ ଧରି ମହର୍ଷି ବାଲ୍ମୀକିଙ୍କ ସହିତ ନୈମିଷାରଣ୍ୟରୁ ବାହାରି ଆସିଥିଲେ ଲକ୍ଷ୍ମଣ ।

### ।। ବାଇଶ ।।

ଅଯୋଧ୍ୟାର ନୈମିଷାରଣ୍ୟରୁ ରାଘବଙ୍କ ପତ୍ର ନେଇ ଆସିଛନ୍ତି ଲକ୍ଷ୍ମଣ । ସଂଗରେ ମହର୍ଷି ବାଲ୍ମିକୀ । ଆଶ୍ରମର ଶୋଭା ଦର୍ଶନ କରି ଲକ୍ଷ୍ମଣ ଅଭିଭୂତ ହୋଇ ପଡୁଥା'ନ୍ତି । କି ସୁନ୍ଦର ଏ ଆଶ୍ରମ । କି ଶାନ୍ତି, କି ତୃପ୍ତି କି ଆନନ୍ଦ ପୂରି ରହିଛି ଏ ଆଶ୍ରମରେ । ମୁନିକନ୍ୟାମାନେ ଦଳଦଳ ହୋଇ ହସିହସି ଆଶ୍ରମର ନାନା କାମରେ ଲାଗିଛନ୍ତି । ମୁନି ଋଷିଙ୍କ ପାଇଁ ନିର୍ମିତ ହୋଇଛି ଧାଡ଼ିଧାଡ଼ି କୁଟୀର । ସହସ୍ର ସହସ୍ର ସଂଖ୍ୟାରେ ବୃକ୍ଷଲତା, ପୁଷ୍ପରାଜିରେ ଶୋଭିତ ମହର୍ଷି ବାଲ୍ମିକୀଙ୍କ ଆଶ୍ରମ । ଲକ୍ଷ୍ମଣ ଚାରିଦିଗକୁ ଚକ୍ଷୁବୁଲାଇ ଦେଖିଲେ । କେଉଁଠି ହେଲେ ସେ ମାତା ଜାନକୀଙ୍କୁ ଦେଖିବାକୁ ପାଉ ନାହାଁନ୍ତି । ମହର୍ଷିଙ୍କୁ ପଚାରିବେ ପଚାରିବେ ବୋଲି ଭାବୁଛନ୍ତି, କିନ୍ତୁ ପଚାରିପାରୁ ନାହାନ୍ତି । ଏହି ସମୟରେ ଜଣେ ବୟସ୍କା ତପସ୍ୱିନୀ ଆସି ମହର୍ଷିଙ୍କୁ ପ୍ରଣାମ କରି ପଚାରିଥିଲେ "ପ୍ରଭୁ ଶ୍ରୀରାମଙ୍କ ଅଶ୍ୱମେଧ ଯଜ୍ଞ କ'ଣ ଏତେ ଶୀଘ୍ର ଶେଷ ହୋଇଗଲା ମହର୍ଷି ? ଆପଣ ଏକା ଆସିଲେ ଅନ୍ୟାନ୍ୟ ମୁନିଋଷି ମାନେ କାହାନ୍ତି ? କାହାନ୍ତି ମୁନିକୁମାର କୁମାରୀଗଣ ? କାହାନ୍ତି କୁଶଲବ ?" ସେ ତପସ୍ୱିନୀଙ୍କର କଥା ଶୁଣି ମହର୍ଷି ବାଲ୍ମିକୀ କହିଥିଲେ, ଅନୁକମ୍ପା ତୁମେ ମୋତେ ଏକାଥରେ ଏତେ ପ୍ରଶ୍ନ ପଚାରିଲେ ମୁଁ କେଉଁ ପ୍ରଶ୍ନର ଉତ୍ତର ଦେବି । ରାଜା ରାମଚନ୍ଦ୍ରଙ୍କର ଅଶ୍ୱମେଧ ଯଜ୍ଞ ଚାଲିଛି ।ସେ କାର୍ଯ୍ୟ ସରିନାହିଁ । ତେଣୁ ମୋ ସହିତ ସେମାନେ କେହି ଆସି ନାହାନ୍ତି । ଲବ କୁଶ ମଧ୍ୟ ।

ସେମାନେ ଭଲରେ ଅଛନ୍ତି ତ ମହର୍ଷି ?

ହଁ ବହୁତ ଭଲରେ ଅଛନ୍ତି । ତାଙ୍କ ପିତାଙ୍କ ସହିତ, ଜେଜେମା ମାନଙ୍କ ସହିତ, ସେମାନଙ୍କର ପରିଚୟ ହୋଇସାରିଛି ।

ମହର୍ଷି ! ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ତପସ୍ୱିନୀ ଅନୁକମ୍ପା ।

ହଁ ଅନୁକମ୍ପା । ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ରକ୍ତ ସହିତ ରକ୍ତର ପରିଚୟ ହୋଇଗଲା । ପରିଚୟ ପରେ ମିଳନ । ତାପରେ ଅଯୋଧ୍ୟାରେ ଆନନ୍ଦର ବନ୍ୟା ।

ଆପଣଙ୍କର ରାମାୟଣ ଏ ମଧୁର ମିଳନର ସମନ୍ୱୟ ଘଟାଇଛି ନିଶ୍ଚୟ ।

ତୁମେ ଠିକ୍ କହିଛ ଅନୁକମ୍ପା । ଦୀର୍ଘଦିନର ସାଧନା ମୋର ସଫଳ ହୋଇଛି । ମୁଁ ଯଦି ରାମାୟଣ ରଚନା କରିନଥା'ନ୍ତି ତାହେଲେ କ'ଣ ପିତା ପୁତ୍ରଙ୍କର ମିଳନ ହୋଇଥାନ୍ତା ?

ଆଉ ମୋ ଅଭାଗିନୀ ମା' ବୈଦେହୀ ?

ସେଇଥିପାଇଁ ତ ମୁଁ ଆସିଛି ଅନୁକମ୍ପା । ସୀତାଙ୍କୁ ଏଠାରୁ ନେଇଯିବା ପାଇଁ ମୁଁ ଆସିଛି । ଏହି ଦେଖ ମୋ ସହିତ ରାମଙ୍କ ଅନୁଜ ଲକ୍ଷ୍ମଣ ଆସିଛନ୍ତି । ପ୍ରଭୁ ଶ୍ରୀରାମ ଲକ୍ଷ୍ମଣଙ୍କ ହସ୍ତରେ ପତ୍ରଟିଏ ଲେଖି ପଠାଇଛନ୍ତି । ସୀତା ଆମ ସହିତ ଗଲେ ଅଶ୍ୱମେଧ ଯଜ୍ଞରେ ସ୍ୱାମୀଙ୍କ ପାର୍ଶ୍ୱରେ ଉପବେଶନ କରିବେ ।

ବାଲ୍ମିକୀଙ୍କ ତୁଣ୍ଡରୁ ବଚନ ନସରୁଣୁ ଭୋ ଭୋ ହୋଇ କାନ୍ଦି ଉଠିଥିଲେ ଅନୁକମ୍ପା । ଆପଣ ଏ କ'ଣ କହୁଛନ୍ତି ମହର୍ଷି । ସୀତା ଏ ଆଶ୍ରମର ଜୀବନ । ଆମ ସମସ୍ତଙ୍କର ଜୀବନ । ମହର୍ଷି ବାଲ୍ମିକୀଙ୍କର କନ୍ୟା ସେ । ସୀତାଙ୍କୁ ଛାଡ଼ି ଆମେମାନେ ବଞ୍ଚିବୁ କିପରି ? ନହେଉ ତୁମ ରାମର ଅଶ୍ୱମେଧ ଯଜ୍ଞ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ମନୁଷ୍ୟତା ଓ ସଭ୍ୟତାର ପ୍ରତୀକ ରାମ

ଗୋପାଳ ମହାପାତ୍ର



ଶାରଦୀୟ ନବରାତ୍ରୀ ହିନ୍ଦୁ ସଂସ୍କୃତିର ଏକ ପ୍ରମୁଖ ଉତ୍ସବ। ସତ୍ୟର ବିଜୟର ପ୍ରତୀକ ଭାବେ ନବରାତ୍ରୀର ଅନ୍ତିମ ଦିନକୁ ଦଶହରା ଭାବେ ପାଳନ କରିବାର ପରମ୍ପରା କାହିଁ କେତେ ଯୁଗରୁ ରହି ଆସିଛି। ଆଯୋଧ୍ୟା ନନ୍ଦନ ରାମ ଲଙ୍କାପତି ରାବଣଙ୍କୁ ବଧ କରିଥିଲେ ଏହି ଦିନ। ଏହି ଉତ୍ସବ ବା ପର୍ବ ରାମଙ୍କ ବିଭିନ୍ନ ପକ୍ଷକୁ ଉଜାଗର କରିଥାଏ। ଏଥିରେ ରାମଙ୍କ ମାନବୀୟ ରୂପ ଭାରତୀୟ ଜନତାଙ୍କ ପାଇଁ ମହାନାୟକତ୍ୱ ଅଟେ। ରାମଙ୍କ ଜୀବନ ଏକ ଗହନ ସାଂସ୍କୃତିକ ପାଠ। ଏହା ଏମିତି ଏକ ବର୍ଣ୍ଣମାଳା ଯେଉଁଥିରେ କୋହ୍ଲ, କିରାତ, ଭିଲ ବନବାସୀ, ସମସ୍ତେ ସାମିଲ। ତାଙ୍କ ଉତ୍ସବ ଅତୀତର ସମାରୋହଣ ନୁହେଁ, ବର୍ତ୍ତମାନ ପାଇଁ ମଧ୍ୟ ସର୍ବଶ୍ରେଷ୍ଠ ଦିଗ୍‌ଦର୍ଶନ ଅଟେ। ଯେପରିକି- ବିରୋଧାତ୍ମକ ପରିସ୍ଥିତିକୁ ଅନୁକୂଳରେ ପରିଣତ କରିବା, ସମୟ-ପ୍ରବନ୍ଧନ, ମିତ୍ର-ବିସ୍ତାର, ଆକାଂକ୍ଷା-କୁ ସିମୀତ କରିବା, ଉଦେଶ୍ୟ ପାଇଁ ଗାଦୀ (ଶାସନ) ପରିତ୍ୟାଗ, ମିତ୍ରଙ୍କୁ ସହାୟତା, ଶତୃଠାରୁ ତାର ଭଲଗୁଣ ଶିକ୍ଷା କରିବା, ନିଜ ଲୋକଙ୍କୁ ବା ଟିମ୍‌କୁ ଗୁଣାତ୍ମକ ନେତୃତ୍ୱ ଦେବା, ସହଯୋଗୀକୁ ସୁରକ୍ଷା ଦେବା ସହ ତାକୁ ସ୍ଥାପିତ କରିବା ଆଦି। ଗୁଣ୍ଡୁଚିମୂଷାଠାରୁ ସହାୟତା ଗ୍ରହଣ କରିବା, ଶବରୀ ଠାରୁ କୋଳି ଖାଇବା, ହନୁମାନଙ୍କୁ ନିଜର ମିତ୍ର କରି ରାମ ଏକ ଭିନ୍ନ ଉଦାହରଣ ବା ସାମ୍ୟବୋଧ ସୃଷ୍ଟି କରିଥିଲେ। କୁହାଯାଇପାରେ ଯେ ବିଶାଳ ଭାରତୀୟ ସାଂସ୍କୃତିକ ପରମ୍ପରାକୁ ନୂଆ ରୂପ ଦେଇଥିଲେ ଏପରିକି ବିଗିଡି ଯାଉଥିବା କାର୍ଯ୍ୟକୁ ରାମ ସଠିକ୍ ଭାବେ ସମାହିତ କରିପାରିଥିଲେ। ଶାସନର ବିଭିନ୍ନପକ୍ଷ, ପରିବାରର ସରସ-ନୀରସ ପ୍ରସଙ୍ଗ, ଘାତ- ପ୍ରତିଘାତ, ନିଷ୍ଠା ଓ କୃତଘ୍ନତା ଆଦି ପ୍ରକ୍ରିୟା ଠାରୁ ମନୁଷ୍ୟରୁ ମନୁଷ୍ୟତ୍ତର ପାଲଟିବାର ମହାଗାଥା ସୂକ୍ଷ୍ମ ଭାବରେ କେବେ ପ୍ରକଟ, କେବେ ଅପ୍ରକଟ ଢ଼ଙ୍ଗ ରାମଙ୍କ ଜୀବନ ଓ ଆଖ-ପାଖର ସନ୍ଦର୍ଭରେ ଦେଖା ଯାଇଥାଏ। ଅର୍ଥାତ୍ ଏହା ଏମିତି ଏକ ଭାରତୀୟ ଜୀବନାନୁଭବର ପ୍ରକ୍ରିୟା ଯାହା ରାମଙ୍କ ସହ ଯୋଡି ହୋଇଛି ଏସବୁ କବିତା, କଥା, ପୌରାଣିକତାର ବହୁ ଦୂରରେ ଓ କିଂଚିତ ଐତିହାସିକତାରେ ମଧ୍ୟ ପ୍ରବେଶ କରିଯାଇଛି।

ରାମ କଥାର ଭାଷା ଜନତାଙ୍କୁ ଆନନ୍ଦିତ କରିଥାଏ, ବିମୋହିତ କରିଥାଏ, ଏଣୁ ଜନତା ଏହାକୁ ଆଦରି ନେଇଥାନ୍ତି। ଏମିତି କୌଣସି ଗାଁ ନାହିଁ ଯେଉଁଠି ରାମଲୀଳା ହୁଏ ନାହିଁ। ରାମଲୀଳା ହେଉଛି ମନୁଷ୍ୟତାର ଲୀଳା। ମନୁଷ୍ୟରୁ ମନୁଷ୍ୟତ୍ତର ହେବାର ଲୀଳା। ଆଜିର ସମୟରେ ମଣିଷ ସାଇବର ସ୍ପେସ ଓ ପୌରାଣିକ ଯୁଗ ଉଭୟକୁ ଏକା ସାଥିରେ ନେଇ ଚାଲିଛି। ଉତ୍ତର ଆଧୁନିକତା ଏହାକୁ ବର୍ତ୍ତମାନରେ ଅତୀତର ଉପସ୍ଥିତି ବୋଲି ଆଖ୍ୟା ଦେଉଛି। କିନ୍ତୁ ଏ କଥା ସତ୍ୟ ଯେ ପ୍ରତ୍ୟେକ ବ୍ୟକ୍ତି ନିଜର ମାଙ୍ଗଲ୍ୟ ନିଜେହିଁ ରଚିଥାଏ। ଯଥାର୍ଥଠାରୁ ଆହୁରି ଆଗକୁ, କାରଣ ପ୍ରତ୍ୟେକ ଯଥାର୍ଥ ବିଖଣ୍ଡିତ ଓ ଆଂଶିକ ଅଟେ। ସୃଜନ ଏବଂ ସଂହାରର ଶକ୍ତି ପ୍ରତ୍ୟେକ ଯୁଗରେ ରହିଛି । ରାମଙ୍କ ଆଗମନର ଅର୍ଥ ରଚନାଶୀଳତାର ସୃଜନ ଓ ଦୁଃଶୀଳତାର ସଂହାର ଅଟେ। ଆଜି ବି ରଚନାତ୍ମକତାର ଉତ୍କର୍ଷର ପଛରେ ମାଙ୍ଗଲ୍ୟ- ବିଧାନ ହିଁ ରଚିଥାଏ। ଏଇଥିପାଇଁ ଶ୍ରେଷ୍ଠତାର ପ୍ରକ୍ରିୟା ବଦଳି ଯାଇଛି।

ସୃଜନ ଓ ସଂହାରକୁ ଦୁର୍ଗାଙ୍କ ଗତ୍ୟାତ୍ମକତା ସନ୍ତୁଳିତ କରିଥିଲା। ଏଇଥିପାଇଁ ରାମଙ୍କ ଶକ୍ତି ପୂଜାର ଅର୍ଥ ସୃଜନର ସ୍ଥାପନାର ପକ୍ଷରେ ପ୍ରତିକ୍ରମଣ ଅଟେ। ଆମ ସମାଜ ସୃଜନ ଚାଲେଞ୍ଜକୁ ସ୍ୱୀକାର କରୁଥିବା ସମାଜ ଅଟେ। ଆଜିବି ଆମେ ଆତଙ୍କ, ଅଶିକ୍ଷା, ଖାଦ୍ୟାଭାବ, ଦାରିଦ୍ର୍ୟ, ଚାପ, ସମ୍ପର୍କହୀନତା ବିରୁଦ୍ଧରେ ସଂଘର୍ଷ କରିବା ସହ ପରିବର୍ତ୍ତନ ଆଡ଼କୁ ଗତି କରୁଛେ। ଏକଥା ସତ୍ୟ ଯେ କୌଣସି ଯୁଗର ସଂସ୍କୃତି ଏବଂ ତାର ମୂଲ୍ୟ ନୂଆ ଶକ୍ତି, ଅନ୍ୱେଷଣ ଏବଂ ବିଚାରରୁ ଉତ୍ପନ୍ନ। ସମସ୍ୟାର ଚାଲେଞ୍ଜକୁ ସ୍ୱୀକର କରିବାରେ ଅସମର୍ଥ ହେବାର ଅର୍ଥ ହେଉଛି ସମାଜ ଏବେ ସଭ୍ୟତା ସଙ୍କଟର ଶୀକାର ହୋଇଯାଇଛି। କିନ୍ତୁ ଭାରତୀୟ ମାନସିକତା ଆଜି ବି ନିଜର ସୃଜନାତ୍ମକ ଓ ସାଂସ୍କୃତିକ ସ୍ରୋତ, ଏହାର କାଞ୍ଚନିକ ଓ ବିକଶିତ ହେଉଥିବା ସୌନ୍ଦର୍ଯ୍ୟ ଶାସ୍ତ୍ରକୁ ବୁଝିବା ଓ ସକାରାତ୍ମକ ପକ୍ଷକୁ ଧାରଣ କରିବାରେ ସମର୍ଥ। ରାମଙ୍କ ପ୍ରସଙ୍ଗର ଆଧାର କରି ତାଙ୍କ କଥା/ କାର୍ଯ୍ୟକୁ ନିରିଖେଇ ଦେଖିଲେ ଅନେକ ନିଷ୍କର୍ଷ ବାହାରେ। ରାମଙ୍କ ଜୀବନ ଅନ୍ତତଃ କିବିତା ହିଁ ଥିଲା ଯାହା ଏବେବି ଲୋକଙ୍କୁ ଆମୋଦିତ କରୁଛି। ସମସ୍ତେ ନିଜ ନିଜର ରାମଙ୍କୁ ନିଜ ଭିତରେ ସୃଜିତ କରିଛନ୍ତି। ନୈତିକ ଢ଼ାଞ୍ଚାରେ ବାନ୍ଧିବା ବୃହତ୍ତରତାକୁ ସୀମିତ କରିବା ତାଙ୍କ ବ୍ୟକ୍ତିତ୍ୱରେ ସମ୍ପର୍କର ଛାୟା ନୂଆ ଆକାର ନେଇଥାଏ। ପ୍ରାରମ୍ଭିକ ଜୀବନରେ ଶାସନ ଗାଦିର ତ୍ୟାଗର ଅପୂର୍ବ ଧାରଣା ନଜରକୁ ଆସେ।

♥ ରାମଚନ୍ଦ୍ରପୁର, ରଣପର
ମୋ୯୪୩୮୪୮୫୦୯୪

## କବିତା...

### ଅଶିଣର ବର୍ଷା

ବାବାଜୀ ଚରଣ ଜେନା



ଆସୁଛି ଯାଉଛି ଅଶିଣର ବର୍ଷା
ଚପଳା ଝିଅଟି ପରି
ଫେରିବାର ବେଳ ହେଲାଣି ବୋଧେ ତା
ତରତର ହୁଏ ଭାରି
ଆସୁଛି ଯାଉଛି ଅଶିଣର ବର୍ଷା
ଚପଳା ଝିଅଟି ପରି....

ଭଲ ଲାଗେ ମେଘ ଖରା ଛାଇ ଖେଳ
ଆଉ ଝିପିଝିପି ବର୍ଷା
ମନତଳେ ମୋର ବୁଣି ଦେଇ ଯାଏ
ନୂଆ ନୂଆ କେତେ ଆଶା
ଝାଉଁ ବନ ପାଖେ ଏକା ଦେଖି ମୋତେ
ଦିଅଇ ସେ ଓଦା କରି
ଆସୁଛି ଯାଉଛି ଅଶିଣର ବର୍ଷା
ଚପଳା ଝିଅଟି ପରି....

ପଚାରିଲି ତାକୁ ଦେଖା ହେବ କେବେ
ଚାଲିଗଲା ହସି ଦେଇ
ପ୍ରତିଶୃତି ମୋତେ ଦେଲା ନାହିଁ ସିଏ
ଠିକଣା ତାହାର ନାହିଁ
ଅଳ୍ପ ଦେଖାରେ କହିଗଲା କେତେ
ଲାଜ ସରମକୁ ଭୁଲି
ଆସୁଛି ଯାଉଛି ଆଶିଣର ବର୍ଷା
ଚପଳା ଝିଅଟି ପରି...

♥ ଅହଲ୍ୟା ନିବାସ, ପୋପରଡା,
ନୂଆବଜାର, କଟକ-୪
ମୋ-୯୪୩୭୮୩୪୭୧୯

### ଶୋଷ

ଅକ୍ଷୟ ପାତ୍ର



ନଈରେ ପାଣି ବହି ଯାଉଥାଏ
ନା ଶୋଷ ପାଣି ପରି ପ୍ରତୀୟମାନ ପାଇଁ
ଶ୍ରାନ୍ତ ପଥିକକୁ ଆକର୍ଷି ଆଣୁଥାଏ ?

ଦେହରେ ଯୌବନ ରୋମାଞ୍ଚ ଭରୁଥାଏ
ନା ଶୋଷ ସୁରଭିତ ଯୌବନ ସାଜି
ପ୍ରେମିକ ପ୍ରେମିକାଙ୍କୁ
ଆତୁର କରୁଥାଏ ?

ରାକା ରଜନୀର ରଜତ ମାୟା
ପୃଥୀକୁ ସ୍ୱପ୍ନମଣ୍ଡିତ କରୁଥାଏ
ନା ଶୋଷର ଅସରନ୍ତି ସଫେଦ୍ ସ୍ମୃତି ସାଜି
ଧରାକୁ ଧଳା ଚାଦର ତଳର
ମୃତଘଟ ସଜାଇଥାଏ ?

ମରୀଚିକା ପାଣିର ଭ୍ରମ ସାଜି
ମରୁବାଲିରେ ଭଉଁରି ଖେଳୁଥାଏ
ନା ଶୋଷ ମରୁ ସାଜି ମରୀଚିକାର ମାୟାରେ
ସଭିଙ୍କ ଗଳା ଶୁଖାଉଥାଏ ?

ଏବେ ତ
ସୃଦୃଶ୍ୟ ପାକେଜ୍‌ରେ ଥିବା ବିଷ
ସପିଙ୍ଗ୍ ମଲ୍‌ର ଶିରୀ ବଢ଼ାଉଥାଏ
ଓ ପାଣି ଢ଼କ୍ ଢ଼କ୍ ପିଇଯାଉଥିବା
ଲୋକଟିର ଶୋଷ

ଖରାର ଖରଧାରରେ
ଶାଣିତ ଥାଏ !

ହେଲେ ଶୋଷ ପାଇଁ ଖରା କ'ଣ ବର୍ଷା କଣ
ଶୀତ ବା କ'ଣ
ରାତି କ'ଣ ଦିନ ବା କ'ଣ
ଶୋଷ ତ
କେବେ ବି ମେଣ୍ଟୁନଥିବା
ଐହିକ ଲୋଭର ଦାରୁଣ ଦଂଶନ
କେବେ ବି ପାସୋରି ହେଉନଥିବା
ବିପ୍ରଲମ୍ଭ ଶୃଙ୍ଗାରର ଅବ୍ୟକ୍ତ-ଦଂଶନ
କେବେବି ମରଣକୁ ସ୍ୱୀକାରି ପାରୁନଥିବା
ଅଜାଣର ଆତ୍ମ- ଲାଂଛନ !

♥ ଇଂରାଜୀ ବିଭାଗ ମୁଖ୍ୟ
ହିନ୍ଦୋଳ ମହାବିଦ୍ୟାଳୟ, ଖଜୁରିଆକଟା,
ଢେଙ୍କାନାଳ-୭୫୯୦୨୦
(ମୋ) ୮୮୯୫୮୮୪୯୬୦

### ମହାଳୟା

ଦିନେଶ ମେହେର



ନଈ ତଟରେ ଏବେ
କିଏ ସେ ବୁଣି ଦେଇଛି
ଫୁଲାଏ ଧବଳ ମୁରୁଜ,
ଯା' ର ଶୁଭ୍ରବର୍ଣ୍ଣରେ
ବେଶ୍ ଚମକି ଉଠେ ଦୁନିଆ...!

ଏଇ ସନ୍ଧ୍ୟା କେଡ଼େ ମନଲୋଭା ସତରେ;
ଜହ୍ନ ବିହୀନ ଅମାବାସ୍ୟା ଆକାଶ
ଆକାଶରେ ଅଗଣିତ ତାରା,
ଯେମିତି ଉଆଁସି କନ୍ୟାର ବ୍ଲାକ ଗାଉନରେ
କେହି ଜଣେ ଖୋସି ଦେଇଛି
ଚିକ୍ ମିକ୍ କରୁଥିବା
ଧଳା ରଙ୍ଗର ମୁଠାଏ ଚୁମୁକି,
ଯାର ଚମକ୍‌ରେ ଝଲସି ଉଠେ
ପାର୍ବଣ ଋତୁ...!

ଅନେକ ଦିନରୁ
ଆଜିର ଦିନକୁ ତ ଅପେକ୍ଷା ଥିଲା,
ଏଇ ମୁହୂର୍ତ୍ତକୁ
ଯିଏ ପାର୍ବଣର ପର୍ବ ନେଇ ଆସେ
ସ୍ୱୟଂ ଦଶଭୁଜାକୁ
ଅବତରି ଆସିବାକୁ ହୁଏ

ଏଇ ମୁହୂର୍ତ୍ତରେ,
ସେତେବେଳେ ସ୍ୱର୍ଗ ପାଲଟି ଯାଏ ଧରିତ୍ରୀ
ଧରା ଧାମରେ ବହିଯାଏ ଭକ୍ତିର ଧାରା,
ଶଙ୍ଖ, ଘଣ୍ଟ, ଢୋଲ ତାଳରେ
ଗରଜି ଉଠେ କଳାହାଣ୍ଡିରୁ କାଶ୍ମୀର ।

ଏଇ ଏବେ ଏବେ
ନିର୍ଣ୍ଣୟ ହେଇଛି ତିଥି, ଲଗ୍ନ
ପୁଣି 'ଗଙ୍ଗା ଦର୍ଶନ' ର ଶୁଭ ମୂହୁର୍ତ୍ତ
ଯେଉଁଠି ମାଁ ସମଲେଶ୍ୱରୀ
ଅବତରି ଆସିବ ଧବଳମୁଖୀ ବେଶଧରି,
ସ୍ୱୟଂ ନାରାୟଣୀ
ସ୍ୱର୍ଗରୁ ଓହ୍ଲେଇ ଆସିବ ବୋଲି
ଆଜି ସ୍ଥାନେ ସ୍ଥାନେ ତିଆରି ହେଇଛି ମେଢ଼,
ଝଲସି ଉଠୁଚି ପୀଠ ସବୁ

କାରିଗର ହାତର ଶେଷ ସ୍ପର୍ଶରେ
ସତେ କି ମାଟି ମୂର୍ତ୍ତି
ପାଲଟି ଯାଏ ସ୍ୱୟଂ ଦୁର୍ଗା,
ଅମାବାସ୍ୟାର କାଳିମାକୁ ହଟେଇ
ଅପେକ୍ଷା କରିଥାଏ
ନବରାତ୍ରିର ସରଗମ୍,
ଦାଣ୍ଡିଆ, ଗର୍ବା ପୁଣି
ଫୁଲଝରି ସବୁ ସଜେଇ ହୁଏ,

କେଜାଣି,
ମହାଳୟା ଆସିବା ମାତ୍ରକେ
ସବୁକିଛି ବଦଳି ଯାଏ
ବଦଳି ଯାଏ ହୃଦୟର ପରିଭାଷା
ଯେଉଁଠି ନଷ୍ଟ ଚରିତ୍ରର ଲୋକ
ପାଲଟି ଯାଏ ଭକ୍ତ, ଦୈବୀ ଶକ୍ତିର......!

ସତରେ
ଏଇ ଦିନ ଆସିଲେ
ଦୁନିଆର ସବୁ ନକାରାତ୍ମକ ଶକ୍ତି ସବୁ
କୁଆଡେ ଉଭେଇ ଯାଏ,
ସାରା ଦୁନିଆ ହେଇଯାଏ ମାଁ-ମୟ......!

♥ ଜୁନାଗଡ଼, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬

### ଚମ୍ପାଦେଈ

ପୂର୍ଣ୍ଣଚନ୍ଦ୍ର ମହାରଣା



ପବନ ବାଡେଇ ଛାଟି
ମେଘ ଦୁଲୁଦୁଲୁ ଗାଜୁଚି,
ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି
ଆମ ଚାଳରୁ ଗଳଗଳ
ଓଳିପାଣି ନିଗିଡି ପଡୁଚି !!

ଏଇ ହସ୍ତାକ ତଳେ
ଛପର ହେଇଚି ସବୁ ଘର
ଗଣ୍ଡିପାଣି
ଟୋପାଏ ଟୋପାଏ
କୋଉଠି ନା କୋଉଠି ପଡୁଚି !!

କାଳେ ଓଦା ହେଇ ଯିବବୋଲି
ଶୁଖିଲା କାଠ ଜାଳ
ବାରିଚାଳିଆରେ
ଛକି ଦେଇଚି ବୋଉ !!

ଘରେ ଜାଳ, ଚାଉଳ ତେଲ, ଲୁଣ ଥିଲେ
ବରଷା ଝଡି କି ଡର କଣ
ହଉ କେତେ ଦିନ ହଉଚି !!

ଏଇନା ପଳେଇ ଆସିବ
ଚମ୍ପା ଦେଈ ଆମ ଘରକୁ
ପାଠ ପଢେଇବା ବାହାନାରେ,
ଯୋଉତ ପାଠ ପଢେଇବ ଛାଡ଼
ଖାଲି ଇଆଡୁ ସିଆଡୁ ଗପିବ
ମୋ ସାଙ୍ଗେ ଖାଲି ଇଜିରିବିଜିରି ଲାଗିବ
ମତେ ଭାରି ବିଜାର !!

ଚମ୍ପାଦେଈ ଆସିଲେ
ଯୋଉ ପାଠ ପଚାରେ
ମତେ ଭାରି ଚିଡିମାଡେ
ହେଲେ ଦିନେ ନଆସିଲେ
କାହିଁ ଭଲଲାଗେନି କେଜାଣି !!

ଚମ୍ପାଦେଈ ଅଣସ ଜାତି
ହେଲେ କଣ ହେଲା
ଆମଘରେ ସିଏ ଭାରିଗେହ୍ଲା !!

ସାନଖୁଡି ତ ଆମର
କଥା ପଦକରେ
ଆଲୋ ଚମ୍ପା
ଅମୁକଟା ଦେଇଗଲୁ,
ସମକଟା ଦେଇଗଲୁ,
ଆଲୋ ତୁ କୁଆଡିକି
ଯାଇଥେଲୁ କିଲୋ, ଖାଇଚୁଟି !!

ବୋଉ ତ ଆଉରି
ଖୁଡିଙ୍କି ତାଗିଦି କରୁଥବ

ପଚାରୁଚୁ କଣ କିଲୋ
ତାକୁ ମୁଢ଼ି ଡାଲାଏ
ଦେଇ ଦଉନୁ ସିଏ ଚୋବଉ,
କଣ ଖାଇଥବ କି ନାଇଁ !!

ଦି ଦିନି ହେଲା
ଚମ୍ପାଦେଈ ଆସିନି ଆମଘରକୁ,
ବୋଉ ଖୁଡିକି ପଚାରୁଚି
ଖୁଡ଼ି ମତେ !!

ଯିବୁଟି ଧନ ଟିକେ
ଚମ୍ପା ଘର ଆଡେ
ବୁଲି ଆସିବୁ କାହିଁ
ଆସିନି ଦି ଦିନି ହେଲା
ତା ଦିହ ମୁଣ୍ଡ ଆଉ ଭଲ ନାହିଁ କି !!

ଏଇନା ମେଘ ଟିକେ ଥମିଚି
ଯାଉଚି ଦେଖି ଆସିବି !!

ଚମ୍ପା ଦେଇ ଘରେ
ସମସ୍ତେ ହାଣ୍ଡି ଭଳିଆ
ମୁହଁକରି ବଇଚନ୍ତି,
ଚମ୍ପାଦେଇ ବୋଉଙ୍କୁ
ପଚାରିଲି ବଡ଼ବୋଉ
ଚମ୍ପାଦେଈ,

ବଡ଼ବୋଉ ଭେଁ ଭେଁ
ରଡି ପକେଇ କହିଲା
କେମିତି ଜାଣିବି
ତା ଲୁଗାପଟା, ହାତଟ୍ରଙ୍କ
କିଛି ତ ନାହିଁ
କେମିତି ଜାଣିବି ସିଏ
କୁଆଡିକି ଗଲା,
ଯାଉ ସିଏ ଛତରକୁ
ତାକୁ ବାଡ଼ିଖାଉ, ସିଏ ମରୁ !!

ଏ ଛତର କଣବେ,

ହଉ ଯାଉଚି କହିଦେବି
ବୋଉକୁ ଖୁଡ଼ିକୁ
ସିଏ ଛତରକୁ ଯାଇଚି !!

♥ ବାଳକାଟୀ, ଖୋର୍ଦ୍ଧା- ୭୫୨୧୦୦
(ମୋ) ୯୯୩୭୭୭୭୬୫୨

# ଶବ୍ଦକୁ, କଲମକୁ ଭଲପାଇବାର କଳା ମୁଁ ନନା ଓ ବୋଉଙ୍କଠାରୁ ଶିଖିଛି : ଡ. ରଜନୀ ରଂଜନ

**ଡ. ରଜନୀ ରଂଜନ** ଓଡ଼ିଆ ଭାଷା ସାହିତ୍ୟ ଜଗତର ଜଣେ ସୁପରିଚିତ ବ୍ୟକ୍ତିତ୍ୱ । ସେ ଏକାଧାରରେ ଜଣେ କବି, କଥାକାର, ନାଟ୍ୟକାର, ଗୀତିକାର ଓ ସଫଳ ସଂଳାପ ଲେଖକ । ସେ ନିଜ ପାଇଁ ତିଆରି କରି ସାରିଛନ୍ତି ଯେଉଁ ପରିଚୟର ବଳୟ, ତାହା ତାଙ୍କୁ ଚିହ୍ନିତ କରାଏ ଜଣେ ଅନନ୍ୟ ସୃଜନଶୀଳ ସ୍ରଷ୍ଟା ଭାବରେ । " ଗୋଟିଏ ଜାତିର ଭାଷା ସଂକଟ ସମୟରେ ସାହିତ୍ୟ ହିଁ ଯଥାର୍ଥ ନେତୃତ୍ୱ ନେବା ଆବଶ୍ୟକ" ବୋଲି କହୁଥିବା ଲେଖକଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ବୋଉ କେବେ ଜହ୍ନ ଦେଖେଇ ଗୀତ ଶୁଣାଉଥିବାର ମନେ ନାହିଁ । ତେବେ ଆକାଶର ପୁନେଇ ଜହ୍ନକୁ ଦେଖିଲେ ଗଛ ଉହାଡ଼ରୁ କୋଇଲିର କୁହୁତାନ ଶୁଣିଲେ ମୋ ଛାତି ଭିତରେ କେମିତି ଗୋଟାଏ କୁତୁକୁତୁ ଭାବ ସୃଷ୍ଟି ହେଉଥିଲା, କିଛି ଗୋଟାଏ ମୋତେ ଅସ୍ଥିର କରି ପକାଉଥିଲା । ଅଥଚ ମୁଁ ତାକୁ ପ୍ରକାଶ କରି ପାରୁନଥିଲି ଶବ୍ଦ ଆଉ ଛନ୍ଦରେ । ତେବେ ପ୍ରଥମ କରି ହାଇସ୍କୁଲରେ ପଢ଼ିଲା ବେଳେ ସାରୀପୁଓ ଉପାଖ୍ୟାନ ମୋତେ ଆନ୍ଦୋଳିତ କରିଥିଲା ଓ ମୁଁ ପ୍ରଥମ କରି ନାଟକଟିଏ ଲେଖିଥିଲି ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବରେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋ ନନା, ବୋଉ । ନନା ଗୀତ ଲେଖୁଥିଲେ, ବୋଉ ହାରମୋନିୟମ ବଜାଇ ଗୀତ ଗାଉଥିଲା । ଆଉ ମୋ ଖାତାର ଅବ୍ୟବହୃତ କାଗଜରେ ପିଲାଙ୍କ ପାଇଁ ଗପ ଗୀତ ଲେଖୁଥିଲା । ମୋଟାମୋଟି ଭାବରେ କହିବାକୁ ଗଲେ ନନା ଓ ବୋଉ ମୋର ଆଦ୍ୟ ପ୍ରେରଣା ତଥା ମୋର ଗୁରୁ । ଶବ୍ଦ ଓ କଲମକୁ ଭଲପାଇବାର କଳା ମୁଁ ସେଇମାନଙ୍କଠାରୁ ଶିଖିଛି ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଆଉ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ ବିଧୁଭୂଷଣ ପଟ୍ଟନାୟକ ଓ ବଂକିମ ନାୟକ ବାଳକାଟିରୁ ଶିଶୁ ପତ୍ରିକା 'ଟିକିଫୁଲ' ପ୍ରକାଶ କଲେ । ସେଇ ଟିକିଫୁଲର ଦ୍ୱିତୀୟ ସଂଖ୍ୟା, ୧୯୭୫ ମସିହାରେ ମୋର 'ତୁମରି ପରି ଛୋଟ ପିଲାଟିଏ' ଗପଟିଏ ପ୍ରକାଶିତ ହୋଇଥିଲା । ଏହାହିଁ ମୋର ପ୍ରଥମ ପ୍ରକାଶିତ ରଚନା । ଆଉ ପଛକୁ ଫେରି ଚାହିଁନି । ସାହିତ୍ୟ ରଚନାରେ ନିଶ୍ଚୟ ଲକ୍ଷ୍ୟ ଆଉ ଆଦର୍ଶ ଥିବା କଥାକୁ ମୁଁ ବିଶ୍ୱାସ କରେନି । କେତେବେଳେ ପିଲାଙ୍କ ପାଇଁ, କେତେବେଳେ କବିତା, ନାଟକ, ସଂଳାପ, ଗୀତ । ସବୁ ଲେଖିଛି ମନୋରଞ୍ଜନ ପାଇଁ ।

■ କବିତା, କଥା ନା ସଂଳାପ କିଏ ଦେଇଛି ଅଧିକା ଆନନ୍ଦ ? କୋଉଥିରେ ଆପଣ ବେଶୀ ସ୍ୱଚ୍ଛନ୍ଦ ? ସୃଜନଶୀଳତା କ୍ଷେତ୍ରରେ ଉଦାରତାର ଅଭାବ ଏକ ବିରୋଧାଭାସ ଭଳି ମନେହୁଏ, କଣ କହିବେ ?

■■ କବିତା ଓ ଗୀତ ମୋର ସ୍ୱପ୍ନ । ତାହା ମୋତେ ବେଶୀ ଆତ୍ମତୃପ୍ତି ଦେଇଛି । ସବୁବେଳେ କହିଛି ଗୀତ/ କବିତା ମୋ ପ୍ରେମିକା ଭଳି ଛଳଛଳ। ସଂଳାପ ମୋ ପତ୍ନୀ, ବାସ୍ତବତା । ସୃଜନଶୀଳତା କ୍ଷେତ୍ରରେ ଉଦାରତାର ଅଭାବ ? ବୁଝି ପାରିଲି ନାହିଁ ବୋଧହୁଏ ପ୍ରଶ୍ନଟି । ତେବେ ସବୁ ବିରୋଧାଭାସ ଭିତରେ ହିଁ ସର୍ଜନଶୀଳତା ଗଢ଼ିଉଠେ ।

■ କୁହାଯାଉଛି ମାତୃଭାଷା ଏବେ ସଙ୍କଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବକି ?

■■ ମୁଁ ଆପଣଙ୍କ ସହ ଏକମତ । ଅନେକ ନିଛକ ଓଡ଼ିଆ ଶବ୍ଦ ହଜିଯାଉଛି ଆମ ଭିତରୁ । ବିଶେଷ କରି ମୋବାଇଲ, କମ୍ପ୍ୟୁଟର ଆଦିରେ କମ୍ୟୁନିକେଟିଭ ଲାଙ୍ଗୁଏଜ୍ ନାମରେ ଓଡ଼ିଆ ଭାଷାକୁ ବିକୃତ କରାଯାଉଛି । ଆଗାମୀ ପୀଢ଼ି ପାଇଁ ସାଧାରଣ ଓଡ଼ିଆ ଶବ୍ଦ ଦୁର୍ବୋଧ ହୋଇ ପଡ଼ିବ । ସାହିତ୍ୟର ଭୂମିକା ଏଠି ଗୁରୁତ୍ୱପୂର୍ଣ୍ଣ । ଗୋଟିଏ ଜାତିର ଭାଷା ସଂକଟ ସମୟରେ ସାହିତ୍ୟ ହିଁ ଯଥାର୍ଥ ନେତୃତ୍ୱ ନେବା ଆବଶ୍ୟକ ।

■ ସାହିତ୍ୟର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? ଗଳ୍ପ କି କବିତା ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ସକଳ ବାଦ ବିସମ୍ବାଦ, ସାମାଜିକ, ଜାଗତିକ ପରିବର୍ତ୍ତନ, ମାନସିକତାରେ ଦ୍ରୁତ ପରିବର୍ତ୍ତନ ସତ୍ତ୍ୱେ ମଧ୍ୟ ସାହିତ୍ୟ ଜିଇଁବାର ସଂଗ୍ରାମ ଜାରି ରଖିବ । ଯେ ପର୍ଯ୍ୟନ୍ତ ନିଜ ସଂସ୍କୃତି, ପରମ୍ପରା ଜିଇଁଛି, ସେ ପର୍ଯ୍ୟନ୍ତ ସାହିତ୍ୟରେ ତା'ର ପ୍ରତିଫଳନ ଘଟିବ ହିଁ ଘଟିବ । ସାହିତ୍ୟ ମଧ୍ୟ ଆମ ସଂସ୍କୃତିର ଅଙ୍ଗ ।

■ ଓଡ଼ିଆ ସାହିତ୍ୟର ପାଠକକୁ ନେଇ କେତେ ଆଶ୍ୱସ୍ତ ? ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକ ପାଖରୁ ଦୂରଉଛି ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ଇଲୋକ୍ଟ୍ରନିକ୍ସର ଦ୍ରୁତ ଅନୁପ୍ରବେଶ ଫଳରେ ଆମେ ମୁଦ୍ରିତ ତଥା ପାଲା, ଦାସକାଠିଆ, ସାଂସ୍କୃତିକ ବିଭବ ଠାରୁ ଧୀରେ ଧୀରେ ଦୂରେଇ ଯାଉଛୁ । ବହି ପଢ଼ିବାର ମାନସିକତା ଓ ପାଲା, ଦାସକାଠିଆ (ଯେହେତୁ ପରୋକ୍ଷରେ ଭାଷା ସାହିତ୍ୟର ପ୍ରଚାର ପାଇଁ ଏମାନଙ୍କ ଭୂମିକା ଥିଲା) ଠାରୁ ଦୂରେଇ ଯାଉଛୁ । ବହି ପଢ଼ିବା, ବହି କିଣିବା, ବହିକୁ ସାଇତି ରଖିବାର ଆଗ୍ରହ ଧୀରେ ଧୀରେ ମରିଯାଉଛି । ଏଥିପାଇଁ ଢ଼େର୍ ସଚେତନତାର ଆବଶ୍ୟକତା ରହିଛି, ସାହିତ୍ୟକୁ ପୁଣି ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ କରିବାକୁ ପଡ଼ିବ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ବର୍ତ୍ତମାନ ମାନବିକତା ହଜିଯାଉଛି। ମଣିଷ ମଣିଷ ଭିତରେ ଅବିଶ୍ୱାସ, ହିଂସା, ଦ୍ୱେଷ, ଛଳନା ପ୍ରାଚୀର ଭଳି ଛିଡ଼ା ହୋଇଛି । ସାହିତ୍ୟ ମାଧ୍ୟମରେ ମାନବିକତାର ସୃଷ୍ଟି ପ୍ରୟାସ ଜାରି ରହୁ। ପୁରସ୍କାର ଅପେକ୍ଷା ପାଠକ ନିକଟରେ ଲୋକପ୍ରିୟତା ହିଁ ଶ୍ରେଷ୍ଠ ବୋଲି ମୁଁ ମନେକରେ । ପୁରସ୍କାର ପ୍ରେରଣା ହୋଇପାରେ, ମାତ୍ର କୌଣସି ପରିପ୍ରେକ୍ଷୀରେ କାହାର ମାପଦଣ୍ଡ ନୁହେଁ । ❤❤



■ ଅକ୍ଷରେ ଡ. ରଜନୀ ରଞ୍ଜନ

ନାମ - ଡ. ରଜନୀ ରଞ୍ଜନ ଦାଶ
ଜନ୍ମ- ୨୨/୧୨/୧୯୫୯
ପିତା- ସ୍ୱର୍ଗତ ରବି ଦାଶ
ମାତା- ସ୍ୱର୍ଗତା ସୁଶୀଳା ଦେବୀ
ଠିକଣା- ବାଳକାଟି, ଖୋର୍ଦ୍ଧା
ଖୋର୍ଦ୍ଧା-୭୫୨୧୦୦

୧୪ଖଣ୍ଡ ଶିଶୁ ସାହିତ୍ୟ ପୁସ୍ତକ, ଦୁଇଖଣ୍ଡ କବିତା, ଆଠଗୋଟି ଚିତ୍ରନାଟକ, ଗୋଟିଏ ଛୋଟ ନାଟକ ପୁସ୍ତକ, ଦୁଇଟି ସମାଲୋଚନା ପୁସ୍ତକ ପ୍ରକାଶିତ

୧୧୦ରୁ ଉର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ରର କାହାଣୀ, ଗୀତ, ପଟ୍ଟକଥା ତଥା ସଂଳାପ ଲେଖକ ଭାବରେ ପରିଚିତ ।




ଲେଖକଙ୍କ ରଚନାବଳୀ...



ପ୍ରବଚନ ସଭାରେ ଡ. ରଜନୀ ରଂଜନ...



ନିଜ ପୁସ୍ତକ ଉନ୍ମୋଚନ ସଭାରେ ଲେଖକ...




ମା'ଙ୍କ ସ୍ମୃତିରେ ଅନୁଷ୍ଠିତ ସଭାରେ ଡ. ରଜନୀ ରଂଜନ ...





ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ ...



ସୁଖୀ ପରିବାର : ପ୍ରିୟ ଦୁଇ ନାତୁଣୀଙ୍କ ସହ ଲେଖକ



ଜୀବନସାଥୀଙ୍କ ସହ କବି, କଥାକାର, ଗୀତିକାର ତଥା ସଂଳାପ ଲେଖକ ଡ. ରଜନୀ ରଂଜନ...

## ପ୍ରଥମ ବିଦେଶ ଯାତ୍ରା

# ମୋ ଝର୍କାରୁ ଆମେରିକା...


ନନ୍ଦିତା ମହାନ୍ତି


ଭାଗ-୩୬



**କେଜାଣି କାହିଁକି ଶାମୁକା ଦ୍ୱୀପର ନାଁ ଶୁଣି ମୋର ବାରମ୍ବାର ମନେ ପଡୁଥିଲେ ଶାମୁକା ଓରଫ ମହେଶ୍ୱତା । ଆଖି ଆଗରେ ନାଚୁଥିଲା ଜଣେ ସରଳ, ସୁନ୍ଦରୀ ଆଦିବାସୀ ଲଳନାର ଛବି ଯିଏ ନିଛାଟିଆ ଦ୍ୱୀପରେ ଥିବା ନିଘଞ୍ଚ ଜଙ୍ଗଲ ମଧ୍ୟରେ ପାଦରେ ଘୁଙ୍ଗୁର ବାନ୍ଧି ଛମ ଛମ ହୋଇ ନାଚୁଥିଲା । ସେଇ ଅରଣ୍ୟ ଭୁଇଁର ପାଣିପବନ ଦୋହରାଉଥିଲା ଶାମୁକା ଓ ସାଗରଙ୍କର ପ୍ରେମ କାହାଣୀ ।**

ଏବେ ଆମେ ଥିଲୁ ପ୍ରସିଦ୍ଧ ଏଲିସ ଦ୍ୱୀପରେ । ଆମେ ଆଜି ଯେଉଁ ଏଲିସ ଦ୍ୱୀପକୁ ଦେଖୁଛୁ ତାର ଅଛି ଶହ ଶହ ବର୍ଷର ଇତିହାସ ଉଭୟ ରକ୍ତିମ ଓ ସ୍ୱର୍ଣ୍ଣିମ। କୁହାଯାଏ ପ୍ରାୟ ୧୫୦୦୦ ବର୍ଷ ପୂର୍ବରୁ ହିମବାହ ତରଳିବା ଦ୍ୱାରା ସୃଷ୍ଟି ହୋଇଥିଲା ଏହି ଦ୍ୱୀପ । ସେତେବେଳେ ଏଠାକାର ଆଦିମ ଅଧିବାସୀମାନେ ଏହାକୁ 'କିୟଷ୍କ' ବୋଲି କହୁଥିଲେ, ଯାହାର ଅର୍ଥ ହେଉଛି 'ସିଗଲ ଆଇଲ୍ୟାଣ୍ଡ' ବା 'ପାଣିକୁଆଙ୍କର ଦ୍ୱୀପ'। ସେତେବେଳେ ଏଠାରେ କୁଆଡେ ଲକ୍ଷ ଲକ୍ଷ ପାଣିକୁଆ ରହୁଥିଲେ । ହଡସନ ନଦୀର ଢେଉ ଉପରେ ଦୋଳାୟମାନ ପାଣିକୁଆଙ୍କର ଆସ୍ତରଣ ଏକ ଈଷତ ଧଳା କାର୍ପେଟ ପରି ଦିଶୁଥିଲା । ସତରଶ ଶତାବ୍ଦୀ ବେଳକୁ ଏହା ଡଚ ଶାସନାଧୀନ ଥିଲା । ସେମାନେ ଏହାର ନାମ ଦେଇଥିଲେ 'ଓଇଷ୍ଟର ଆଇଲ୍ୟାଣ୍ଡ' ବା 'ଶାମୁକା ଦ୍ୱୀପ' । କାରଣ ପ୍ରଚୁର ପରିମାଣରେ ଓଇଷ୍ଟର ବା ଶାମୁକା ମିଳୁଥିଲା। ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ଖରାଦିନେ ବରଫ ତରଳିଲେ, ମାଛ ଓ ଶାମୁକା ସଂଗ୍ରହ କରିବା ପାଇଁ ଏହି ଦ୍ୱୀପକୁ ଆସୁଥିଲେ । ବଣଜଙ୍ଗଲ କାଟି ଏଠାରେ ଅସ୍ଥାୟୀ ଘର ତିଆରି କରି ରହୁଥିଲେ । ସେମାନଙ୍କ ପାଇଁ ମାଛ ଓ ଶାମୁକା ସଂଗ୍ରହ କରି ସହରରେ ନେଇ ବିକ୍ରି କରିବା ମୁଖ୍ୟ ବ୍ୟବସାୟରେ ପରିଣତ ହୋଇଥିଲା । ଗଭୀର ସମୁଦ୍ର ଭିତରେ ଏପରି ଏକ ସବୁଜିମା ଭରା ଦ୍ୱୀପ ଦେଖି ମୋର ମନେ ପଡୁଥିଲା ପ୍ରଶାନ୍ତ ନନ୍ଦ ଓ ମହେଶ୍ୱତା ରାୟ ଅଭିନୀତ ଓଡିଆ ସିନେମା 'ସ୍ୱପ୍ନ ସାଗର' କଥା । ୧୯୮୩ ମସିହାରେ ନିର୍ମିତ ଏହା ଥିଲା ସେ ସମୟର ପ୍ରଥମ ୭୦ ଏମଏମ ସିନେମା । ଏହି ସିନେମା କାହ୍ନୁ ଚରଣ ମହାନ୍ତିଙ୍କର ପ୍ରସିଦ୍ଧ ଉପନ୍ୟାସ 'ବାଲିରାଜା' ଉପରେ ଆଧାରିତ ଥିଲା । ଉଚ୍ଚକୋଟୀର କାହାଣୀ, ଚିତ୍ରନାଟ୍ୟ , ସଙ୍ଗୀତ ନିର୍ଦ୍ଦେଶନା ତଥା ସେ ସମୟର ରୋମାଣ୍ଟିକ ଯୋଡି ପ୍ରଶାନ୍ତ ନନ୍ଦ ଓ ମହେଶ୍ୱତା ରାୟଙ୍କ ଭଳି କଳାକାରଙ୍କୁ ନେଇ ନିର୍ମିତ 'ସ୍ୱପ୍ନ ସାଗର' ସିନେମା ଚହଳ ପକାଇଥିଲା ସାରା ଓଡିଶାରେ। ସେଇ ସିନେମାରେ ହିରୋଇନ ସାଜିଥିବା ମହେଶ୍ୱତା ରାୟଙ୍କ ନାଁ ଥିଲା 'ଶାମୁକା' । ଯିଏ ଥିଲେ ସମୁଦ୍ର କୂଳବର୍ତ୍ତୀ ଏକ ଗାଁରେ ଥିବା କବିଲା ସର୍ଦ୍ଦାରର ସୁନ୍ଦରୀ ଝିଅ । ଯାହାର ପ୍ରେମରେ ଉବୁଟୁବୁ ହେଉଥିଲେ ସହରୀ ବାବୁ ସାଗର ଓରଫ ପ୍ରଶାନ୍ତ ନନ୍ଦ । କେଜାଣି କାହିଁକି ଶାମୁକା ଦ୍ୱୀପର ନାଁ ଶୁଣି ମୋର ବାରମ୍ବାର ମନେ ପଡୁଥିଲେ ଶାମୁକା ଓରଫ ମହେଶ୍ୱତା । ଆଖି ଆଗରେ ନାଚୁଥିଲା ଜଣେ ସରଳ, ସୁନ୍ଦରୀ ଆଦିବାସୀ ଲଳନାର ଛବି ଯିଏ ନିଛାଟିଆ ଦ୍ୱୀପରେ ଥିବା ନିଘଞ୍ଚ ଜଙ୍ଗଲ ମଧ୍ୟରେ ପାଦରେ ଘୁଙ୍ଗୁର ବାନ୍ଧି ଛମ ଛମ ହୋଇ ନାଚୁଥିଲା । ସେଇ ଅରଣ୍ୟ ଭୁଇଁର ପାଣିପବନ ଦୋହରାଉଥିଲା ଶାମୁକା ଓ ସାଗରଙ୍କର ପ୍ରେମ କାହାଣୀ । ହୁଏତ ଏଲିସ ଦ୍ୱୀପର ମଧ୍ୟ ଏଇ ପରି ଏକ କାହାଣୀ ଥାଇପାରେ । ଏଲିସ ଦ୍ୱୀପର ପାଣିପବନରେ ବି ହୁଏତ ଲୁଚି ଥାଇପାରେ ଦୁଇଟି ପ୍ରେମସିକ୍ତ ହୃଦୟର ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର କାହାଣୀ ।

ମୁଁ ଅତୀତର ଗର୍ତ୍ତ ମଧ୍ୟରେ ଧୀରେ ଡୁବି ଯାଉଥିବା ବେଳେ ହଠାତ ଝିଅର ଡାକରେ ମୁଁ ପୁରୁଣା ସ୍ମୃତିରୁ ବାହାରି ଆସିଲି ପଦାକୁ । ସାମ୍ନାରେ ଥିଲା ଏଲିସ ଆଇଲ୍ୟାଣ୍ଡର ପ୍ରଶସ୍ତ ରାସ୍ତା । ଫେରୀରୁ ଓହ୍ଲେଇ ସମସ୍ତେ ଆଗରେ ଥିବା ଏକ ବିଶାଳକାୟ ଲାଲ- ଧଳା ବିଲଡିଙ୍ଗ ଦିଗରେ ଆଗଉଥିଲେ । ଆମେ ବି ଚାଲିଲୁ ତାଙ୍କ ପଛେ ପଛେ । ଧୀରେ ଧୀରେ ଭିଡ ବିଛାଡି ହୋଇଗଲା ଭିନ୍ନ ଭିନ୍ନ ଦିଗରେ ।ଏଲିସ ଦ୍ୱୀପର ମୁଖ୍ୟ ଆକର୍ଷଣ ହେଉଛି ଏଠାରେ ଥିବା ଇମିଗ୍ରାଣ୍ଟ ମ୍ୟୁଜିୟମ । ଆମେ ଜାଣିଛୁ ଯେ ଆମେରିକାକୁ 'ଇମିଗ୍ରାଣ୍ଟ' ବା ଆପ୍ରବାସୀମାନଙ୍କର ଦେଶ ବୋଲି କୁହାଯାଏ । ଅର୍ଥାତ ଏଠାକାର ସ୍ଥାୟୀ ବାସିନ୍ଦାଙ୍କର ସଂଖ୍ୟା ଖୁବ କମ୍ । ଆଜି ଆମେ ଯେଉଁମାନଙ୍କୁ ଆମେରିକାର ନାଗରିକ ବୋଲି ମନେକରୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଭିନ୍ନ ଭିନ୍ନ ଦେଶରୁ ଆସି ଏଠାରେ ରହି ଯାଇଛନ୍ତି ପୁରୁଷ ପୁରୁଷ ଧରି। ବର୍ତ୍ତମାନ ଆମେରିକାରେ ଯେତିକି ଆପ୍ରବାସୀ ରହିଛନ୍ତି ତାର ଚାଳିଶ ପ୍ରତିଶତ ଏଲିସ ଦ୍ୱୀପ ଦେଇ ପ୍ରବେଶ କରିଛନ୍ତି ଆମେରିକା ମଧ୍ୟକୁ । ୧୪୯୨ ମସିହାରେ କ୍ରିଷ୍ଟୋଫର କଲମ୍ବସ ଆମେରିକା ଆବିଷ୍କାର କଲା ପରେ ପ୍ରଥମ କରି ୟୁରୋପୀୟ ଦେଶସମୂହ ନଜରରେ ଆସିଲା ଆମେରିକା । ତାପରେ ବିଭିନ୍ନ ସମୟରେ ୟୁରୋପ ଓ ଏସିଆ ମହାଦେଶରୁ ଆପ୍ରବାସୀଙ୍କର ସୁଅ ଛୁଟିଲା ଆମେରିକାକୁ । ବିଶେଷକରି ୟୁରୋପୀୟ ଦେଶରୁ ଆସୁଥିବା ଆଗନ୍ତୁକମାନଙ୍କୁ ଆମେରିକା ଦେଶକୁ ପ୍ରବେଶ କରିବାକୁ ହେଲେ ଏହି ଏଲିସ ଦ୍ୱୀପ ଦେଇ ଆସିବାକୁ ପଡୁଥିଲା । କ୍ରମେ ଆପ୍ରବାସୀଙ୍କର ଭିଡ ଏତେ ବେଶୀ ବଢିଗଲା ଯେ ତାକୁ ନିୟନ୍ତ୍ରଣ କରିବାକୁ ସରକାରୀ କଳକୁ ଦାୟିତ୍ୱ ନେବାକୁ ହେଲା । ଏଠାରେ ଆପ୍ରବାସନ ପାଇଁ ଯାଞ୍ଚ କେନ୍ଦ୍ର ଆରମ୍ଭ ହେବା ପୂର୍ବରୁ ଏହି ନିକାଞ୍ଚନ ଦ୍ୱୀପକୁ ଦୋଷୀ ଓ ଅପରାଧୀମାନଙ୍କୁ କଳାପାଣି ଦଣ୍ଡ ଦେବାପାଇଁ ବ୍ୟବହାର କରା ଯାଉଥିଲା । ଜନବସତି ଠାରୁ ଦୂରରେ, ଏଠାରେ ଛାଡି ଦିଆ ଯାଉଥିଲା ସେମାନଙ୍କୁ । ଆମେରିକାର ଗୃହ ଯୁଦ୍ଧ ହେଉ କିମ୍ବା ସ୍ୱାଧୀନତା ଆନ୍ଦୋଳନ ପାଇଁ ଯୁଦ୍ଧ , ଯୁଦ୍ଧ ଅପରାଧୀମାନଙ୍କୁ ଦଣ୍ଡିତ କରିବା ପାଇଁ ଏଠାକୁ ପଠେଇ ଦିଆ ଯାଉଥିଲା । ବ୍ରିଟିଶମାନେ ଭାରତଶାସନ କାଳରେ ଯେମିତି ତାଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ବ୍ୟକ୍ତିଙ୍କୁ ଆଣ୍ଡାମାନ ଦ୍ୱୀପକୁ ପଠେଇ ଦେଉଥିଲେ ସେମିତି ଆମେରିକାରେ ଯୁଦ୍ଧବନ୍ଦୀ ଓ ଅପରାଧୀମାନଙ୍କୁ ଦଣ୍ଡିତ କରିବା ପାଇଁ ତଡିପାର କରି ଏଠାରେ ଛାଡି ଦିଆ ଯାଉଥିଲା । କିନ୍ତୁ ଯେତେବେଳେ ଏହି ପଥ ଦେଇ ଆପ୍ରବାସୀମାନେ ଆସିବାକୁ ଲାଗିଲେ ସେମାନଙ୍କୁ ଯାଞ୍ଚ କରିବା ପାଇଁ ୧୮୯୨ ମସିହାରେ ଏଠାରେ ଯାଞ୍ଚ କେନ୍ଦ୍ର ଖୋଲାଗଲା ଯାହା ୧୯୫୪ ମସିହା ପର୍ଯ୍ୟନ୍ତ ଚାଲିଥିଲା । ପରେ ଏହାକୁ ବନ୍ଦ କରିଦେଇ ଏହାକୁ ଏକ ମ୍ୟୁଜିୟମରେ ପରିଣତ କରା ଯାଇଥିଲା। ୟୁରୋପ ଓ ଏସିଆ ମହାଦେଶରୁ ଏଠାକୁ ଆସୁଥିବା ଆପ୍ରବାସୀମାନେ ବଡ ବଡ ଜାହାଜରେ ଆଟଲାଣ୍ଟିକ ମହାସାଗର ଦେଇ ଆସୁଥିଲେ ପ୍ରଥମେ ନ୍ୟୁୟର୍କ ବନ୍ଦର ।ତାପରେ ଆମେରିକାରେ ପ୍ରବେଶ ପାଇଁ ତାଙ୍କୁ ଯାଞ୍ଚର ସମ୍ମୁଖୀନ ହେବାକୁ ପଡୁଥିଲା । ସେଥିପାଇଁ ସେମାନଙ୍କୁ ଆସିବାକୁ ପଡୁଥିଲା ଏଲିସ ଦ୍ୱୀପକୁ। ଯେଉଁଠାରେ ଆପ୍ରବାସୀମାନଙ୍କୁ ତନ୍ନ ତନ୍ନ କରି ଯାଞ୍ଚ କରା ଯାଉଥିଲା । ଆମେରିକାକୁ ପ୍ରବେଶ କରିବା ପାଇଁ ଏହି ରାସ୍ତାକୁ 'ଗୋଲଡେନ ଡୋର' ବା 'ସ୍ୱର୍ଣ୍ଣିମ ପଥ' ବୋଲି ମଧ୍ୟ କୁହା ଯାଉଥିଲା। କୁହାଯାଏ ଏହି ସ୍ୱର୍ଣ୍ଣିମ ପଥ ଦେଇ ପ୍ରାୟ ଏକ କୋଟି କୋଡିଏ ଲକ୍ଷ ଆପ୍ରବାସୀ ପ୍ରବେଶ ଅକରିଛନ୍ତି ଆମେରିକା ଦେଶକୁ ।



ଆମେ ଲାଇନରେ ଚାଲି ଚାଲି ଯାଇ ପ୍ରବେଶ କଲୁ ସେହି ପୁରୁଣା କୋଠାରେ ଯାହାକୁ ମୁଖ୍ୟ ଆପ୍ରବାସୀ ଯାଞ୍ଚ କେନ୍ଦ୍ର ବା ମେନ ଇମିଗ୍ରେସନ ବିଲଡିଙ୍ଗ କୁହାଯାଉଥିଲା । ଏହା ଥିଲା ଏକ ପୁରିଣାକାଳିଆ ବିରାଟ ତ୍ରିତଳ କୋଠା ଯେଉଁଥିରେ ଥିଲା ଆମେରିକୀୟ ଇମିଗ୍ରେସନର ସଂପୂର୍ଣ୍ଣ ଇତିହାସ । ପ୍ରଥମେ ପଡିଲା ଏକ ବିରାଟ ହଲ ଯାହାକୁ 'ଗ୍ରେଟ ହଲ' ବୋଲି କୁହାଯାଉଥିଲା । ଏହା ଥିଲା ପ୍ରଥମ ସ୍ଥାନ ଯେଉଁଠି ଆପ୍ରବାସୀମାନଙ୍କୁ ପ୍ରାଥମିକ ଯାଞ୍ଚ କରା ଯାଉଥିଲା । ଏଠାକୁ ଆସୁଥିବା ଲୋକମାନେ ପ୍ରଥମେ ଏଠି ଆସି ଲାଇନ ଲାଇନ ହୋଇ ଛିଡା ହେଉଥିଲେ ତାପରେ ସେମାନଙ୍କୁ ବିଭିନ୍ନ ପ୍ରକାର ଯାଞ୍ଚ ଯେମିତିକି ଶାରୀରିକ, ମାନସିକ ତଥା ସେମାନଙ୍କର ଅତୀତ ବିଷୟରେ ଯାଞ୍ଚ କରା ଯାଉଥିଲା ।



ଇତିହାସ କହେ , ଏହି ଯାଞ୍ଚ କେନ୍ଦ୍ର ଖୋଲା ହେଲା ପରେ ଏଠାରେ ଯାଞ୍ଚର ସମ୍ମୁଖୀନ ହୋଇଥିବା ପ୍ରଥମ ଆପ୍ରବାସୀ ହେଉଛନ୍ତି ଜଣେ ନାବାଳିକା ଝିଅ, ଯାହାଙ୍କର ନାଁ ହେଉଛି ଆନି ମୋରେ । ସିଏ ଥିଲେ ଆୟାରଲ୍ୟାଣ୍ଡର ମୂଳ ବାସିନ୍ଦା । କିଛି ବର୍ଷ ପୂର୍ବରୁ ତାଙ୍କର ପିତାମାତା ଆମେରିକା ଚାଲି ଆସିଥିଲେ । କିନ୍ତୁ ଆନି ମୋରେ ତାଙ୍କର ଦୁଇ ନାବାଳକ ଭାଇଙ୍କ ସହିତ ରହି ଯାଇଥିଲେ ଆୟାରଲ୍ୟାଣ୍ଡରେ । ଏକ ଜାନୁଆରୀ ୧୮୯୨, ନୂଆବର୍ଷ ଦିନ ସିଏ ଏସ. ଏସ. ନାଭାଡା ନାମକ ଏକ ଜାହାଜରେ ବସି ବାର ଦିନର କଷ୍ଟକର ସମୁଦ୍ର ଯାତ୍ରା ପରେ ନିଜର ଦୁଇ କୁନି କୁନି ଭାଇଙ୍କ ସହିତ ଆସି ପହଞ୍ଚିଥିଲେ ଏଲିସ ଦ୍ୱୀପର ଯାଞ୍ଚକେନ୍ଦ୍ରରେ । ଏଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରା ଯାଇଥିଲା । ସେ ବିଷୟରେ ସଂପୂର୍ଣ୍ଣ ଇତିହାସ ଦସ୍ତାବେଜ ଓ ଚିତ୍ର ମାଧ୍ୟମରେ ଲିପିବଦ୍ଧ ହୋଇରହିଛି ମ୍ୟୁଜିୟମ ଗାତ୍ରରେ। ତାଙ୍କର ଏକ ବ୍ରୋଞ୍ଜ ମୂର୍ତ୍ତି ମଧ୍ୟ ରହିଛି ମ୍ୟୁଜିୟମରେ। କୁହାଯାଏ ଆନି ମୋରେ ଆମେରିକା ଆସି ବିବାହ କରିଥିଲେ ଜୋସେଫ ଅଗଷ୍ଟସ ନାମକ ବ୍ୟକ୍ତିଙ୍କୁ ଓ ସାରା ଜୀବନ ରହିଥିଲେ ନ୍ୟୁୟର୍କ ସିଟିର ଡାଉନଟାଉନ ଅଞ୍ଚଳରେ ଥିବା ନିଜର ଏକ ବିରାଟ ପରିବାର ସହିତ ।

ଏଠାରେ ଅଡିଓ ଟୁରର ବ୍ୟବସ୍ଥା ଅଛି। କାଉଣ୍ଟରରେ ପଇସା ଦେଇ ଆପଣ ହେଡଫୋନ ନେଇପାରିବେ ଓ ତାକୁ କାନରେ ଲଗେଇ ଆପଣ ଆପ୍ରବାସୀଙ୍କର ଇତିହାସ ବିଷୟରେ ଶୁଣିପାରିବେ । ମ୍ୟୁଜିୟମ ଭିତରେ ଆପଣ ଯେଉଁ ଯେଉଁ ସ୍ଥାନକୁ ଯିବେ ସେଠାରେ ଗଚ୍ଛିତ ଥିବା ଆପ୍ରବାସନ ଇତିହାସକୁ ହେଡଫୋନ ଯୋଗେ ଶୁଣିପାରିବେ । ଏଠାରେ ଏକ ୩୦ ମିନିଟିଆ ସିନେମା ଦେଖିବା ପାଇଁ ଥିଏଟରର ବ୍ୟବସ୍ଥା ମଧ୍ୟ ଅଛି । ସେଇ ୩୦ ମିନିଟିଆ ସିନେମାରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି ଏଠାକୁ ଆସିଥିବା ଆପ୍ରବାସୀଙ୍କର ଜୀବନଗାଥା । ତଳ ମହାଲେ ଆହୁରି ଅଛି ବହି ଦୋକାନ, ଉପହାର ଦୋକାନ, କାଫେ ଇତ୍ୟାଦି । ମ୍ୟୁଜିୟମରେ ପରିଣତ ହୋଇଥିବା ସେହି ବିରାଟ କୋଠାର ତଳ ମହଲାରେ ରହିଛି ଆପ୍ରବାସୀମାନେ ଏଠାକୁ ଆସିଲା ବେଳେ ସାଙ୍ଗରେ ଆଣିଥିବା ବିଭିନ୍ନ ବ୍ୟବହାର୍ଯ୍ୟ ଜିନିଷ ଯେମିତି କି କାଠ ବା ଲୁହରେ ତିଆରି ବିଭିନ୍ନ ଆକାର ଓ ପ୍ରକାରର ବାକ୍ସ ଓ ସିନ୍ଦୁକ। ଏହାକୁ ବେଗେଜ ରୁମ ବୋଲି କୁହାଯାଉଛି । ଶହ ଶହ ବର୍ଷ ତଳର ଜିନିଷ ସବୁକୁ ଖୁବ ଯତ୍ନର ସହିତ ସାଇତା ହୋଇ ରଖାଯାଇଛି । ସେ ସମୟର ବିଭିନ୍ନ ଦସ୍ତାବେଜ, ଫଟୋ, ପାସପୋର୍ଟ, ଭିସା ପରି ଅନେକ କାଗଜପତ୍ରକୁ କାଚବାକ୍ସ ମଧ୍ୟରେ ଦେଖିବା ପାଇଁ ରଖାଯାଇଛି, ଯାହାକୁ ଛୁଇଁବା ମନା। ଆପ୍ରବାସୀଙ୍କର ଅନୁଭବର କାହାଣୀ , ତାଙ୍କର ଫୋଟୋ, ଅଡିଓ ରେକର୍ଡିଙ୍ଗ, ଐତିହାସିକ ଦସ୍ତାବେଜ ଆଦି ମଧ୍ୟ ସାଇତା ହୋଇ ରହିଛି । ଆଉ ରହିଛି ସେମାନେ ନିଜ ଦେଶରୁ ସାଙ୍ଗରେ ଆଣିଥିବା ପୋଷାକପତ୍ର, ବାସନକୁସନ, ପିଲାଙ୍କ ଖେଳଣା, ବାଦ୍ୟଯନ୍ତ୍ର ଇତ୍ୟାଦି ।

ସେ ସମୟରେ ଏଲିସ ଦ୍ୱୀପର ଗ୍ରେଟ ହଲରେ ପ୍ରତିଦିନ ହଜାର ହଜାର ଲୋକଙ୍କର ଯାଞ୍ଚ କରା ଯାଉଥିଲା । ଆପ୍ରବାସୀମାନେ ଜାହାଜରେ ଚଢିବା ପୂର୍ବରୁ ନିଜର ସମସ୍ତ କାଗଜପତ୍ର ଆଦି ଜମା କରୁଥିଲେ ଜାହାଜ କର୍ତ୍ତୃପକ୍ଷଙ୍କ ନିକଟରେ। ସେହି ତଥ୍ୟାବଳୀକୁ ଏଲିସ ଦ୍ୱୀପରେ ପୁଣି ଥରେ ଯାଞ୍ଚ କରାଯାଉଥିଲା। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅତି କମରେ ୨୯ଟି ପ୍ରଶ୍ନର ଉତ୍ତର ଦେବାକୁ ପଡୁଥିଲା ।ନାମ, ପରିଚୟ, ଦେଶର ନାମ, ଶିକ୍ଷାଗତ ଯୋଗ୍ୟତା, ଆଗରୁ କୌଣସି ଆପରାଧିକ ତଥ୍ୟ ଅଛି କି ନା ସେ ବିଷୟରେ ସବିଶେଷ ଯାଞ୍ଚ କଲା ପରେ ସ୍ୱାସ୍ଥ୍ୟ ପରୀକ୍ଷା କରା ଯାଉଥିଲା । ଏଠାରେ ଗୋଟିଏ ସ୍ଥାନରେ ହୁକ ପରି ଏକ ଜିନିଷ ଦେଖିଲି ଯାହାକୁ 'ବଟନହୁକ' କୁହାଯାଉଥିଲା। ତା ତଳେ ଲେଖା ଯାଇଥିଲା ଏହାକୁ ଆସିଥିବା ବ୍ୟକ୍ତିର ଆଖିପତା ଟେକିବା ପାଇଁ ବ୍ୟବହାର କରାଯାଉଥିଲା ସେତେବେଳେ ବହୁଳ ଭାବରେ ବ୍ୟାପୁଥିବା ଟ୍ରାକୋମା ବା ଆଖିଧରା ରୋଗ ଯାଞ୍ଚ କରିବା ପାଇଁ । ଏହି ଦୁଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ବ୍ୟକ୍ତିଙ୍କୁ ଆମେରିକାରେ ପ୍ରବେଶ ଅଧିକାର ମିଳୁଥିଲା। ସ୍ୱାସ୍ଥ୍ୟଗତ ସମସ୍ୟା ଥିଲେ ତାଙ୍କୁ ଡାକ୍ତରଖାନାରେ ରହିବାକୁ ପଡୁଥିଲା । ଅଧିକ ସମସ୍ୟା ଥିଲେ ତାଙ୍କୁ ନିଜ ଦେଶକୁ ପଠେଇ ଦିଆ ଯାଉଥିଲା । ଅତ୍ୟାଚାରିତ, ଦାରିଦ୍ର୍ୟଗ୍ରସ୍ତ, ରାଜନୈତିକ ବିତାଡିତ ଆପ୍ରବାସୀମାନେ ମନରେ ଆଶା, ଆଶଙ୍କା, ଦ୍ୱିଧା ଓ ଭୟ ନେଇ ଏଠାକୁ ଆସୁଥିଲେ। କିଛି ଲୋକଙ୍କୁ ତ ସଙ୍ଗେ ସଙ୍ଗେ ପ୍ରବେଶ ଅନୁମତି ମିଳୁଥିଲା ଆଉ କେହି କେହି ମାସ ମାସ ବର୍ଷ ବର୍ଷ ଅପେକ୍ଷା କରୁଥିଲେ ସେହି ଦ୍ୱୀପରେ ଅନୁମତି ପାଇବା ପାଇଁ । ସେତେବେଳେ ସେମାନେ ଏଲିସ ଦ୍ୱୀପରେ ଖୁବ ଦୟନୀୟ ଜୀବନ ଅତିବାହିତ କରୁଥିଲେ। ଏସବୁର ସଂପୂର୍ଣ୍ଣ ଇତିହାସକୁ ସାଇତା ରଖାଯାଇଛି ଏହି ମ୍ୟୁଜିୟମରେ ।

ଆମେ ବୁଲି ବୁଲି ସବୁ ଦେଖିଲୁ । ମୁଁ ହଲରେ ବୁଲି ବୁଲି କାନ୍ଥରେ ଲଗା ହୋଇଥିବା ଫଟୋସବୁ ଦେଖିଲା ବେଳେ ଝିଅ ମୋତେ ହାତଠାରି ଗୋଟିଏ ରୁମକୁ ଡାକିଲା । ସେଠାରେ କାନ୍ଥରେ ଲଗା ହୋଇଥିଲା ଗୋଟିଏ ଛଅଜଣିଆ ପଞ୍ଜାବୀ ପରିବାରର ଫଟୋ ଯେଉଁମାନେ ୧୯୩୫/୧୯୩୬ ମସିହା ସମୟରେ ଆସିଥିଲେ ଆମେରିକା ନିଜର ପରିବାର ସହିତ । ସେଠାରେ ଆଉ କିଛି ଭାରତୀୟ ପରିବାରର ଫଟୋ ମଧ୍ୟ ଥିଲା। କେଜାଣି କାହିଁକି ଏକ ଆତ୍ମୀୟତାର ଭାବରେ ପୁରି ଗଲା ମନ ଓ ହୃଦୟ । ଏଠାରେ ଏମିତି ମଧ୍ୟ ହେଉଥିଲା ଗୋଟିଏ ପରିବାରର କିଛି ଜଣଙ୍କୁ ପ୍ରବେଶ ଅନୁମତି ମିଳୁଥିଲା ତ ଅନ୍ୟମାନଙ୍କୁ ନିଜ ଦେଶକୁ ଫେରି ଯିବାକୁ ବାଧ କରାଯାଉଥିଲା। ଯାହା ଏକ ମର୍ମାନ୍ତକ ପରିବେଶ ସୃଷ୍ଟି କରୁଥିଲା ଏଠାରେ । ପରିବାର ଭାଙ୍ଗିଯିବାର, ସମ୍ପର୍କ ତୁଟି ଯିବାର ନଜିର ବି ଥିଲା ।

ଆମେ ଦେଖିଲୁ କିଛି ଲୋକ ଗୋଟେ ଛୋଟିଆ ହଲ ପରି ରୁମରେ ପଶୁଛନ୍ତି ଯେଉଁଠି କମ୍ପ୍ୟୁଟର ଧରି କିଛି ଲୋକ ବସିଛନ୍ତି। ପଚାରି ବୁଝି ଜାଣିଲୁ ଯେ ସେଠାରେ ସେମାନେ ନିଜର ପୂର୍ବପୁରୁଷଙ୍କୁ ଖୋଜି ପାଇବାକୁ ଚେଷ୍ଟା କରୁଛନ୍ତି । ସେହି କମ୍ପ୍ୟୁଟରମାନଙ୍କରେ ଏଲିସ ଦ୍ୱୀପ ଦେଇ ଆମେରିକାକୁ ପ୍ରବେଶ କରିଥିବା ସମସ୍ତ ଆପ୍ରବାସୀଙ୍କର ଡାଟାବେସ ରହିଛି । ଯେଉଁଥିରୁ ଜଣେ ଜାଣିପାରିବ ତାର ପରିବାର କେବେ, କେଉଁଠାରୁ, କେଉଁ ଜାହାଜରେ ଓ କାହା ସହିତ ଆମେରିକାକୁ ଆସିଛନ୍ତି । ଆହାଃ ! ସତରେ ମନରେ କେତେ ଆଶା ଓ ବିଶ୍ୱାସ ନେଇ ଜଣେ ଖୋଜୁଥିବ ନିଜର ପୂର୍ବପୁରୁଷଙ୍କୁ ।

ଏହା ମଧ୍ୟରେ ତିନି ଘଣ୍ଟା ସମୟ ଅତିବାହିତ ହୋଇ ସାରିଥିଲା । ଏବେ ଫେରିବାର ବେଳ । ଆମର ଫେରୀ ଏବେ ଆମକୁ ନେଇ ଯିବ ଷ୍ଟାଚ୍ୟୁ ଅଫ ଲିବର୍ଟିକୁ । ଚିକୁ କହିଲେ ସମୟ ହେଇଗଲା । ଚାଲନ୍ତୁ ଯିବା । ମୁଁ ତାଙ୍କ ସହିତ ଫେରିବାକୁ ପାଦ ବଢାଉଥିଲେ ମଧ୍ୟ ମୋତେ ଲାଗୁଥିଲା କେହି ଜଣେ ଯେମିତି ମୋତେ ପଛକୁ ଟାଣୁଛି । କହୁଛି, ଏମିତି ତରତର ହେଇ ପଳଉଛୁ କିଆଁ ? ଆମର କାହାଣୀ ବି ଶୁଣିକି ଯା' ଟିକେ। ମୁଁ ବାର ବାର ପଛକୁ ଚାହୁଁଥିଲି । ଲାଗୁଥିଲା ଯେମିତି ସେହି ବିଲଡିଙ୍ଗର ପ୍ରତ୍ୟେକ ଇଟା ହେଉଛି ଆପ୍ରବାସୀଙ୍କର ହସ-କାନ୍ଦର ଗୋଟେ ଗୋଟେ ଦସ୍ତାବେଜ। ସମସ୍ତେ ଯେମିତି କହିବାକୁ ଚାହୁଁଛନ୍ତି ମୋତେ ନିଜର ଜୀବନ କାହାଣୀ । ମନେ ମନେ ପୁଣି ଥରେ ଫେରି ଆସିବାର କଥା ଦେଇ ପାଦ ଆଗକୁ ବଢାଇଲି ମୁଁ ।


(ଆରଥରକୁ)



♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬


# କେଦାରପୁରରେ ରାଧାନାଥଙ୍କ ଦର୍ଶନ


ପ୍ର. ମଣୀନ୍ଦ୍ର କୁମାର ମେହେର




ସ୍ୱୟଂ କବିବର ରାଧାନାଥ ରାୟ ଯଦି ନ ଚାହିଁଥାନ୍ତେ, ମୁଁ କେଦାରପୁର ଯାଇପାରିଥାନ୍ତି କିପରି ? ୧୯୯୭ ମସିହା । କବିବରଙ୍କ ୧୫୦ ତମ ଜୟନ୍ତୀ ସମାରୋହ ପାଳନ ହେଲା ବାଲେଶ୍ୱରସ୍ଥିତ ଫକୀ ରମୋହନ ସାହିତ୍ୟ ପରିଷଦ ଦ୍ୱାରା ସେତେବେଳେ। ପରିଷଦର ସଭାପତି ଥାଆନ୍ତି ଓଡ଼ିଶାର ବିଶିଷ୍ଟ କବି ବ୍ରଜନାଥ ରଥ । ସେ ହିଁ ଲେଖିଲେ ଚିଠି ଜୟନ୍ତୀ ଉତ୍ସବରେ ଯୋଗ ଦେବାପାଇଁ। ବିଶିଷ୍ଟ ଲେଖକ ନାରାୟଣ ପୃଷ୍ଟେଠ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବରେ ମୁଁ ନିମନ୍ତ୍ରିତ ହେଲୁ। ମୋ ସହିତ ଛାଇ ଭଳି ରହିଥିବା ଅନୁଜ ବର୍ତ୍ତମାନ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଶୁକମୁନି ମେହେର କିପରି ଅବା ଯାଇ ନଥାନ୍ତେ ମୋ ସହିତ ! ଏହା ହିଁ ଥିଲା ମୋ ଜୀବନର ପ୍ରଥମ ବାଲେଶ୍ୱର ଯାତ୍ରା। ବାଲେଶ୍ୱରକୁ ପହଞ୍ଚିବା ପରେ ଯାହାଙ୍କ ସ୍ନେହ -ବଳୟରେ ଆମେ ରହିଲୁ , ସେ କବି ବ୍ରଜନାଥ ରଥଙ୍କ ବ୍ୟତୀତ ଆଉ କିଏ ବା ହୋଇପାରିଥାନ୍ତେ ! ରାଧାନାଥଙ୍କ ଜୟନ୍ତୀ ପାଳନ ସଭାରେ ଯୋଗ ଦେବାର ସୌଭାଗ୍ୟ ଜୀବନରେ କେବେ ବି ଭୁଲି ହେବନାହିଁ । ମୋ ଦେହ ରହୁଥାଏ ଅସୁସ୍ଥ। ଜ୍ୱରାକାନ୍ତ ଅନୁଭବ କରୁଥିଲି । ଜୟନ୍ତୀ ସଭାରେ ରାଧାନାଥଙ୍କ ସମ୍ପର୍କରେ ମୋ ହୃଦୟର ଭାବାବେଗ ସମ୍ମିଶ୍ରିତ ବକ୍ତବ୍ୟ ପ୍ରଦାନ କରିବା ପରେ ଆଶ୍ଚର୍ଯ୍ୟ ଜନକ ଭାବରେ ସେଇ ଅସୁସ୍ଥତାରୁ ମୁକ୍ତ ହେଲି କେତୋଟି ମାତ୍ର ମୁହୂର୍ତ୍ତ ମଧ୍ୟରେ । ବୁଝିବାରେ ନ ଥିଲା କୌଣସି ଜଟିଳତା। ତାହା କବିବର ରାଧାନାଥ ରାୟଙ୍କ ଆଶୀର୍ବାଦର ସ୍ନେହ – ସ୍ପର୍ଶ ବ୍ୟତିରେକ ଆଉ ଅନ୍ୟ କିଛି ନୁହେଁ । ବାଲେଶ୍ୱରରୁ ବରପାଲି ଫେରିବା ପରେ ପାଇଥିଲି ଯେଉଁ ଭାବଗର୍ଭିକ ପତ୍ର କବି ସିତାଂଶୁ ଲେଙ୍କାଙ୍କ ଠାରୁ ତାହାର ସ୍ମୃତି ହୃଦୟରେ ଯତ୍ନର ସହ ସାଇତି ରଖିଛି। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରତିଭାକୁ ଯଦି କିଏ ପ୍ରଥମେ ଚିହ୍ନି ପାରିଥିଲେ ସେ ହେଉଛନ୍ତି କବିବର ରାଧାନଥ ରାୟ । ରାଧାନାଥଙ୍କ ପ୍ରେରିତ ୪୮ଖଣ୍ଡ ପତ୍ରର ପ୍ରତିଟି ପୃଷ୍ଠାକୁ ଛୁଇଁବା ବେଳେ ଯେଉଁ ଆତ୍ମୀୟତାର ଘନିଷ୍ଠ ସ୍ପନ୍ଦନ ଅନୁଭବ କରିପାରିଥିଲି ତାହା ଯେ ଅନନ୍ୟ , ଏହା କହିବା ବାହୁଲ୍ୟ ମାତ୍ର । ରାଧାନାଥ ଓ ଗଙ୍ଗାଧରଙ୍କ ମଧ୍ୟରେ ଯେଉଁ ଅନାବିଳ ସାରସ୍ୱତ ସମ୍ପର୍କ ରହିଥିଲା ତାହା ଉପଲବ୍ଧି କରି ମୋ ଅନ୍ତର ହୋଇଛି ପରିଚ୍ଛନ୍ନ ଓ ଅଶ୍ରୁସ୍ନାତ ହୋଇଯାଇଛି ଦୁଇ ନୟନ । ରାଧାନାଥ ଗଙ୍ଗାଧରଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି – 'ଓଡ଼ିଶାକୁ ଯଦି ସ୍ନେହ କରିବାର ଅନ୍ୟ କୌଣସି କାରଣ ନଥାଆନ୍ତା ତେବେ କେବଳ ଆପଣଙ୍କ ପାଇଁ ହିଁ ଓଡ଼ିଶାକୁ ମୁଁ ସ୍ନେହ କରନ୍ତି।' ଏଭଳି ମର୍ମସ୍ପର୍ଶୀ ବାକ୍ୟଗୁଡ଼ିକ ସ୍ୱତଃ ମନେପଡ଼ି ଯାଉଥାଏ ବାଲେଶ୍ୱର ମାଟିରେ। ବ୍ୟାସକବି ଫକୀରମୋହନ ସେନାପତିଙ୍କ ସ୍ମୃତିତୀର୍ଥ ଦର୍ଶନ କରି ଯେଉଁ ଅନୁଭୂତି ଲାଭ କରିଛି, ତାହା ପରିଣତ ହୋଇଯିବ ଏକ ସୁଦୀର୍ଘ ଅଧ୍ୟାୟରେ । ସେଥିରୁ ବର୍ତ୍ତମାନ ପାଇଁ ବିରତ ରହୁଛି ଅନିଚ୍ଛା ସତ୍ତ୍ୱେ ।

କବି ବ୍ରଜନାଥ ରଥ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଅନୁରୋଧ କରିଥାନ୍ତି ଯେ ଗଙ୍ଗାଧର ମେହେରଙ୍କ ପ୍ର ପୌତ୍ର ଆସିଛନ୍ତି ବାଲେଶ୍ୱର କୁ। ରଧାନଥଙ୍କ ଜନ୍ମସ୍ଥାନ ସେ ଯେପରି ଦେଖିପାରିବେ ତାହାର ବ୍ୟବସ୍ଥା ଜିଲ୍ଲାପ୍ରଶାସନ ତରଫରୁ କରାଯାଇପାରିଲେ ତାହା ହେବ ଗୌରବାବହ। ଦେଖି ଆଶ୍ଚର୍ଯ୍ୟ ହେଲି ଜିଲ୍ଲାପାଳ ମହୋଦୟଙ୍କ ସାରସ୍ୱତ ସଂପ୍ରୀତି । ପରଦିନ ଅପରାହ୍ନରେ ଆମେ କେଦାରପୁର ଅଭିମୁଖେ ଯାତ୍ରା କଲୁ, ମନରେ ଅଶେଷ ଉତ୍କଣ୍ଠା ନେଇ । ମୁଁ କେବଳ ଚାହୁଁଥାଏ ରାସ୍ତା ଆଗକୁ,କେତେବେଳେ ପହଞ୍ଚିବୁ କେଦାରପୁର। ରାସ୍ତାର ଦୁଇ କଡେ ଅସଂଖ୍ୟ ବୃକ୍ଷଲତାଙ୍କୁ ପଚାରୁଥାଏ- 'ରାଧାନାଥଙ୍କୁ ତୁମେ ଦେଖିଛନା ?' ସେମାନେ ମୃଦୁ ମୃଦୁ ହସୁଥାନ୍ତି। ଯାହା ଦେଖି ଉଲ୍ଲସିତ ହୋଇଯାଉଥାଏ ମୋର ଆପାଦମସ୍ତକ। କେଦାରପୁର ମଧ୍ୟକୁ ପ୍ରବେଶକଲୁ ଯେତେବେଳେ ଆକସ୍ମିକ ଭାବରେ ଶୁଣିଲି କାହାର ଅନ୍ତଃସ୍ୱର। 'ବାବୁ ! ମୁଁ ଦେବପ୍ରତିମ କବିବରଙ୍କୁ ଦେଖିଛି କଟକ ଓ ସମ୍ବଲପୁରରେ । ତାଙ୍କ ଜନ୍ମ ମନ୍ଦିର ଯାଇପକ୍ଷରି ନଥିଲି । ତୁ ଯେ ଏ ସୌଭାଗ୍ୟ ଲାଭ କରିଛୁ ତାହା ଆକାଶ ମାର୍ଗରେ ରହି ଦେଖିପାରୁଛି , ସୁସ୍ପଷ୍ଟ ଭାବରେ । ମୋ ଆନନ୍ଦ ତେଣୁ ଅସରନ୍ତି।' ଜାଣିବାରେ ବିଳମ୍ବ ହେଲାନାହିଁ ଯେ ତାହା ପ୍ରପିତାମହ ଗଙ୍ଗାଧରଙ୍କ ସୁମଧୁର କଣ୍ଠସ୍ୱର । ଅନ୍ତରର ବାଣୀ ଶୁଣିବା କିମ୍ବା ଆକାଶବାଣୀରୁ ନିଃସୃତ ସ୍ୱର ମଧ୍ୟରେ କଣ ବା ତାରତମ୍ୟ ରହିଥାଏ ? ଗାଡିରୁ ଓହ୍ଲାଇଲୁ ରାଧାନାଥଙ୍କ ଜନ୍ମଗୃହ ସମ୍ମୁଖରେ। ସମଗ୍ର ଗୃହଟି ମାଟିରେ ନିର୍ମିତ । ଦେଖାଯାଉଥିଲା ଅପୂର୍ବ ସୁନ୍ଦର। ମନେହେଉଥିଲା ସତେ ଯେମିତି ମୁଁ ରାଧାନାଥଙ୍କ ସମୟର ଏକ ପ୍ରେରଣାପ୍ଲୁତ ମୁହୂର୍ତ୍ତ ଭିତରକୁ ପ୍ରବେଶ କରିଛି। ଠିକ ଏହି ସମୟରେ ଯେଉଁ ଭଦ୍ରବ୍ୟକ୍ତିଙ୍କ ସହ ସାକ୍ଷାତ , ହୋଇଗଲା ସେ ନିଜେ ହିଁ ହେଉଛନ୍ତି ରାଧାନାଥଙ୍କ ବଂଶଧର। କବି ବ୍ରଜନାଥ ରଥ ମୋ ସହିତ ତାଙ୍କର ପରିଚୟ କରାଇ ଦିଅନ୍ତି ।ଆବେଗର ସହିତ କହନ୍ତି – 'ଅଧ୍ୟାପକ ଡକ୍ଟର ମଣୀନ୍ଦ୍ର କୁମାର ମେହେର, ଯିଏ ଆପଣଙ୍କ ଆଗରେ ଛିଡା ହୋଇଛନ୍ତି ସେ ହେଉଛନ୍ତି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର।' କବି ଶ୍ରୀଯୁକ୍ତ ରଥଙ୍କ ଏତିକି କହିବା ପରେ ଦେଖିଲି ରାଧାନାଥଙ୍କ ବଂଶଜଙ୍କୁ ଆଖିପୂରାଇ। ସେ ମୋତେ ଦେଖୁଛନ୍ତି ନା ସ୍ୱୟଂ ଗଙ୍ଗାଧରଙ୍କୁ ଦେଖୁଛନ୍ତି ? ୭୦ ବର୍ଷ ଅତିକ୍ରମ କରିସାରିଥିବା ରାଧାନାଥଙ୍କ ଉତ୍ତରାଧିକାରୀଙ୍କ ଆଖି ଦୁଇଟି – ବିସ୍ମୟ ବିସ୍ଫାରିତ। ଚେହେରା ସମ୍ପୂର୍ଣ୍ଣ ପରିବର୍ତ୍ତିତ। କିଛି ମୁହୂର୍ତ୍ତ ପାଇଁ ରହିଗଲେ ସେ ସ୍ତମ୍ଭିତ । ମୁଁ କଣ କୌଣସି ନାଟକର ଏକ ଦୃଶ୍ୟ ଦେଖୁଛି ? ବିଶିଷ୍ଟ ଏକ ଚରିତ୍ରର ସ୍ୱଗତୋକ୍ତି ଶୁଣି ମୁଁ ବି ପାଲଟିଗଲି ଏକ ପ୍ରତିମୂର୍ତ୍ତି ପରି ନିସ୍ପନ୍ଦ। କେତେ କବି ଲେଖକଙ୍କ ସହ ତ ଦେଖାହୁଏ। କେହି କେହି ବିସ୍ମିତ, କେହି କୃତଜ୍ଞ ହୋଇ ଉଠନ୍ତି। ଆଉ ଅନେକଙ୍କ ମୁହଁର ନିରସତା ମୋତେ ଆଚମ୍ବିତ କରିଦିଏ। ଅଥଚ କେଦାରପୁରକୁ ଆସି କଣ ଦେଖୁଛି ମୁଁ!! 'ଗଙ୍ଗାଧରଙ୍କ ବଂଶଧର!!' ବାସ ଏତିକି କହି ଅପଲକ ଆଖିରେ ଅନାଇ ରହିଲେ ସୋବାକସ୍ଫୁର୍ତ୍ତି ହେଲାନାହିଁ ତାଙ୍କର କିଛି କ୍ଷଣ ।

ବିନମ୍ରତାର ସହିତ ହାତ ଯୋଡି ସେ ପ୍ରକାଶ କଲେ "ମୁଁ ଆଜ୍ଞା ସେହି ମହାନ୍ କବି ରାଧାନାଥଙ୍କ ପ୍ରକୃତ ଉତ୍ତରାଧିକରୀ ନୁହେଁ। ତାଙ୍କ ବଂଶର ମୁଁ ନଗଣ୍ୟ ଅତି ସାଧାରଣ ଜଣେ ପୋଷ୍ୟ ପୁତ୍ର" ।ତାଙ୍କ ଏହି ଅସାମାନ୍ୟ ବିନମ୍ରତା, ଆତ୍ମ ସ୍ୱୀକାରୋକ୍ତିର ଆବେଗ ଆଉ ଉଦାରତା ଦେଖି ସେହିକ୍ଷଣି ଅନୁଭବ କରିପାରିଲି ଯେ ସେ ହିଁ ହେଉଛନ୍ତି ରାଧାନାଥଙ୍କ ପ୍ରକୃତ ବଂଶଧର । ବଂଶଧର ହେବା ପାଇଁ ରକ୍ତର ସମ୍ପର୍କ ଆବଶ୍ୟକ ହୁଏ ନାହିଁ। ହୃଦୟର ଏହି ଏକାତ୍ମତା ଯାହାଙ୍କ ପାଖରେ ବିଦ୍ୟମାନ ସେ ହିଁ ହେଉଛନ୍ତି ବଂଶର ଗୌରବ। ଏହାପରେ ଗଙ୍ଗାଧରଙ୍କ କାବ୍ୟର ମହତ୍ତ୍ୱ ବର୍ଣ୍ଣନା କଲେ ସେ ରହି ରହି । ତନ୍ମୟ ହୋଇଯାଇ। କେତୋଟି ମୁହୂର୍ତ୍ତରେ ମାତ୍ର ସେ ପ୍ରକାଶ କରିଦେଲେ ରାଧାନାଥଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ଓ ଗଙ୍ଗାଧରଙ୍କ କାବ୍ୟର ଗୌରବ। 'ତପସ୍ୱିନୀ' କାବ୍ୟର ଦୁଇଟି ପଦ ଆବୃତ୍ତି କଲେ ସଶ୍ରଦ୍ଧ ଚିତ୍ତରେ। ଲକ୍ଷ୍ୟ କରୁଥିଲି , ତାଙ୍କ ମୁଖମଣ୍ଡଳର ପ୍ରତିଟି ଶିରା ପ୍ରଶିରାରେ କିପରି ଫୁଟି ଉଠୁଥାଏ ରାଧାନାଥ ଓ ଗଙ୍ଗାଧରଙ୍କ ପ୍ରତି ସୁଗଭୀର ଶ୍ରଦ୍ଧାଶୀଳତା। ଏପରି ଅସାମାନ୍ୟ ଭାବାବେଗ ଦେଖି କିପରି ଅବା ମୁଁ ବିମୁଗ୍ଧ ହୋଇ ନଥାନ୍ତି। ସେ ମୋର ଗୁରୁଜନ। ସେ ସିନା ପ୍ରକଟ କରିଦେଇ ପାରିଲେ ତାଙ୍କ ଅନୁଭବ। ମୁଁ ତ ମାତ୍ର ୩୪ ବର୍ଷ ବୟସର ତରୁଣ। ସଭା ସମିତିରେ ମୋର ତନ୍ମୟତା ପ୍ରକାଶ କରେ ସଂକୋଚର ସହ। ମୋ ଛାତ୍ରଛାତ୍ରୀଙ୍କ ଆଗରେ ବି ଅନେକ ସମୟରେ ଆବେଗସିକ୍ତ ଭାଷା କହିଦେଇପାରେ। ମାତ୍ର ଗୁରୁଜନଙ୍କ ଆଗରେ ମୋତେ ଲାଗେ ମୁଁ ଆଠ ଦଶ ବର୍ଷର ଶିଶୁଟିଏ ବୋଲି। ତେଣୁ ବଡ ମାନଙ୍କ ଆଗରେ କିଛି ବି କହିପାରେ ନାହିଁ ।ତାଙ୍କୁ ଲକ୍ଷ୍ୟ କରି ଅଭିଭୂତ ହେଉଥାଏ ମୁହୁର୍ମୁହୁ। ଆଉ ମୌନତାର ମୂର୍ତ୍ତି ହୋଇ ଛିଡ଼ା ହୋଇ ରହିଥାଏ। ଆଜି ଭାବୁଛି ମୁଁ ସିନା ନିଜ ଭାବ ବ୍ୟକ୍ତ କରିବାରେ ଅକ୍ଷମ ଥିଲି। ସେ ତ କେତେ ଦରଦୀ। କେତେ ଅନୁଭବୀ। ମୋ ଅନ୍ତରତଳର ସୂକ୍ଷ୍ମ ସ୍ପନ୍ଦନ ସେ କଣ ଅନୁଭବ କରିପାରି ନଥିବେ ? ନିଶ୍ଚୟ ଏ ଛୋଟ ପିଲାଟିର ନିରବତାର ଭାଷା ସେ ବୁଝି ପାରିଥିବେ। ଏପରି ଭାବି ନିଜକୁ ନିଜେ ସାନ୍ତ୍ୱନା ଦେଉଥିଲି ଆଉ ଆଜିବି ତାହା ହିଁ କରୁଛି।



ଆମେ ସମସ୍ତେ ଛିଡ଼ା ହୋଇ ରହିଥିବା ବେଳେ ହିଁ ଭାବର ନଈଧାରା ବହି ଯାଇଥିଲା ଏପରି। ସୌଜନ୍ୟ, ଶିଷ୍ଟାଚାର, ସାମାଜିକ ବ୍ୟବହାର, ଅତିଥି ଚର୍ଚ୍ଚାର ପାରମ୍ପରିକ ରୀତି ନୀତି ଭୁଲି ଯାଇଥିଲେ ରାଧାନାଥଙ୍କ ଉତ୍ତରଦାୟାଦ। ଆଉ ଆମେ ବି ତାହାକୁ ଗୁରୁତ୍ୱ ପୂର୍ଣ୍ଣ ମନେ ନ କରିବା ଥିଲା ସ୍ୱାଭାବିକ। କାରଣ ସେଥିପାଇଁ ଆମେ ଯାଇ ନଥିଲୁ। ଛିଡ଼ା ହୋଇଥିବା ଅବସ୍ଥାରେ ଯେଉଁ ସମ୍ପଦ ପ୍ରାପ୍ତ ହେଉଥିଲା ତାହା କୌଣସି ଅତିଥି ଚର୍ଚ୍ଚାରେ ମିଳିବାର ସମ୍ଭାବନା ହିଁ ନଥାଏ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ମାତୃଶକ୍ତି ଓ ମା' ଦୁର୍ଗା

❤ ରେବତୀ ମହାପାତ୍ର



ଶକ୍ତି ଏକ ଅଦୃଶ୍ୟ ସାହାଭରସାର ଯୁକ୍ତାତ୍ମକ ଉପଲବ୍ଧି । ମା' ର ଶକ୍ତି ପିଲାକୁ ଏକ ଭରସା ପୂର୍ଣ୍ଣ ଅନୁଭବ ଦେଇଥାଏ । ମା' ଦୁର୍ଗା ହେଉଛନ୍ତି ମାତୃଶକ୍ତିର ଉତ୍ସ । ଏ ସମଗ୍ର ଜଗତକୁ ଯେ ଦୁର୍ଗତିରୁ ରକ୍ଷା କରନ୍ତି ସେ ହେଲେ ମା' ଦୁର୍ଗା । ମା' ଜଗଦମ୍ବା । ମା' ହେଲେ ଐଶ୍ୱରିକ ଶକ୍ତିର ଉତ୍ସ, ଅଲୌକିକ ଶକ୍ତି ଧାରିଣୀ, ବିପଦ ତାରିଣୀ ଏବଂ କଳୁଷ ନାଶିନୀ । ପୃଥିବୀକୁ ଯେତବେଳେ ଘୋର ବିପ, ଆସୁରିକ ଶକ୍ତି ଆଦି ଗ୍ରାସ କରିଥାଏ ମା' ଦୁର୍ଗା ସ୍ୱୟଂ ଧରାପୃଷ୍ଠକୁ ଅବତରଣ କରିଥାନ୍ତି ଏବଂ ତା'ର ସନ୍ତାନ ମାନଙ୍କୁ ରକ୍ଷା କରନ୍ତି । ସତ୍ୟଯୁଗରେ ମହିଷାସୁର, ଚଣ୍ଡ, ମୁଣ୍ଡ, ଶୁମ୍ଭ, ନିଶୁମ୍ଭ, ରକ୍ତବୀଜ, ମଧୁକୈଟଭ, ଧୂମ୍ର ଆଦି ଭୟଙ୍କର ରାକ୍ଷାସ ମାନଙ୍କ କବଳରୁ ମାତା ଜଗତକୁ ଉଦ୍ଧାର କରିଛନ୍ତି । । ତ୍ରେତୟା ଯୁଗରେ ରାବଣଠାରୁ ସୀତାଙ୍କୁ ଉଦ୍ଧାର କରିବା ପାଇଁ ପ୍ରଭୁ ଶ୍ରୀରାମ ଦୁର୍ଗା ମା'ଙ୍କ ଆରାଧନା କରିଥିଲେ ଏବଂ ମାତାଙ୍କ ଆଶୀର୍ବାଦରୁ ରାବଣଠାରୁ ବିଜୟ ପ୍ରାପ୍ତ କରିଥିଲେ। ଦ୍ୱାପର ଯୁଗରେ ମାତା ଦେବକୀଙ୍କ ଅଷ୍ଟମ ଗର୍ଭରେ କୃଷ୍ଣ ଜାତ ସମୟରେ କଂସ ଦାଉରୁ ମଥୁରାବାସୀଙ୍କୁ ରକ୍ଷା କରିବା ପାଇଁ ବିଜୁଳି କନ୍ୟା ରୂପରେ ଆବିର୍ଭାବ ହୋଇଥିଲେ ଏବଂ ରାକ୍ଷସ କଂସକୁ ଚେତାବନୀ ଦେଇଥିଲେ। ତିନିଯୁଗରେ ଅସୁର ମାନଙ୍କୁ ମାତା ନିଧନ କରିଥିଲେ । କଳିଯୁଗରେ ଆସୁରିକ ଶକ୍ତିକୁ ଦମନ କରିବା ପାଇଁ ଶରତ ଋତୁ ଆଶ୍ୱିନ ମାସ ଶୁକ୍ଳପକ୍ଷର ମଧୁର ବେଳାରେ ଧରାପୃଷ୍ଠକୁ ମାତା ଅବତରଣ କରିଥାନ୍ତି । ପ୍ରଥମ ତିଥିରୁ ନବମୀ ତିଥି ପର୍ଯ୍ୟନ୍ତ ମାତା ଦୁର୍ଗାଙ୍କୁ ନଅ ରୂପରେ ପୂଜା କରାଯାଇଥାଏ ଯଥା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟ, କୁଷ୍ମାଣ୍ଡ, ସ୍କନ୍ଦମାତା, କାତ୍ୟାୟିନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାତ୍ରୀ । ଶକ୍ତିର ପ୍ରତୀକ ମାତା ଦୁର୍ଗା ଏ ବ୍ରହ୍ମାଣ୍ଡର ସୃଷ୍ଟି, ସ୍ଥିତି ଓ ବିଲୟର ଉତ୍ସ । ପୁରାଣ କଥା ଅନୁସାରେ ମାତା ଦୁର୍ଗାଙ୍କ ଚତୁର୍ଥ ଅବତାର ମା କୁଷ୍ମାଣ୍ଡ ସୂର୍ଯ୍ୟଙ୍କ ଆଭ୍ୟନ୍ତରରେ ବିଦ୍ୟମାନ ଯିଏ ଏ ସୃଷ୍ଟିକୁ ଜୀବନ ଧାରଣର ଶକ୍ତି ପ୍ରଦାନ କରିଛନ୍ତି ।

**ମହାଳୟା ପରଠାରୁ ମା'ଙ୍କର ଷୋହଳ ଦିନର ପାର୍ବଣ ପୂଜା ଅନୁଷ୍ଠିତ ହୁଏ । ସାଧାରଣତଃ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ମାଟିର ମୂର୍ତ୍ତି ପୂଜା କରାଯାଏ । ଷଷ୍ଠୀ ପୂଜାରେ ମାତାଙ୍କୁ ସନ୍ଧ୍ୟାରେ ଆବାହନ କରାଯାଏ । ଦଶମୀ ଦିନ ବିସର୍ଜନ କରାଯାଏ ।**

ବିଶ୍ୱ ପ୍ରସିଦ୍ଧ ମହାନ୍ ଭାରତୀୟ ଗଣିତଜ୍ଞ ଶ୍ରୀ ରାମାନୁଜନ୍ କେତେ ବି ବଡ ସଂଖ୍ୟାର ହିସାବ ହେଉ ମୁହୂର୍ତ୍ତ ମଧ୍ୟରେ କରିପାରୁଥିଲେ । ପିଲାଦିନେ ସେ ଅନେକ ସମୟରେ ତାଙ୍କର ଗ୍ରାମଦେବତୀଙ୍କ ମନ୍ଦିରରେ ମାତାଙ୍କ ପ୍ରତିମାକୁ ଚାହିଁ ବସି ରହୁଥିଲେ । ମନ୍ଦିରର ପ୍ରାଙ୍ଗଣରେ ଚଟାଣ ଉପରେ ଖଡି ସାହାଯ୍ୟରେ ସଂଖ୍ୟାର ହିସାବ ସବୁ କରୁଥିଲେ । ବହୁତ ଦିନ ପରେ ଇଂଲଣ୍ଡରେ ସେ ତାଙ୍କର ବନ୍ଧୁଙ୍କୁ ଜଣାଇଥିଲେ କି ପିଲାଦିନେ ମନ୍ଦିର ପ୍ରାଙ୍ଗଣରେ ସେ ସ୍ୱୟଂ ଦେବୀ ମା'ଙ୍କ ସହିତ କଥା ହେଉଥିଲେ । ଯେକୌଣସି ବି ପ୍ରଶ୍ନର ସଠିକ୍ ହିସାବ ସେ କରିବା ଆଗରୁ ସ୍ୱୟଂ ମାତା ତାଙ୍କୁ କହିଦେଉଥିଲେ । ମା' ଙ୍କ ଆଶୀର୍ବାଦର ଏହା ଏକ ନିଚ୍ଛକ ଉଦାହରଣ।

ସତ୍ୟଯୁଗରେ ପ୍ରଭୁ ଶେଷନୃସିଂହ, ଲକ୍ଷ୍ମୀ ମା'ଙ୍କୁ ପାଇବା ପାଇଁ ବରୁଣ ରାଜାଙ୍କ ସ୍ୱୟମ୍ବରକୁ ଆସିଥିଲେ ଏବଂ ଶକ୍ତି ମାତାଙ୍କୁ ସ୍ମରଣ କରିଥିଲେ । ମାତାଙ୍କ ସାନ୍ନିଧ୍ୟରୁ ଲକ୍ଷ୍ମୀ ନୃସିଂହଙ୍କ ବିବାହ ସମ୍ପନ୍ନ ହୋଇଥିଲା । ସେହିପରି ଦ୍ୱାପର ଯୁଗରେ ରୁକ୍ମିଣୀ ହରଣ ପାଇଁ ଶ୍ରୀକୃଷ୍ଣଙ୍କୁ ଚିଠି ପ୍ରେରଣ କରି ରୁକ୍ମିଣୀ ଅମ୍ବିକା ମାତାଙ୍କ ମନ୍ଦିରରେ ଅପେକ୍ଷା ରତ ଥିଲେ । ମାତାଙ୍କୁ ସ୍ତୁତିଗାନ ପରେ ଶ୍ରୀକୃଷ୍ଣ ବଳରାମ ଆସି ପହଂଚିଥିଲେ ଏବଂ ରୁକ୍ମିଣୀଙ୍କ ଭ୍ରାତା ରୁକ୍ମି, ଶିଶୁପାଳ ଓ ସୈନ୍ୟସାମନ୍ତଙ୍କୁ ବଳରାମ ପ୍ରତିରୋଧ କରିବା ସମୟରେ ଶ୍ରୀକୃଷ୍ଣ ନିଜ ରଥରେ ରୁକ୍ମିଣୀଙ୍କୁ ହରଣ କରିଥିଲେ । ତେଣୁ ମାତାଙ୍କ କୃପାରୁ ରୁକ୍ମିଣୀ ଓ ଶ୍ରୀକୃଷ୍ଣଙ୍କ ବିବାହ ସମ୍ପନ୍ନ ହୋଇଥିଲା ।

ଶ୍ରୀମଦ୍ ଭଗବତ୍ ଗୀତାର ରଚୟିତା ଶ୍ରୀ ବ୍ୟାସଦେବ ୧୮ ଖଣ୍ଡ ପୁରାଣ ରଚନା କରିଥିଲେ। ସେଥିମଧ୍ୟରୁ ମାର୍କଣ୍ଡେୟ ପୁରାଣ ଅନ୍ୟତମ । ଏହି ପୁରାଣରେ ମାତାଙ୍କ ଧରାପୃଷ୍ଠକୁ ଆଗମନ ତଥା ଆବାହନ କଥା ଏବଂ ଚଣ୍ଡୀପୂଜା ଦର୍ଶା ହୋଇଛି । ସେହି ରୀତିନୀତି ଅନୁଯାୟୀ ଓଡିଶାର ବିଭିନ୍ନ ପ୍ରତ୍ୟେକ୍ଷ ପୀଠ ମାନଙ୍କରେ ଯଥା ଯାଜପୁରର ମା' ବିରଜା , ଝଙ୍କଡର ମା' ଶାରଳା , ତାଳଚେରର ମା' ହିଂଗୁଳା, ବାଣପୁରର ମା' ଭଗବତୀ, ସମ୍ବଲପୁରରେ ମା' ସମଲେଇ ଆଦି ପୀଠରେ ଦେବୀପୂଜା ସମ୍ପନ୍ନ କରାଯାଇଥାଏ। ପୁରୀସ୍ଥିତ ବିମଳା ଠାକୁରାଣୀଙ୍କୁ ଦୁର୍ଗାପୂଜା ଅବସରରେ ମାତା ଭୈରବୀ ରୂପେ ପୂଜା କରାଯାଇଥାଏ ।

ଚଣ୍ଡୀପୁରାଣରେ ବିଷାଦଗ୍ରସ୍ତ ଚିତ୍ରଗୁପ୍ତବଂଶୀ ରାଜା ସୁରଥଙ୍କ ଜୀବନ କାହାଣୀ ବର୍ଣ୍ଣନା ହୋଇଛି । ସମସ୍ତ ଧନ ସମ୍ପତ୍ତି ଓ ସମ୍ମାନ ହରାଇ ରାଜ୍ୟ ତ୍ୟାଗ କରି ରାଜା ସୁରଥ କାଳାତିପାତ କରିବା ସମୟରେ ଅନ୍ୟ ଜଣେ ବିଷାଦ ଗ୍ରସ୍ତ ବଣିକ ବୈଶ୍ୟ ସମାଧିଙ୍କ ସହ ତାଙ୍କର ଭେଟ ହୋଇଥିଲା। ଦୁହେଁ ଅରଣ୍ୟ ମଧ୍ୟରେ ଜୀବନ ଯାପନ କଲେ। ଏକଦା ଅରଣ୍ୟ ମଧ୍ୟରେ ସୁମେଧା ଋଷିଙ୍କ ସଂସ୍ପର୍ଶରେ ସେମାନେ ଆସିଲେ। ଜ୍ଞାନୀ ତଥା ତ୍ରିକାଳ ଦର୍ଶୀ ଋଷି ଦେବୀ ମାତା ଦୁର୍ଗାଙ୍କର ଆବାହନ ପୂଜା ପାଇଁ ପରାମର୍ଶ ତଥା ପ୍ରସ୍ତାବ ଦେଲା । ରାଜା ସେହି ଅରଣ୍ୟରୁ ମୃତ୍ତିକା ସଂଗ୍ରହ କରି ମାତାଙ୍କ ମୃଣ୍ମୟୀ ମୂର୍ତ୍ତି ପ୍ରତିଷ୍ଠା କଲେ। ପ୍ରଥମ କରି ମର୍ତ୍ତ୍ୟମଣ୍ଡଳରେ ସେହି ଦିନ ମାତାଙ୍କର ମୂର୍ତ୍ତି ପୂଜା ଅନୁଷ୍ଠିତ ହୋଇଥିଲା। ସେହି ପ୍ରଦେଶଟି ଥିଲା ଆଜିର ପଶ୍ଚିମବଂଗ ସ୍ଥିତ ଦୁର୍ଗାପୁର ସହର। ପରବର୍ତ୍ତୀ ସମୟରେ ସମଗ୍ର ବିଶ୍ୱକୁ ଦୁର୍ଗାପୂଜା ବିଧି ଓ ପରମ୍ପରା ବ୍ୟାପ୍ତ ହୋଇଥିଲା। ମାତାଙ୍କ ପୂଜା ପରେ ଉଭୟ ରାଜା ସୁରଥ ଏବଂ ବୈଶ୍ୟ ସମାଧି ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ ଏବଂ ହରାଇଥିବା ସମସ୍ତ ସମ୍ପତି ଓ ସମ୍ମାନ ପୁନର୍ବାର ପ୍ରାପ୍ତ କରିପାରିଥିଲେ ।

ମହାଳୟା ପରଠାରୁ ମା'ଙ୍କର ଷୋହଳ ଦିନର ପାର୍ବଣ ପୂଜା ଅନୁଷ୍ଠିତ ହୁଏ । ସାଧାରଣତଃ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ମାଟିର ମୂର୍ତ୍ତି ପୂଜା କରାଯାଏ । ଷଷ୍ଠୀ ପୂଜାରେ ମାତାଙ୍କୁ ସନ୍ଧ୍ୟାରେ ଆବାହନ କରାଯାଏ । ଦଶମୀ ଦିନ ବିସର୍ଜନ କରାଯାଏ । ସହରର ବିଭିନ୍ନ ସାହି ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜନ ହୁଏ । ପଂଚ ଉପଚାର, ଷଡ ଉପଚାର, ଦଶମ ଉପଚାର ଏବଂ ଷୋଡଶ ଉପଚାର ପୂଜା କରାଯାଏ । ରାମଚନ୍ଦ୍ରଙ୍କୁ ଦେବୀ ଚଣ୍ଡିକା ସନ୍ଧିକ୍ଷଣରେ ହିଁ ରାବଣକୁ ବଧ କରିବା ପାଇଁ ବର ପ୍ରଦାନ କରିଥିଲେ ଏବଂ ଦଶହରା ଦିନ ଶ୍ରୀରାମ ରାବଣର ବଧ କରିଥିଲେ । ସେଥିପାଇଁ ଦଶହରା ଦିନକୁ ବିଜୟାଦଶମୀ କୁହାଯାଏ ଏବଂ ବିଜୟର ପ୍ରତୀକ ହୋଇଥିବାରୁ ମାତା ଦୁର୍ଗାଙ୍କୁ ବିଜୟା ନାମରେ ମଧ୍ୟ ପୂଜା କରାଯାଇଥାଏ । ନବରାତ୍ରିରେ ମାତାଙ୍କୁ ମହାଲକ୍ଷ୍ମୀ, ମହାକାଳୀ ଓ ମହାସରସ୍ୱତୀଙ୍କ ରୂପରେ ମଧ୍ୟ ପୂଜା କରାଯାଇଥାଏ । ପ୍ରଥମ ତିନି ଦିନ ମା' କାଳୀଙ୍କୁ, ମଝି ତିନି ଦିନ ମା' ଲକ୍ଷ୍ମୀଙ୍କୁ ଓ ଶେଷ ତିନି ଦିନ ମା' ସରସ୍ୱତୀଙ୍କୁ ପୂଜା କରାଯାଏ । ଦଶମୀ ପୂଜା ପରଠାରୁ ଓ ଏକାଦଶୀ ଦିନ ମାତାଙ୍କ ଭସାଣୀ ଉତ୍ସବ ସମାପନ ହୋଇଥାଏ । ପ୍ରଚଳିତ ପରମ୍ପରା ଅନୁଯାୟୀ କେଉଁ କେଉଁ ସ୍ଥାନରେ ମାତାଙ୍କୁ ଚତୁର୍ଭୁଜା, କେଉଁଠି ଦଶଭୁଜା ତ କେଉଁଠି ସହସ୍ରଭୁଜାରେ ମଧ୍ୟ ପୂଜା କରିବାର ନିଦର୍ଶନ ମିଳିଥାଏ ।

ପବିତ୍ର ଦଶହରା ଦିନ ଆମେ ସଭିଏଁ ପ୍ରତିଜ୍ଞା କରିବା ଆମ ଭିତରେ ଥିବା ହିଂସା ଓ ଦ୍ୱେଷ ଭାବର ପରିତ୍ୟାଗ କରି ସମସ୍ତଙ୍କ ହିତାର୍ଥେ ଏକ ଅନୁକୂଳ ବାତାବରଣର ଭବିଷ୍ୟତ ଗଢିବା । ନିଜ ଅନ୍ତରର କାମ, କ୍ରୋଧ, ହିଂସା, ଦ୍ୱେଷ, ଲୋଭ, ମୋହ, କଳହ, କପଟ, ଅହଙ୍କାର ପରି ନିଚ ଭାବକୁ ତ୍ୟାଗ କରିବା । ତେବେ ଆମେ ମାତୃଶକ୍ତିକୁ ଅନୁଭବ କରିପାରିବା । ମା' ସଭିଙ୍କୁ ଆଶୀର୍ବାଦ ଦିଅନ୍ତୁ । ଏ ଜଗତକୁ ମାନବ ସମାଜକୁ ସୁପଥରେ ଯିବା ପାଇଁ ଦିଗ୍ ଦର୍ଶନ ଦିଅନ୍ତୁ । ଏ ସୃଷ୍ଟିକୁ ମା ଧ୍ୱଂସ ମୁଖରୁ ରକ୍ଷା କରନ୍ତୁ । ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଭାଷାରେ "ତଦନୁସରଣଂ କ୍ଲେଶହରଣଂ ନ ଜାନମି ଆହ୍ୱାନଂ ନିଜାନମି ଆବାହନମ୍ ।

ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା
ଯା ଦେବୀ ସର୍ବଭୂତେଷୁ ମାତୃ ରୂପେଣ ସଂସ୍ଥିତା
ଯା ଦେବୀ ସର୍ବଭୂତେଷୁ ଦେବୀ ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ।

❤ ଶିଶୁପାଳଗଡ, ଭୁବନେଶ୍ୱର

# ପ୍ରକୃତିଦେବୀ ଶକ୍ତିମାତାଙ୍କ ପାର୍ବଣର ଋତୁ ଶରତ



ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)

କାଳ ହିଁ ସମୟ । ସମୟକୁ ବୁଝିବା ପାଇଁ ଆମ ଭାରତୀୟ ସଂସ୍କୃତିରେ କଳ୍ପ, ଯୁଗ, ଦେବବର୍ଷ, ପିତୃବର୍ଷ, ନରବର୍ଷକୁ ଆରମ୍ଭ କରି ସାଧାରଣରେ ବର୍ଷ, ମାସ, ପକ୍ଷ, ସପ୍ତାହ, ଦିବସ, ରଜନୀ ଭଳି ଅହୋରାତ୍ର, ଘଡ଼ି, ଦଣ୍ଡ, ଲିତା, ବିଲିତାଦି କ୍ରମରେ ଅତିବାହିତ କରିବାକୁ ହୋଇଥାଏ । ସମୟର ପରିମାପକ ରୂପେ ଆଜିକାଲି ଘଣ୍ଟା, ମିନିଟ୍, ସେକେଣ୍ଡ ଓ ସେକେଣ୍ଡରୁ ନ୍ୟୁନାତିନ୍ୟୁନ ଭାବରେ ମଧ୍ୟ ହିସାବ ରଖିବାକୁ ପଡିଥାଏ । ବର୍ଷଟିଏ ମଧ୍ୟରେ ଗ୍ରହଚକ୍ରର ପରିକ୍ରମଣକୁ ନେଇ ବିଭିନ୍ନ ସମୟରେ ବିଭିନ୍ନ ଋତୁ ମାନଙ୍କର ବି ଆବିର୍ଭାବ ହୋଇଥାଏ। ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ ଓ ବସନ୍ତ ଏଭଳି ଦୁଇ ଦୁଇ ମାସ କରି ଗୋଟିଏ ଗୋଟିଏ ଋତୁର ଆବିର୍ଭାବ ହୁଏ ଗୋଟିଏ ବର୍ଷ ମଧ୍ୟରେ। ପୃଥିବୀ ସମେତ ଅନ୍ୟ ଗ୍ରହ ଓ ଜଳବାୟୁର ପରିବର୍ତ୍ତନ ଆମେ ଅନୁଭବ କରୁ । ଏହି ସବୁ ଋତୁମାନଙ୍କର ସମୟକୁ ଅତିକ୍ରମିବା ବେଳେ ଶରତ ନାମ୍ନୀ ଋତୁଟିଏ ଆସିଥାଏ ପୃଥିବୀକୁ । ତାକୁ ବିଜ୍ଞାନ, ଶାସ୍ତ୍ର, ପୁରାଣ ଆଦିରେ ଶାରଦୀୟ ଋତୁ କୁହାଯାଏ। ଆମ ଦେଶ ଭାରତରେ ଓ ଭାରତୀୟ ସଂସ୍କୃତିରେ ଏ ଋତୁକୁ ଶକ୍ତିମାତାଙ୍କର ଆବିର୍ଭାବ, ପୂଜନ ଓ ବନ୍ଦନାର ଋତୁକାଳ ରୂପରେ ମନାଯାଏ। ଏହା ବିଶେଷରେ ଭାଦ୍ରବ, ଆଶ୍ୱିନ ମାସରେ ପଡ଼େ ଓ ଅଗ୍ରପୂଜ୍ୟ ଗଣନାଥଙ୍କ ପୂଜା ଉତ୍ସବରେ ମୁଖର ହୋଇଥାଏ ଆମର ଭାଦ୍ରବ ମାସ । ତା'ପରେ ସର୍ବ ଐଶ୍ୱର୍ଯ୍ୟ ଓ ଶକ୍ତିର ବିକାଶ ହୋଇଥାଏ ଆମ ଆଶ୍ୱିନ ମାସରୁ । ବର୍ଷରେ ବାରଟି ମାସ । ଆମ ସନାତନ ଧର୍ମ ସଂସ୍କୃତିରେ କୌଣସିଟି ନାମଗତ ସଂଜ୍ଞା ସେ ଜଡ଼ ଜୀବ କି ସ୍ଥାନ, କୁଳ, ପାତ୍ରରେ କୌଣସି କାଳେ ଅବୈଜ୍ଞାନିକ ନୁହେଁ । ସବୁଥିରେ ରହିଛି ବିଜ୍ଞାନଜ୍ଞାନ ସମ୍ମତ ନାମକରଣ । ଯାହାର ଲାଞ୍ଜକୁ ଧରି ଆମେ କାହିଁକି ଯେ କିଏ ଠିକ୍ ଜ୍ଞାନର କେନ୍ଦ୍ର ଭୂମିରେ ପହଞ୍ଚି ଯାଇପାରିବ । ଭୂଗୋଳ ହେଉ କି ଅଙ୍କ ବିଜ୍ଞାନ ହେଉ କି ସାହିତ୍ୟ ହେଉ ସବୁଥିରେ ଭରି ରହିଛି ସନାତନ ସଂସ୍କୃତି । ଯାହା ଆଦ୍ୟକାଳରେ ସମଗ୍ର ଭୂମଣ୍ଡଳକୁ ଆଚ୍ଛାଦିତ କରିଥିଲା । ପରବର୍ତ୍ତୀ କାଳରେ ମନୁଷ୍ୟ ଦେହର ଅବଗୁଣମାନଙ୍କ ପାଇଁ ମନୁଷ୍ୟ ଅହଂକାରୀ, ମାନୀ, ଅଭିମାନୀ ହୋଇ ବିଭିନ୍ନ କାଳ ବିଭିନ୍ନ ସମୟରେ ନିଜନିଜକୁ ପ୍ରତିଷ୍ଠିତ କରିବା ପାଇଁ ବିଶ୍ୱରେ ସନାତନ ସଂସ୍କୃତି ଧର୍ମଠାରୁ ସାମାନ୍ୟ ଭାବେ ଦୂରେଇ ଦୂରେଇ ଯାଇ ଅନ୍ୟ ନାମରେ ଅଲଗା ଅଲଗା ଧର୍ମମାନଙ୍କର ଜନ୍ମ ଦେଲା ଓ ତାକୁ ନେଇ ଗୋଷ୍ଠୀ ତିଆରି କଲା । ଏଥିରେ ପରମେଶ୍ୱର ଭଗବାନଙ୍କର କିଛି ହିଁ ଦୋଷ ନଥିଲା। ସବୁଗୋଷ୍ଠୀ ଧର୍ମର ଉର୍ଦ୍ଧରେ ସେହି ବ୍ରହ୍ମ ହିଁ ପରମେଶ୍ୱର ବିଷ୍ଣୁ ନାରାୟଣ, ଈଶ୍ୱର, ହିଁ ଏବେ ବି ପୂଜିତ । ଏଥିରେ ଗୋଷ୍ଠୀ ସଂଘର୍ଷ ଆସିବ କୁଆଡୁ ? କିନ୍ତୁ ମଣିଷ ମଣିଷ ମଧ୍ୟରେ ଅହମିକାର ପରିପ୍ରକାଶ କରିବାକୁ ଯାଇ ଧର୍ମ ନାମରେ ସଂଘର୍ଷ କରି ଏହି ସନାତନ ଧର୍ମ ପ୍ରକୃତି ଉପାସନାର ଶାନ୍ତି, ପ୍ରୀତି ଓ ସାନନ୍ଦକୁ ନିଜ ମୂର୍ଖାମୀ ଯୋଗୁଁ ଧ୍ୱଂସସାଧନ କରିବାକୁ ଲାଗିଲା। ଏ ପୃଥିବୀରେ ପରମେଶ୍ୱର ଭଗବାନଙ୍କ ସୃଷ୍ଟି ଏ ମାନବ ରୂପ ହେଉଛି ଅମୃତସନ୍ତାନ । ଅମୃତର ପରିଭାଷା ଓ ମନ୍ତ୍ର ନେଇ ଦୀକ୍ଷିତ ଓ ମନ୍ତ୍ରିତ ହୋଇଥିବା ମଣିଷ ନିଜ ହାତରେ ଅସ୍ତ୍ର ଧରି ନିଜେ ନିଜକୁ ହିଁ ହତ୍ୟା କରୁଛି ପୁଣି ଅତ୍ୟନ୍ତ ଭାବ ବିହ୍ୱଳ ଭାବରେ ସଇତାନ ହୋଇ। କ'ଣ ନକରୁଛି ଏ ଅମୃତ ସନ୍ତାନର ମନରେ ବସାବାନ୍ଧି ରହିଥିବା ଅହଂକାରୀ, କାମ, କ୍ରୋଧ, ଲୋଭ ଓ ମିଛ ମୋହର ସଇତାନୀ ମନର ଅଭିପ୍ସା । ରାଗ, ରୋଷ, ମୁଁ ବଡ଼, ମୋ ଧର୍ମ ମୋ କର୍ମ ଓ ମୁଁ ସବୁଠାରୁ ବଡ଼ କୁହାଉଥିବା ମୂର୍ଖ ମନର ଅକର୍ମ ଯୋଗୁଁ ଏ' ଭାଇଚାରା, ମାନବତା ଓ ସେବା ଧର୍ମର ଜୀବନ ଆଜି ଦିଗଭ୍ରଷ୍ଟ । ସମସ୍ତେ ମାନନ୍ତି ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ଉପଗ୍ରହ ଓ ନକ୍ଷତ୍ର ମଣ୍ଡଳକୁ । ତାହେଲେ ଏ ସମଗ୍ର ବିଶ୍ୱ ବସୁଧାମଣ୍ଡଳକୁ ଏକ କୁଟୁମ୍ବ ମାନିବାରେ ଅସୁବିଧା କେଉଁଠି ? ଜଣେ କାହିଁକି ଅନ୍ୟ ଜଣକର ଅହିତ ପାଞ୍ଚୁଛି । ଏଥିରେ କ'ଣ ଧର୍ମ, ଅର୍ଥ, କାମ, ମୋକ୍ଷର ପ୍ରାପ୍ତ ହୁଏ ? ଦୁଃଖୀ ମଣିଷ କାହିଁକି ସମଗ୍ର ଜୀବସତ୍ତାକୁ ଆଶ୍ୱାସନାର ବାଣୀ ପଢ଼ି ଶୁଣାଇଦେଲେ କିମ୍ବା ନିଜ ଆର୍ଦ୍ର ଭରା ମନରେ ନିଜ ହାତର କୋମଳ ସମବେଦନାର ସ୍ପର୍ଶରେ ଆଉଁଷି ଦେଇ ତା'ର ବେଦନାର୍ତ୍ତ ଦୁଃଖକୁ କିଛି ପରିମାଣରେ ହାଲ୍କା କରାଇଦେବାରେ ଅସୁବିଧା କେଉଁଠି ? 'ସର୍ବେ ଭବନ୍ତୁ ସୁଖୀନା, ସର୍ବେସନ୍ତୁ ନିରାମୟଃ' କହିବା ଓ କିଛି ଅହଂକାର ଶୂନ୍ୟ ମନରେ ସେବା କରିବାରେ ଅସୁବିଧା କେଉଁଠି ଯେ...

ଏମିତି ତ' କହିବସିଲେ ଅନେକ କଥା କହିହେବ । କିନ୍ତୁ ଦୁଃଖ ହେଉଛି ଆମ ମନନଶୀଳତାକୁ ମାନି ନେବାରେ । କେତେ ସୁନ୍ଦର ସତରେ ଆମ ସନାତନ ସଂସ୍କୃତି । ଏଥିରେ ବିଶେଷରେ କୌଣସି ନିର୍ଦ୍ଦିଷ୍ଟ ଠାକୁର ଠାକୁରାଣୀ ନାହାନ୍ତି । ସବୁ ସେହି ପ୍ରକୃତି ମାତା। କେଉଁଠି ତାରା ହେଇ ଆକାଶରେ ଝଲସୁଛି ତ' କେଉଁଠି ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ଉପଗ୍ରହ ହେଇ ଏହି ପୃଥିବୀକୁ ନୁହଁ ସମଗ୍ର ବିଶ୍ୱକୁ ପ୍ରତିପାଳନ କରୁଛନ୍ତି । କେଉଁଠି ନଦୀ, କେଉଁଠି ଝରଣା, ପଥର, ମାଟି ଗୋଡ଼ି, ବାଲି, ଗଛବୃକ୍ଷ ବି ଠାକୁର ଠାକୁରାଣୀ ରୂପରେ ପୂଜିତ ହେଉଛନ୍ତି। ଏହି ତ' ଆମ ସନାତନ ଧର୍ମ ଓ ବର୍ଷରେ ବାରମାସ ବାରଟି ରାଶିଚକ୍ରର ନାମରେ ନାମିତ। ରାଶିକ୍ରମରେ ସାରା ଆକାଶ ବାରଟି କ୍ରାନ୍ତି ମଣ୍ଡଳରେ ବିଭାଜିତ । ମେଷ, ବୃଷ, ମିଥୁନ, କର୍କଟରୁ ମୀନର କ୍ରାନ୍ତି ପଥରେ । ପୁଣି ଏସବୁ କ୍ରାନ୍ତିପଥରେ ରହିଛନ୍ତି ଆଶ୍ୱିନ, ଦ୍ୱିଜା, କୃତ୍ତିକା ଭଳି ୨୭ଟି ନକ୍ଷତ୍ର । ପ୍ରତିକ୍ରାନ୍ତିରେ ଅଛନ୍ତି ଦୁଇଟି ପୂର୍ଣ୍ଣ ନକ୍ଷତ୍ର ଓ ଆଉ ପରନକ୍ଷତ୍ରର ଚାରି ପାଦରୁ ଗୋଟିଏ ପାଦ । ଏସବୁ ମନଗଢ଼ା ନୁହଁ ସମ୍ପୂର୍ଣ୍ଣ ବିଜ୍ଞାନ କଥା । ଏପଟେ ଦେଖନ୍ତୁ ସପ୍ତାହର ବାର ଗୁଡ଼ିକର ନାମ ରବିବାରଠାରୁ ଆରମ୍ଭ ହୋଇ ସୋମ(ଚନ୍ଦ୍ର), ମଙ୍ଗଳ, ବୁଧ, ଗୁରୁ (ବୃହସ୍ପତି), ଶୁକ୍ର ଓ ଶନି ଗ୍ରହଙ୍କ ନାମାନୁସାରେ ନାମିତ ଯାହାକୁ ଏ ସାରା ନିଜ ନିଜ ଭାଷାରେ ନାମିତ କରି ଆଗକୁ ବଢୁଛନ୍ତି। ପ୍ରକୃତି ପର୍ଯ୍ୟବେସିତ ଆମର ଏହି ସନାତନ ଧର୍ମ ସଂସ୍କୃତିର ଧାରାରେ ସମ୍ପୂର୍ଣ୍ଣ ବୈଜ୍ଞାନିକ ଓ ଏହାକୁ ସମ୍ପୂର୍ଣ୍ଣ ନିଜ ଜାଣତରେ ହେଉ କି ଅଜାଣତରେ ହେଉ ସଭିଏଁ – ଏ ବିଶ୍ୱବାସୀ ମାନି ନେଉଛନ୍ତି ।

ଏ ବିଶ୍ୱରେ ଶରତ କାଳ ଏବେ ଉପସ୍ଥିତ। ଏ ବେଳରେ ମା' ଶକ୍ତି ମାତୃକାର ପୂଜନ ଓ ବନ୍ଦନା କରାଯାଏ । ଶକ୍ତି ତତ୍ତ୍ୱରୁ ସମ୍ଭବତଃ ଏହି ଶରତକାଳର ସୃଷ୍ଟି । ବେଦ ପୁରାଣମାନଙ୍କରେ ଉଲ୍ଲେଖ ରହିଛି ଯେ, ସର୍ବପ୍ରଥମେ ପ୍ରଳୟ ଜଳ ମଧ୍ୟରୁ ବ୍ରହ୍ମଦେବଙ୍କ ଆବିର୍ଭାବ ହେଲା । ତାରି ପରେ ସୃଷ୍ଟି ସର୍ଜନାର ଅନ୍ୟ ଏକ ପର୍ଯ୍ୟାୟର ରୂପ ନେଇ 'ଏମୋବିକ' ଏକ ଏକ ଏମୋବା ଭଳି ଜୀବସତ୍ତାର ସୃଷ୍ଟି ହେଲା । ବିଜ୍ଞାନ ମତରେ ଏମୋବା ରୂପକ ପ୍ରାଣୀ ମାନେ ରକ୍ତବୀର୍ଯ୍ୟ ଭଳି ଯେତେ ଖଣ୍ଡିତ ହୁଅନ୍ତି ସେତେଟା ବଂଶ ବିସ୍ତାର କରାଇଥାନ୍ତି ।

ବ୍ରହ୍ମଦେବ ମଧ୍ୟ ସୃଷ୍ଟି ସର୍ଜନା ପାଇଁ ନିଜେ ଦୁଇଭାଗରେ ବିଭକ୍ତ ହେଲେ । ସେଥିରୁ ସୃଷ୍ଟି ହେଲା ପୁରୁଷ ଓ ନାରୀ । ନାରୀ ସୃଷ୍ଟିକୁ ସର୍ଜନା କରିବାରେ ଲାଗିଲେ । ଏହି ପ୍ରକୃତି ପୁରୁଷ କୀଟ ଠାରୁ ବ୍ରହ୍ମାଣ୍ଡ ସୃଷ୍ଟିରେ ସର୍ବତ୍ର ପୂଜିତ । ସୃଷ୍ଟିର ସର୍ଜନା ତଥା ସୃଜନ ପାଇଁ ଯେଉଁଶକ୍ତିର ଆବଶ୍ୟକତା ଅଛି ତାକୁ ଏ ପ୍ରକୃତି ମାତା ନିଜକୁ ମାତା ରୂପରେ ସଜାଇ ଜୀବ ସର୍ଜନାରେ ନିଜକୁ ନ୍ୟସ୍ତ କଲେ । ଏହି କ୍ରମରେ ପୁରାଣରେ ବର୍ଣ୍ଣିତ ଏକ ବିଚାରକୁ ଏଠାରେ ଉପସ୍ଥାପନା କରିବା ଉଚିତ ମନେହୁଏ । ସ୍ୱର୍ଗରେ ଦେବତା ମାନଙ୍କ ମଧ୍ୟରେ ଏକ ତର୍କ ଆରମ୍ଭ ହେଲା ଯେ, ସବୁଠାରୁ କିଏ ଅତି ଶକ୍ତିଶାଳୀ । ଏଥିରେ ପ୍ରାୟତଃ ସବୁ ଦେବତା ନିଜନିଜକୁ ସବୁଠାରୁ ବଡ଼ ବଳଶାଳୀ ଅନୁଭବ କରିବାକୁ ଲାଗିଲେ। ଏ ସ୍ଥିତିରେ ଭଗବାନ ବିଷ୍ଣୁ ଗର୍ବ ଅହଂକାରକୁ ଚୂର୍ଣ୍ଣ କରି ଈଶ୍ୱରାଭିମୁଖୀ କରିବା ପାଇଁ, ମୁଠାଏ ଶୁଖିଲା ଘାସକୁ ଦେଖାଇ ଦେବତାଙ୍କ ମଧ୍ୟରେ ଅତ୍ତିଶକ୍ତିଶାଳୀ ମନେ କରୁଥିବା ଅଗ୍ନିଙ୍କୁ କହିଲେ ଏହି ଘାସ ମୁଠାକୁ ଜଳାଇ ପାଉଁଶ କରିଦେବାକୁ । ଅଗ୍ନିଦେବ ମୁରୁକି ହସାଦେଇ ସାରା ବ୍ରହ୍ମାଣ୍ଡକୁ କ୍ଷଣିକେ ଜଳାଇ ପାରୁଥିବା ଅଗ୍ନି, ପୁଣି ଏହି ଶୁଖିଲା ଘାସ ମୁଠାକୁ ଜଳାଇ ଶକ୍ତି ପରୀକ୍ଷା କରାଇବାର କୌଶଳକୁ ହେୟଜ୍ଞାନ କରି ଆସିଲେ ଜଳାଇବାକୁ। ହେଲେ ଏ କ'ଣ ଶୁଖିଲା ତୃଣର ଗୋଟିଏ ପଲ୍ଲବକୁ ବି ଜଳାଇ ପାରୁନାହାନ୍ତି । ଚେଷ୍ଟା କଲେ, ହେଲାନି। ପୁଣି ଆସ୍ତେ ଆସ୍ତେ ସମସ୍ତ ବଳ ଖଟାଇଲେ ସିନା ଶୁଷ୍କ ତୃଣକୁ ଦହନ କରିବା କାର୍ଯ୍ୟଟିକୁ କରିନପାରି ଶକ୍ତିହୀନ ଶକ୍ତିଶୂନ୍ୟ ଅନୁଭବ କରି ଅତ୍ୟନ୍ତ ଲଜ୍ଜିତ ହୋଇ ମଥାନତ କରି ନିଜସ୍ଥାନକୁ ଫେରିଲେ । ଏହା ଦେଖି ଭଗବାନ ବିଷ୍ଣୁ କହିଲେ ଅନ୍ୟ କେଉଁ ବଳଶାଳୀ ଦେବତା ଯଦି ପାରିବେ ଆସନ୍ତୁ। ପବନ ଦେବ ତାଙ୍କ ଅଣଚାଶ ମୂର୍ତ୍ତି ଧରି ଆଗକୁ ଆସିଲେ । ତୃଣ ମୁଠାଏ । ପୁଣି ଶୁଖିଲା। ପବନ ଦେବତାଙ୍କୁ କେତେବେଳେ ଲାଗିବ ତାକୁ ଉଡ଼ାଇ ନେବାକୁ । ତଥାପି ବାୟୁଦେବ ଚେଷ୍ଟା କଲେ । ଥରେ, ଦୁଇଥର, ଏମିତି ତିନି ଚାରି କରି ବହୁଥର। ହେଲାନାହିଁ । ଉଡ଼ାଇ ନପାରି ଲଜ୍ଜିତ ହୋଇ ମଥାନତ କରି ନିଜକୁ ଶୂନ୍ୟଶକ୍ତି ଅନୁଭବ କଲେ । ଏହାଦେଖି ସର୍ବ ଦେବତା ଭୟ ଶଙ୍କିତ ହୋଇ ସମସ୍ତଙ୍କ ମଧ୍ୟରେ ଶକ୍ତି ସଞ୍ଚାରିତ କରି ରଖିବା ପାଇଁ ସେହି ଦିବ୍ୟଦେବୀ ଶକ୍ତି ମାତାଙ୍କୁ ଆରାଧନା କଲେ । ଏଥିଲା ମାତା ଶକ୍ତିମୟୀଙ୍କ ଆରାଧନା, ପୂଜନ ଓ ଆଶ୍ୱିନ ମାସର ଅମାବାସ୍ୟା ମହାଳୟା ପରଠାରୁ ଏହି ଆଦ୍ୟାଶକ୍ତି ପ୍ରକୃତିରୂପିଣୀ ଶକ୍ତିମାତାଙ୍କର ନବଦିନ ବ୍ୟାପୀ ପୂଜା ଆରମ୍ଭ ହୋଇଥାଏ । ଏ ସୃଷ୍ଟି କଲ୍ୟାଣ ପ୍ରାପ୍ତ କରିବାକୁ ଆଶ୍ୱିନ ଶୁକ୍ଳ ପ୍ରତିପଦାରେ ମା'ଶୈଳପୁତ୍ରୀ, ଦ୍ୱିତୀୟାରେ ବ୍ରହ୍ମଚାରିଣୀ, ତୃତୀୟାରେ ଚନ୍ଦ୍ରଘଣ୍ଟା, ଚତୁର୍ଥୀରେ କୁଷ୍ମାଣ୍ଡା, ପଞ୍ଚମୀରେ ସ୍କନ୍ଦମାତା, ଷଷ୍ଠୀରେ କାତାୟନୀ, ସପ୍ତମୀରେ କାଳରାତ୍ରୀ, ଅଷ୍ଟମୀରେ ମହାଗୌରୀ ଏବଂ ନବମୀ ରାତ୍ରୀରେ ସିଦ୍ଧିଦାତ୍ରୀ ରୂପରେ ପୂଜିତ ହୋଇଥାନ୍ତି ।

**କେତେ ସୁନ୍ଦର ସତରେ ଆମ ସନାତନ ସଂସ୍କୃତି । ଏଥିରେ ବିଶେଷରେ କୌଣସି ନିର୍ଦ୍ଦିଷ୍ଟ ଠାକୁର ଠାକୁରାଣୀ ନାହାନ୍ତି । ସବୁ ସେହି ପ୍ରକୃତି ମାତା। କେଉଁଠି ତାରା ହେଇ ଆକାଶରେ ଝଲସୁଛି ତ' କେଉଁଠି ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ଉପଗ୍ରହ ହେଇ ଏହି ପୃଥିବୀକୁ ନୁହଁ ସମଗ୍ର ବିଶ୍ୱକୁ ପ୍ରତିପାଳନ କରୁଛନ୍ତି ।**

❤ ସଂସ୍କୃତି ସଦନ, ବୟାଳୀ, ମଣ୍ଡିଡ଼ି,
ମୋ:୯୩୩୭୯୬୦୬୮୮

# ବୁଦ୍ଧ କାହାଣୀ





ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୮ ଜଣେ ରୋଗୀ

ରାଜା ଅନିଚ୍ଛା ସତ୍ତ୍ୱେ ରାଜକୁମାରଙ୍କୁ ସହର ପରିକ୍ରମା କରିବାର ଅନୁମତି ଦେଲେ। ସେ ମନେକଲେ ଯଦି ରାଜକୁମାରଙ୍କୁ ଯେ କୌଣସି ଉପାୟରେ ଯିବାରେ ବାଧା ଦିଅନ୍ତି, ତେବେ ତାହା ତାଙ୍କୁ କେବଳ ଅସୁଖୀ କରାଇବ। ଏ ଅବସରରେ ରାଜକୁମାର ଏକ ଉଚ୍ଚବଂଶର ଯୁବକ ପରି ପୋଷାକ ପିନ୍ଧି ଚନ୍ନା ସହ ବାହାରିଲେ, କାରଣ ସେ ଚାହୁଁ ନଥିଲେ ଲୋକମାନେ ତାଙ୍କୁ ଜାଣିପାରନ୍ତୁ ବୋଲି।

ସେ ସମୟରେ ନଗର ଟିକେ ଭିନ୍ନ ଥିଲା। ରାଜକୁମାରଙ୍କୁ ସ୍ୱାଗତ କରିବା ପାଇଁ ଆନନ୍ଦପୂର୍ଣ୍ଣ ଜନତାଙ୍କ କୋଳାହଳ, ପତାକା, ସାଜସଜ୍ଜା, ଫୁଲ ଏବଂ ଉତ୍ତମ-ପୋଷାକ ପିନ୍ଧିଥିବା ଲୋକ ନଥିଲେ। ମାତ୍ର ସାଧାରଣ ମଣିଷ ଜୀବନ ଜୀଇଁବା ପାଇଁ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ଲିପ୍ତ ଥିଲେ। ଜଣେ କମାର ଝାଳନାଳ ହୋଇ ଛୁରୀ ପଜେଇବାରେ ବ୍ୟସ୍ତ ଥିଲେ। ବଣିଆମାନେ ହୀରା, ସୁନା ଓ ରୂପାର ହାର, ଚୁଡ଼ି, କାନଫୁଲ, ମୁଦି ତିଆରି କରୁଥିଲେ। ଲୁଗାରେ ରଙ୍ଗ ଦେଉଥିବା ଲୋକମାନେ ଲୁଗାରେ ସୁନ୍ଦର ରଙ୍ଗ ଦେଉଥିଲେ ଓ ସେସବୁକୁ ଶୁଖାଇବା ପାଇଁ ଟାଙ୍ଗୁଥିଲେ। ପାଉଁରୁଟି ପ୍ରସ୍ତୁତକାରୀମାନେ ପାଉଁରୁଟି, ପିଠା ଓ ମିଠା ତିଆରି କରୁଥିଲେ ଏବଂ ସେସବୁକୁ ଗରାଖମାନଙ୍କୁ ବିକୁଥିଲେ ଯେଉଁମାନେ ସେସବୁକୁ ଗରମଗରମ ଖାଉଥିଲେ। ରାଜକୁମାର ଏହିସବୁ ସାଧାରଣ ସରଳ ମଣିଷମାନଙ୍କୁ ନିରୀକ୍ଷଣ କଲେ। ସମସ୍ତେ ବହୁତ ବ୍ୟସ୍ତ, ଖୁସି ଓ ସେମାନଙ୍କ କାମରେ ସନ୍ତୁଷ୍ଟ ଥିଲେ।

ସେ ମଧ୍ୟ ଦେଖିଲେ ଜଣେ ବ୍ୟକ୍ତି ଭୂମିରେ ବସି ତା'ର ଶରୀରଙ୍କୁ ବଙ୍କାଇ, ଦୁଇହାତରେ ନିଜ ପେଟକୁ ମୁଠାଇ ଉଚ୍ଚସ୍ୱରରେ ଯନ୍ତ୍ରଣାରେ କାନ୍ଦୁଛି। ତା'ର ଚେହେରା ଓ ଶରୀରରେ ବାଇଗଣୀ ରଙ୍ଗର ଦାଗ ପଡ଼ିଥିଲା, ତା'ର ଆଖିଗୁଡ଼ିକ ଘୂରୁଥିଲା ଏବଂ ନିଶ୍ୱାସ ନେଲାବେଳେ ଧଇଁସଇଁ ହେଉଥିଲା।

ପୁନର୍ବାର ତାଙ୍କ ଜୀବନରେ ଦ୍ୱିତୀୟ ଥର ସକାଶେ କୌଣସି ଏକ ଦୃଶ୍ୟ ଦୁଃଖ ଆଣିଲା। ତତ୍କ୍ଷଣାତ୍ ରାଜକୁମାର ଦୟାପରବଶ ହୋଇ ତା' ପାଖକୁ ଦୌଡ଼ିଗଲେ ଏବଂ ତା' ମୁଣ୍ଡକୁ ନିଜ ଆଣ୍ଠୁ ଉପରେ ଥୋଇ, ତା'ର ପିଠି ଥାପୁଡ଼ାଇ କହିଲେ, "ତୁମର କ'ଣ ହୋଇଛି, କ'ଣ ହୋଇଛି ?" ଦୁର୍ବଳ ବ୍ୟକ୍ତି କଥାକହିପାରୁନଥିଲେ, କେବଳ କାନ୍ଦୁଥିଲେ।

"ଚନ୍ନା, ମୋତେ କୁହ, ଏହି ବ୍ୟକ୍ତି କାହିଁକି ଏପରି ହୋଇଛି ?" ପଚାରିଲେ ରାଜକୁମାର, "ସେ ଏପରି ନିଶ୍ୱାସ ନେଉଛି କାହିଁକି ? କାହିଁକି ସେ କଥା କହିପାରୁନାହିଁ ?"

"ଓଃ ! ମୋ ରାଜକୁମାର" କହିଲେ ଚନ୍ନା, "ଏହି ଲୋକଟିକୁ ଏପରି ଧରନାହିଁ। ସେ ଜଣେ ରୋଗୀ। ତା'ର ରକ୍ତ ଦୂଷିତ ହୋଇଯାଇଛି। ତାକୁ ପ୍ଲେଗ୍ ଜ୍ୱର ହୋଇଛି ଏବଂ ଏହା ତା'ର ସମଗ୍ର ଶରୀରକୁ ଯନ୍ତ୍ରଣା ଦେଉଛି। ତେଣୁ ସେ କିଛି କଥା କହି ନପାରି ଜୋର୍‌ରେ କାନ୍ଦୁଛି।"

"ମାତ୍ର ସଂସାରରେ ଆଉ ଏପରି ଲୋକ ଅଛନ୍ତି କି ?" ପଚାରିଲେ ରାଜକୁମାର।



"ହଁ, ତୁମେ ତାକୁ ଏପରି ନିବିଡ଼ ଭାବରେ ଧରିଲେ କିଛି ସମୟ ପରେ ତୁମେ ଏପରି ହୋଇପାର। ଦୟାକରି ତାକୁ ନଛୁଇଁ ତଳେ ପକାଇଦିଅନ୍ତୁ। ନହେଲେ ପ୍ଲେଗ୍ ରୋଗ ତା'ପାଖକୁ ତୁମ ପାଖକୁ ଆସିଯିବ। ତୁମେ ତା' ପରି ହୋଇଯିବ।"

"ପ୍ଲେଗ୍ ଛଡ଼ା ଆଉ କିଛି ଖରାପ ଜିନିଷ ଅଛିକି ଚନ୍ନା ?"

"ହଁ, ମୋ ରାଜକୁମାର, ଏହିପରି ଶହଶହ ଯନ୍ତ୍ରଣାଦାୟକ ରୋଗ ସଂସାରରେ ଅଛି" - ଉତ୍ତର ଦେଲେ ଚନ୍ନା।

"କେହି ଏହାକୁ ସାହାଯ୍ୟ କରିପାରିବେନି ? ପ୍ରତ୍ୟେକ ବ୍ୟକ୍ତି କ'ଣ ରୋଗାକ୍ରାନ୍ତ ହେବେ ? କ'ଣ ଯେକୌଣସି ସମୟରେ ଚମକାଇ ଦେଇ ଏହା ଆସିପାରେ ?" କହିଲେ ରାଜକୁମାର।

"ହଁ, ମୋ ପ୍ରିୟ ରାଜକୁମାର", କହିଲେ ଚନ୍ନା। "ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ରୋଗାକାନ୍ତ ହେବେ। ଏହାକୁ କେହି ଅଟକାଇ ପାରିବେନି ଏବଂ ଏହା ଯେକୌଣସି ସମୟରେ ହୋଇପାରେ। ଜଣେ ଅସୁସ୍ଥ ହୋଇ ଯନ୍ତ୍ରଣା ଭୋଗିପାରେ।"

ରାଜା ଏକ୍ଷଣି ବହୁତ ଦୁଃଖିତ ହୋଇ ରାଜପ୍ରାସାଦକୁ ଫେରିଗଲେ ଏବଂ ଭାବିବାକୁ ଲାଗିଲେ।
(କ୍ରମଶଃ)

❤ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ
'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

## କେଦାରପୁରରେ...

ଘର ଭିତରକୁ କିପରି ଡାକି ନେଇ ନଥାନ୍ତେ ରାଧାନାଥଙ୍କ ଦାୟାଦ ? ସେ ଆମନ୍ତ୍ରଣ ଜଣାଇଲେ ଭିତରକୁ। ଯେମିତି ଭିତରେ ପ୍ରବେଶ କଲି ଯାହା କେବେହେଲେ ଭାବି ସୁଦ୍ଧା ନଥିଲି ମନରେ ତାହା ହିଁ ଘଟିଗଲା ବିସ୍ମୟକର ଭାବରେ।ଏମିତି ଅଲୌକିକ ଭାବରେ କେଉଁ ସ୍ୱର୍ଗୀୟ ଆତ୍ମା ସମ୍ବୋଧନ କରିପାରନ୍ତି ! ସମ୍ବୋଧନ ବି କରିପାରନ୍ତି ଏତେ ସ୍ପଷ୍ଟ ଶବ୍ଦରେ ! ! ଭିତରକୁ ପ୍ରବେଶ କରୁଁ କରୁଁ ଦେଖିଲି କବିବର ରାଧାନାଥ ରାୟ ଶୁଭ୍ର ବେଶରେ ବସି ରହିଛନ୍ତି। ଦେଖୁଁ ଦେଖୁଁ ମୋ ପ୍ରତି ଉଚ୍ଚାରଣ କଲେ ସେ, ବାବୁ ! ! ତୁ ଆସିଲୁ ଆମ ଘରକୁ ? ମୁଁ କେତେଦିନରୁ ତୋତେ ଅପେକ୍ଷା କରି ରହିଛି। ମୁଁ ଜାଣିଥିଲି ତୁ ନିଶ୍ଚୟ ଆସିବୁ ବୋଲି। ଏ କି ଶବ୍ଦ କାହାଠାରୁ ଶୁଣୁଛି ମୁଁ? ଯେଉଁ ମୁହଁରୁ ଏ କୋମଳ ଶବ୍ଦ ଭାସି ଆସିଲା ତାଙ୍କୁ ପ୍ରତିମୂର୍ତ୍ତି ବୋଲି କେଉଁ ସାହସରେ କହିବି ? ଏ ଅନ୍ତର୍ଗତ ଭାବାଳାପ ପୁଣି କାହା ଆଗରେ କାହିଁକି ଓ କିପରି ବ୍ୟକ୍ତ କରିବି ମୁଁ? କିଏ କାହିଁକି ଏହା ବିଶ୍ୱାସ କରିବାକୁ ଯିବେ ? ମୁଁ କିଛି ବି କହି ପାରିଲିନି। ଏ ହେଉଛନ୍ତି ସେଇ ରାଧାନାଥ ଯିଏ ସମ୍ବଲପୁରରେ ପ୍ରଥମେ ଦେଖିଥିଲେ ଗଙ୍ଗାଧରଙ୍କୁ। ତାହା ଥିଲା ୧୮୯୩ ମସିହାର ଘଟଣା। ଗଙ୍ଗାଧର ଡାକରେ ପଠାଇଥିବା ଇନ୍ଦୁମତୀ କାବ୍ୟପାଠ କରିସାରି ଥିଲେ ରାଧାନାଥ। ଗଙ୍ଗାଧରଙ୍କୁ ଦେଖୁଁ ଦେଖୁଁ ନିଜ ଆସନରୁ ଉଠିପଡ଼ି ତାଙ୍କୁ ଆଲିଙ୍ଗନବଦ୍ଧ କରିପକାଇ କହିଥିଲେ 'ଆପଣ କି ଇନ୍ଦୁମତୀ ପ୍ରଣେତା ଗଙ୍ଗାଧର ! !' ସେଠି ଉପସ୍ଥିତ ଥିବା ଭଦ୍ରମଣ୍ଡଳୀ, ଶିକ୍ଷାବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ସମସ୍ତେ ଏ ନାଟକୀୟ ଦୃଶ୍ୟ ଦର୍ଶନ କରି ସ୍ତବ୍ଧ ହୋଇ ରହିଯାଇଥିଲେ। ସେଇ ରାଧାନାଥ ପ୍ରାଣବନ୍ତ ରୂପ ପରିଗ୍ରହ କରି ଗଙ୍ଗାଧରଙ୍କ ପ୍ରପୌତ୍ରକୁ ଦେଖି କିପରି ଅବା ନିଜ ଅନ୍ତରର ଅନାବିଳ ସ୍ନେହକୁ ରୋକି ପାରିଥାନ୍ତେ। ଅନ୍ୟ କାହା ଦୃଷ୍ଟିରେ ଏହା ଭିନ୍ନ ମନେହୋଇପାରେ। ମାତ୍ର ସତକୁ ସତ ଯେଉଁ ଶବ୍ଦ ମୁଁ ଶୁଣିଲି, ଯେଉଁ ସ୍ନେହ-ସ୍ପର୍ଶ ରେ ହେଲି ବାରମ୍ବାର କମ୍ପିତ ତାହାକୁ ମନର ଭାବନା, ମସ୍ତିଷ୍କର କଳ୍ପନା ବୋଲି କହିବି କେମିତି ? ମନ ଆଉ ମସ୍ତିଷ୍କର କଣ ଏତିକି ଶକ୍ତି ଅଛି ଏହି ଶବ୍ଦକୁ ଶୁଣି ପାରିବା ପାଇଁ ? କେଦାରପୁରରେ ରାଧାନାଥ-ଦର୍ଶନର ଏ ଅସାମାନ୍ୟ ଉଚ୍ଛ୍ୱାସ ହୃଦୟବୀଣାରେ ଯେଉଁ ଦିବ୍ୟ ଧ୍ୱନି ସୃଷ୍ଟି କରିଆସିଛି ଏ ପର୍ଯ୍ୟନ୍ତ ତାହାକୁ ବ୍ୟାଖ୍ୟା କରିବା ମୋ ପକ୍ଷରେ ସମ୍ଭବ ହୋଇ ନାହିଁ କି ହୋଇପାରିବ ବୋଲି ଆଶା ବି କରିପାରୁନାହିଁ। ମାତ୍ର ସେଇ ଅନ୍ତର୍ନିହିତ ଧ୍ୱନି ମଧ୍ୟରେ ଚିରକାଳ ଭାବମଗ୍ନ ରହିଥିବି ମୁହିଁ।

+ପରିଦର୍ଶକ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଡ଼ିଶା ପାଇଁ ପିଏମ୍ ...

ଉଦବୋଧନରେ ପ୍ରଧାନମନ୍ତ୍ରୀ କହିଥିଲେ, ପୂର୍ବରୁ ଦଶନ୍ଧି ଧରି ଗରିବୀ ସହିତ ଲଢୁଥିବା ଓଡ଼ିଶା ଏବେ ବିକାଶ ଦେଖିବ। ଏହି ଦଶନ୍ଧି ଓଡ଼ିଶାକୁ ସମୃଦ୍ଧି ଦିଗରେ ନେଇଯିବ। ବିକାଶ ଧାରାରେ ଓଡ଼ିଶା ଏବେ ଡବଲ୍ ଇଞ୍ଜିନ ସ୍ପିଡରେ ଆଗକୁ ବଢୁଛି। ପାରାଦ୍ୱୀପରୁ ଝାରସୁଗୁଡ଼ା ଯାଏଁ ଔଦ୍ୟୋଗିକ କ୍ଷେତ୍ର ନିର୍ମାଣ କରାଯାଉଛି। ପୂର୍ବୋଦୟ ନକ୍ସାରେ ସମୃଦ୍ଧିର ସ୍ୱାକ୍ଷର ଦେଉଛି ଓଡ଼ିଶା। ଆଗାମୀ ଦିନରେ ରାଜ୍ୟରେ ୨ ସେମିକଣ୍ଡକ୍ଟର ୟୁନିଟ୍ ହେବାକୁ ଯାଉଛି। ଏହି ସେମିକଣ୍ଡକ୍ଟରରୁ ବାହାରୁଥିବା ଚିପ୍ ସବୁ କାର୍ଯ୍ୟରେ ଲାଗିବ। ଏଥିସହ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଜିଏସଟି ଟିକସ୍ କମ୍ କରାଯାଇଥିବାରୁ ଓଡ଼ିଶାର ଗରିବ ଆଦିବାସୀ କେନ୍ଦୁପତ୍ର ତୋଳାଳି ଉପକୃତ ହେବେ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ଝାରସୁଗୁଡ଼ାରୁ ଓଡ଼ିଶା ସମେତ ସାରା ଦେଶ ପାଇଁ ବଟନ୍ ଚିପି ପ୍ରକଳ୍ପର ଭଣ୍ଡାର ଖୋଲି ଦେଇଛନ୍ତି ପ୍ରଧାନମନ୍ତ୍ରୀ। ଓଡ଼ିଶାକୁ ଭେଟି ଦେଇଛନ୍ତି ମୋଟ୍ ୧୭ ଶହ କୋଟିର ରେଳ ପ୍ରକଳ୍ପ। ବ୍ରହ୍ମପୁର-ସୁରତ ଅମୃତ ଭାରତ ଏକ୍ସପ୍ରେସ୍ ଶୁଭାରମ୍ଭ କରିଛନ୍ତି। ସମ୍ବଲପୁର-ସରଲା ମଧ୍ୟରେ ୨୭୩ କୋଟିର ରେଲୱେ ଫ୍ଲାଇ ଓଭର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ପ୍ରଧାନମନ୍ତ୍ରୀ। ଓଡ଼ିଶାରେ ୬୦ଟି ରେଲୱେ ଷ୍ଟେସନର ଆଧୁନିକୀକରଣ କରାଯାଉଛି। କୋରାପୁଟ-ବାଇଗୁଡ଼ା ରେଲୱେ ଦେହରୀକରଣ ପାଇଁ ୪୮୧ କୋଟି ମଞ୍ଜୁର ହୋଇଛି। ଝାରସୁଗୁଡ଼ାରୁ ଓଡ଼ିଶା ପାଇଁ ୫୦ ହଜାର ଅନ୍ତ୍ୟୋଦୟ ଘର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି ପ୍ରଧାନମନ୍ତ୍ରୀ। ରାଜ୍ୟର ୧୩୦ଟି ଉଚ୍ଚ ଶିକ୍ଷାନୁଷ୍ଠାନରେ ୯୦ କୋଟି ବ୍ୟୟରେ ୱାଇ-ଫାଇ ସୁବିଧାର ଉଦଘାଟନ କରିଛନ୍ତି।

### ବିଜୟଙ୍କ ରାଲିରେ...

ଶ୍ୱାସରୁଦ୍ଧ ହୋଇ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ବିଜୟ ପରିସ୍ଥିତି ଦେଖି ତୁରନ୍ତ ତାଙ୍କ ଭାଷଣ ବନ୍ଦ କରି ଦେଇଥିଲେ । ଦଳାଚକଟାରେ ଅଚେତ ଲୋକଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ କିଛିଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ୍ କରୁର ଘଟଣାରେ ଚିନ୍ତା ପ୍ରକାଶ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

### ଦଶହରା ମଜାକୁ ପାଣିଚିଆ...

ଭସାଣୀ ବେଳେ ତ କ'ଣ ହେବ କେଜାଣି, କହିବା ମୁସ୍କିଲ୍। ଅର୍ଥାତ ଏ ବର୍ଷ ବର୍ଷାରେ ଓଦା ସର ସର ହୋଇ ମେଳାଣୀ ନେବେ ମା'। କାରଣ ପାଣିପାଗ ବିଭାଗର ପୂର୍ବାନୁମାନ, ଆସନ୍ତା ୩୦ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଅକ୍ଟୋବର ୧ ତାରିଖରେ ଉତ୍ତର ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଲଘୁଚାପର ରୂପ ନେବ। ବହିବ ପବନ, ବର୍ଷିବ ନିର୍ଘୁମ। ବିଶେଷ କରି ଦକ୍ଷିଣ ଓଡ଼ିଶା ସମେତ ଉତ୍ତର ଓଡ଼ିଶାରେ ମଧ୍ୟମରୁ ପ୍ରବଳ ବର୍ଷାର ଚେତାବନୀ ଦେଇଛି ପାଣିପାଗ ବିଭାଗ। ଏଭଳି ପୂର୍ବାନୁମାନ ଶୁଣି ଏବେ ଚିନ୍ତାରେ ବିଭିନ୍ନ ପୂଜା କମିଟି ଗୁଡ଼ିକ। କାରଣ ଏବେ ଅବପାତର ପ୍ରଭାବରେ ବର୍ଷୁଥିବା ବର୍ଷା ଯୋଗୁ ପୂଜା ପ୍ରଭାବିତ ହୋଇସାରିଲାଣି। ଏଭଳି ସ୍ଥିତିରେ ଆଉ ଏକ ଲଘୁଚାପ, ରାବଣପୋଡ଼ି ଓ ଭସାଣୀ ଉତ୍ସବକୁ ଧୋଇଦେବାର ଡର ପଶିଛି ଆୟୋଜକଙ୍କୁ। ଏପଟେ ଅବପାତ ଯୋଗୁ ଆଉ ୨୪ ଘଣ୍ଟା ରାଜ୍ୟରେ ପ୍ରବଳ ବର୍ଷାର ଆକଳନ କରିଛି ପାଣିପାଗ ବିଭାଗ। ଏଥିପାଇଁ ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଅବପାତ ସକ୍ରିୟ ଥିବାରୁ ପ୍ରବଳ ବର୍ଷା କାଟିଛି।

### ବନ୍ଧୁକ କାରଖାନାକୁ ...

ଯବାନ ବିଫଳ କରିଦେଇଛନ୍ତି। ଏହି କାରଖାନାରେ ବାରୁଦ, ବନ୍ଧୁକ ତିଆରି କରିବା ସାମଗ୍ରୀ ସମେତ ବହୁ ବିସ୍ଫୋରକ ରହିଥିଲା। ସୁକମା ଜିଲ୍ଲା ପୁଲିସ ସମେତ ଡିଆରଜି ଏବଂ କୋବ୍ରା ବାଟାଲିନୟର ଯବାନ ମେଟାଗୁଡା ଅଂଚଳର ଇରାପଲ୍ଲୀ ଓ କୋଇମେଟା ମଧ୍ୟରେ ଥିବା ଜଂଗଲରେ ସର୍ଚ୍ଚ ଅପରେସନ କରୁଥିଲେ। ସର୍ଚ୍ଚ ଅପରେସନ ବେଳେ ଯବାନ ଜଂଗଲ ମଝିରେ ଏକ ବେଆଇନ କାରଖାନା ଦେଖିବାକୁ ପାଇଥିଲେ। ବଡ ସତର୍କତାର ସହ କାରଖାନାରେ ପଶି ଯାଞ୍ଚ କରିଥିଲେ। ଯାହା ଦେଖିଲେ ସେମାନଙ୍କର ହୋସ ଉଡିଯାଇଥିଲା। ତୁରନ୍ତ କାରଖାନାକୁ ଧ୍ୱଂସ କରିଦେଇଥିଲେ।

### ପୂଜା ପାଇଁ ଟ୍ରାଫିକ୍ ...

କୌଣସି ଯାନବାହନକୁ ବି.କେ. ରୋଡ୍‌ରୁ ରାଣୀହାଟ ଛକକୁ ସିଧାସଳଖ ଯିବାକୁ ଅନୁମତି ଦିଆଯିବ ନାହିଁ । ଏହି ଯାନଗୁଡ଼ିକ ବଜ୍ରକବାଟି ରୋଡ୍ ଛକରେ ବାମ ମୋଡ଼ ନେଇ ଗହ୍ମାଡିହା, କବରସ୍ତାନ, କେଶରପୁର ରୋଡ୍ ଦେଇ ମଙ୍ଗଳାବାଗ୍ କିମ୍ବା ବକ୍ସିବଜାର ଆଡ଼କୁ ଯାଇପାରିବେ । ପୂର୍ଣ୍ଣ ସାହୁ ଛକଠାରୁ ଯାଉଁଳିଆ ପଟି, କେଉଟ ସାହି କିମ୍ବା ନନ୍ଦି ସାହି ଆଡକୁ କୌଣସି ଯାନବାହନ ଯିବାକୁ ଅନୁମତି ଦିଆଯିବ ନାହିଁ । ମ୍ୟୁନିସିପାଲିଟି ଅଫିସ୍ ଏବଂ ଗୋପାଳଜୀଉ ଗଳି ଦେଇ ଝୋଲା ସାହି ଏବଂ ବଙ୍ଗାଳି ସାହି ଦେଇ ଯାନବାହାନ ଯାଇପାରିବ । ପୂଜା ଦିନମାନଙ୍କରେ ସହର ମଧ୍ୟ ଦେଇ କୌଣସି ପ୍ରକାରର ବସ୍ ଚଳାଚଳ କରିପାରିବ ନାହିଁ। ଗାଡ଼ିଗୁଡ଼ିକ ଲିଙ୍କ୍ ରୋଡ ଦେଇ ବାଦାମବାଡ଼ି କିମ୍ବା ସିଏନ୍‌ବିଟି ବସଷ୍ଟାଣ୍ଡକୁ ଯାଇପାରିବେ। ଭିଡ଼ ନିୟନ୍ତ୍ରଣ ଲାଗି ୱାନ୍ ୱେ ଟ୍ରାଫିକ୍ ବ୍ୟବସ୍ଥା ସହ କିଛି ସ୍ଥାନରେ ଡାଇଭର୍ସନ କରାଯାଇଛି । ସେହିପରି ଦୁର୍ଗା ମେଢ଼ ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କ ଲାଗି ନିର୍ଦ୍ଦିଷ୍ଟ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି ।

OFFICE OF THE DEAN & PRINCIPAL
FAKIR MOHAN MEDICAL COLLEGE & HOSPITAL, BALASORE
At/Po-Remuna,Dist.- Balasore, Pin- 756019 (Odisha)
E-mail: dean.fmmchb@gmail.com , Tel 06782 – 224901, Fax: 06782 – 224901

No: 5707 D/FMMCHB Date: 25.09.25

TENDER CALL NOTICE

Sealed tenders are invited from the registered firms for supply of Books & Journals (Medical) for the financial year 2025-26 in two –bid system (Technical & Financial) so as to reach the office of the undersigned within twenty-one days from the date of publication of the advertisement in the DMET, Odisha ,Bhubaneswar website www.dmetodisha.gov.in or in the F.M. Medical College website www.balasoreodisha.gov.in till 5-00 p.m. The detailed tender paper, terms & conditions and list of medical Books and Journals can be obtained from the office of the undersigned on payment of Rs. 2,000/- cash (non-refundable) at the accounts section. The details are also available in the website : www.dmetodisha.gov.in and www.balasoreodisha.gov.in. Those who will download the tender documents from website should enclose a DD for Rs.2,000/- towards cost of tender paper in favour of Dean & Principal , F.M. Medical College & Hospital , Balasore payable at the CANARA BANK, BALASORE. The books and Journals will be procured subject to availability of funds.

Bidders applying for books as well as for journals should superscribe clearly over them and submit separate envelopes.

The undersigned reserve the right to cancel the tender in full or parts at any time without assigning any reason thereof.

Sd/-
Dean & Principal
Fakir Mohan Medical College & Hospital
Balasore

OIPR:10134/11/0054/2526

## ନାସା ଫାଉଣ୍ଡେସନର କୁସଂସ୍କାର ଦୂରୀକରଣ ସଚେତନତା କାର୍ଯ୍ୟକ୍ରମ



ବଡ଼ସାହି, ୨୭/୯ (ନି.ପ୍ର): ସ୍ଥାନୀୟ ସାନକେରକ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ, ନାସା ଫାଉଣ୍ଡେସନ ବାରିପଦା ଦ୍ୱାରା ଏକ କୁସଂସ୍କାର ଅନ୍ଧବିଶ୍ୱାସ ଦୂରୀକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାନନ୍ଦ ମୁର୍ମୁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗଦେଇ ପିପିଟି, ମାଧ୍ୟମରେ ନିଜ ବକ୍ତବ୍ୟ ଉପସ୍ଥାପନ କରି, ବିଜ୍ଞାନ କେବଳ ଏକ ବିଷୟନୁହେଁ ଏକ ଜୀବନଶୈଳୀ, ଏବଂ ନିଜକୁ କୁସଂସ୍କାର ଅନ୍ଧବିଶ୍ୱାସରୁ ଦୂରେଇରଖୀ ସ୍ୱାଧୀନ ଚିନ୍ତା କରିବାକୁ ଛାତ୍ର ଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ କବି ଅମିତାଭ ମିଶ୍ର ଯୋଗ ଦେଇଥିବା ବେଳେ, ବିଦ୍ୟାଳୟର ଶିକ୍ଷକ ଅନିଲ କୁମାର ମହାପାତ୍ର ଅଶ୍ୱିନୀ କୁମାର ପାତ୍ର, ସତ୍ୟଜିତ ତରେଇ ଅତିଥିଭାବେ ଯୋଗଦେଇଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ବବି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ନାସା ଫାଉଣ୍ଡେସନ ବାରିପଦାର ଆଧୁନିକ ବିଜ୍ଞାନ ପ୍ରଚାର ପ୍ରସାର ଓ ସମାଜରୁ କୁସଂସ୍କାର ଅନ୍ଧବିଶ୍ୱାସ ଦୂରୀକରଣ ଅଭିଯାନ କ୍ରମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଭୁବନେଶ୍ୱର, ୨୭/୯ (ନି.ପ୍ର): କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅଂଚଳରେ ଏକ ୬ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ମାମଲାର ରାୟ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି । ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତି କରି କୋର୍ଟ ଅଭିଯୁକ୍ତ ଅନନ୍ତ କୁଦେଇ (୩୧) କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ଅଭିଯୁକ୍ତଠାରୁ ୬୦ ହଜାର ଟଙ୍କା ଜରିମାନା ଆଦାୟ ଲାଗି ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ପୀଡ଼ିତାକୁ ୭ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏପ୍ରିଲ ୧୬ ୨୦୨୫ ମସିହା ଦିନ ଅପରାହ୍ନ ସମୟରେ ଅଭିଯୁକ୍ତ ଅନନ୍ତ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲା। ଘଟଣା ସଂକ୍ରାନ୍ତରେ ଖବର ପାଇ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଅନନ୍ତକୁ କାବୁ କରିଥିଲେ। ଏ ସଂକ୍ରାନ୍ତରେ ପରିବାର ଲୋକ ଥାନାରେ ଏତଲା ଦେବା ପରେ ପୋଲିସ ତାକୁ ଗିରଫ ଓ କୋର୍ଟ ଚାଲାଣ କରିଥିଲା।

ମାତ୍ର ୨ ମାସ ଏବଂ ୫ ଦିନ ମଧ୍ୟରେ ସମସ୍ତ ସାକ୍ଷୀ, ବୟାନ, ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇଛି। କନ୍ଧମାଳ ଏସପି ବି. ସି. ହରିଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମାମଲାଟି ପରିଚାଳିତ ହୋଇଥିଲା। ସରକାରୀ ଓକିଲ ଶ୍ରୀ ଅସୀମ କୁମାର ପ୍ରହରାଜ ମାମଲା ପରିଚାଳନା କରିଥିବା ବେଳେ ସବ- ଇନ୍ସପେକ୍ଟର ଚିରଞ୍ଜୀବ ବେହେରା ତଦନ୍ତ କରିଥିଲେ।

## ଦିନ ଦ୍ୱିପ୍ରହରରେ ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ନୀଳଗିରି, ୨୭/୯ (ନି.ପ୍ର): ଦିନ ଦ୍ୱିପ୍ରହରରେ ଭାଲୁ ଆକ୍ରମଣରେ ଜଣେ ୬୫ବର୍ଷୀୟ ବୃଦ୍ଧ ଗୁରୁତର ଆହତ ମେଡିକାଲରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ଆହତ ବୃଦ୍ଧଙ୍କୁ ବାଲେଶ୍ୱର ଡ଼ାକ୍ତରଖାନାରେ ଭର୍ତି କରିଛନ୍ତି ଫାର୍ମ ମାଲିକ ବନୋଜ କୁମାର ବିଶ୍ୱାଳ। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ୍ ଜାମୁଡ଼ିହା ପଞ୍ଚାୟତ ମଲ୍ୟାଣି ଗାଁର ଆଦିକନ୍ଦ ବିଶ୍ୱାଳଙ୍କ ଫାର୍ମ ହାଉସରେ ଆଜି ଦିନ ୨ଟା ସମୟରେ ଉକ୍ତ ଗ୍ରାମର ଚିନ୍ତାମଣି ବିଶ୍ୱାଳ ଘାସ କାଟିବାକୁ ଯାଇଥିବା ବେଳେ, ସ୍ୱର୍ଣ୍ଣଚୁଡ ପାହାଡରୁ ଏକ ଭାଲୁ ଅତର୍କିତ ଭାବେ ଚିନ୍ତାମଣିଙ୍କୁ ଆକ୍ରମଣ କରିଥିଲା। ଚିନ୍ତାମଣିଙ୍କ ଚିତ୍କାର ଶୁଣି ଫାର୍ମହାଉସରେ କାମ କରୁଥିବା ଅନ୍ୟଲୋକ ପହଞ୍ଚି ଭାଲୁଟିକୁ ଗୋଡ଼ାଇବାରୁ ଭାଲୁଟି ପଳେଇ ଯାଇଥିଲା।ହେଲେ ଭାଲୁ ଆକ୍ରମଣରେ ଚିନ୍ତାମଣିଙ୍କ ବାମପାଖ ହାତରେ ଗଭୀର କ୍ଷତ ହୋଇଥିଲା। ଫାର୍ମ ହାଉସର ମାଲିକ ଶ୍ରୀ ବିଶ୍ୱାଳ ତୁରନ୍ତ ଚିନ୍ତାମଣିଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ତେବେ ଚିନ୍ତାମଣିଙ୍କ ସ୍ୱାସ୍ଥ୍ୟଅବସ୍ଥା ସ୍ଥିରଥିବା ଡ଼ାକ୍ତରଖାନା ସୂତ୍ରରୁ ସୂଚନା ମିଳିଛି।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅକ୍ଟୋବର ୧୬ ତାରିଖରେ ଆନ୍ଧ୍ରପ୍ରଦେଶ କରିବେ ଗସ୍ତ

ଅମରାବତୀ, ୨୭/୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ମାସ ଅକ୍ଟୋବର ୧୬ ତାରିଖରେ ଆନ୍ଧ୍ରପ୍ରଦେଶରେ ରହିବେ। ସେ କୁର୍ଣ୍ଣୁଲ ଏବଂ ନନ୍ଦୟାଲ ଜିଲ୍ଲା ଗସ୍ତ କରିବେ ଏବଂ ଶ୍ରୀଶୈଳମର ମଲ୍ଲିକାର୍ଜୁନ ସ୍ୱାମୀ ମନ୍ଦିର ପରିଦର୍ଶନ କରିବେ। ରାଜ୍ୟ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ନାରା ଲୋକେଶ ଶନିବାର ଏହା ଘୋଷଣା କରିଛନ୍ତି।

## ଡାହିବାଡି ଆଦର୍ଶ ହାଟକୁ ଯିବାପାଇଁ ଆଦର୍ଶ ରାସ୍ତା

ବୈଶିଙ୍ଗା , ୨୭/୯ (ନି.ପ୍ର): ଶହେ ବର୍ଷରୁ ଉର୍ଦ୍ଧ୍ୱ ବୈଶିଙ୍ଗା ପଞ୍ଚାୟତର ଡାହିବାଡି ସାପ୍ତାହିକ ହାଟ ଏକ ପ୍ରସିଦ୍ଧ ହାଟ ଭାବେ ପରିଚିତ । ସପ୍ତାହର ବୁଧବାର ଓ ଶନିବାର ହାଟକୁ ପଡୋଶୀ ବାଲେଶ୍ୱର, ଜଳେଶ୍ୱର, ବାରିପଦା ଆଦି ଅଞ୍ଚଳ ରୁ ବ୍ୟବସାୟୀ ମାନେ ଏହି ହାଟରେ ବ୍ୟବସାୟ କରିଥାନ୍ତି। ୧୮ନଂ ଜାତୀୟ ରାଜପଥ ଏବଂ ବୈଶିଙ୍ଗା -ରୁପ୍ସା ରାସ୍ତା ପାର୍ଶ୍ୱରେ ଏହି ହାଟ ଅବସ୍ଥିତ ଥିବାରୁ ଯୋଗାଯୋଗ ସୁବିଧା ପାଇଁ ହାଟ ଉପରେ ହଜାର ହଜାର ଗ୍ରାହକ ଙ୍କ ଭିଡ ଜମିଥାଏ। ମାତ୍ର ହାଟ ଭିତରକୁ ଯିବା ପାଇଁ ମୁଖ୍ୟ ରାସ୍ତାରୁ ହାଟ ଭିତରକୁ ସଂଯୋଗ କରୁଥିବା ରାସ୍ତା ର ଅବସ୍ଥା କହିଲେ ନ ସରେ । ଗ୍ରାହକ ମାନେ ବାଧ୍ୟ ହୋଇ ମୁଖ୍ୟ ରାସ୍ତା ଉପରେ ବାଇକ,ସାଇକେଲ ରଖି ଚାଲି ଚାଲି ହାଟ ଭିତରକୁ ଆଣ୍ଠୁଏ କାଦରେ ଯାଇଥାନ୍ତି । ଚାଷୀ ମାନେ



ମୁଣ୍ଡରେ ମୁଣ୍ଡାଇ ପରିବା ବୋଝ ନେଇ ବିକ୍ରୀ କରିବା ପାଇଁ ହାଟ ଭିତରକୁ ଯାଇଥାନ୍ତି।ଏହି ଅସୁବିଧା ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ବୈଶିଙ୍ଗା ଗ୍ରାମ ପଞ୍ଚାୟତ ଅଧୀନରେ ଏହି ଡାହିବାଡି ଥିଲେ ମଧ୍ୟ ଆର.ଏମ.ସି ର ଭାଗିଦାରୀ ପାଇଁ । ମାହାସୁଲ ଆଦାୟ ରେ ଭାଗ ହୋଇ ଯାଉଛି । ଫଳରେ ପଞ୍ଚାୟତ କିମ୍ବା ଆର.ଏମ.ସି. କେହି ହାଟର ଉନ୍ନତି କଥା ଚିନ୍ତା କରୁନାହାନ୍ତି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଏହି ହାଟକୁ ଆଦର୍ଶ ହାଟରେ ପରିଣତ କରିବା ପାଇଁ ମନରେଗା ଯୋଜନା ରେ ୪୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରି କେବଳ ୫ଟି ପିଣ୍ଡି ନିର୍ମାଣ କରିବାକୁ ଯୋଜନା କରୁଥିଲେ ମଧ୍ୟ ହାଟକୁ ଯିବା ପାଇଁ ମୁଖ୍ୟ ରାସ୍ତା କେତେ ଦୟନୀୟ ତା ପ୍ରତି ବିଭାଗ ର କୌଣସି ନିଘା ନାହିଁ । ଏହି ରାସ୍ତା ନିର୍ମାଣ ପାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ର ଜିଲ୍ଲାଧିକାରୀଙ୍କୁ ଦେଖା କରିବାରୁ ଯାଇ ସାମ୍ବାଦିକ ବିମଳେନ୍ଦୁ ମହାପାତ୍ର ଏବଂ ସ୍ୱରୂପ ପଟ୍ଟନାୟକ ରାସ୍ତା ନିର୍ମାଣ ପାଇଁ ଅନୁରୋଧ କରିବା ପରେ ସେ ଖୁବ ଶୀଘ୍ର ନିର୍ମାଣ କରାଯିବାର ପ୍ରତିଶୃତି ଦେଇଥିଲେ।ଏ ଭିତରେ ତିନି ମାସ ବିତି ଯାଇଥିଲେ ମଧ୍ୟ ରାସ୍ତା ନିର୍ମାଣ ହୋଇ ପାରିଲା ନାହିଁ କିମ୍ବା ୪୫ ଲକ୍ଷ ଟଙ୍କାର ପିଣ୍ଡି ମଧ୍ୟ ନିର୍ମାଣ ହୋଇ ପାରୁ ନାହିଁ। ଫଳରେ ହାଟକୁ ଆସୁଥିବା ବ୍ୟବସାୟୀ ସହିତ ଗ୍ରାହକ ମଧ୍ୟ ହନ୍ତସନ୍ତ ହେଉଛନ୍ତି। ଆଗକୁ ବିଧାୟକ ଘୋଷଣା କରିଥିବା ଆଦର୍ଶ ହାଟକୁ ଆଦର୍ଶ ରାସ୍ତା କେବେ ନିର୍ମାଣ ହେବ ଦେଖିବାକୁ ବାକି ରହିଲା ।

## ଅସ୍ତରାଗ ଅବସରପ୍ରାପ୍ତ ସେବାସଂଘ, ବାଲିଆର ପ୍ରାକ୍ତନ ସଭାପତି ମଦନ ମୋହନ ପଣ୍ଡାଙ୍କର ତିରୋଧାନ

ବାଲେଶ୍ୱର, ୨୭/୯ (ନି.ପ୍ର): ଅସ୍ତରାଗ ଅବସରପ୍ରାପ୍ତ ସେବାସଂଘ, ବାଲିଆର ପ୍ରାକ୍ତନ ସଭାପତି ମଦନ ମୋହନ ପଣ୍ଡା ବାଲିଆ ଗ୍ରାମସ୍ଥ ୰ ସୋମନାଥ ପଣ୍ଡା ଏବଂ ମାତା ୰ ସାବିତ୍ରୀ ଦେବୀଙ୍କ କୋଳମଣ୍ଡନ କରି ସୁଦୀର୍ଘ ୮୮ବର୍ଷ ବୟସରେ ସାଂସାରିକ କାର୍ଯ୍ୟ ଅତିବାହିତ କରି ଗତ ୨୬-୦୯-୧୨ ରିଖ ପ୍ରାତଃ ୭ଘଟିକା ସମୟରେ ନିଜ ବାଲିଆସ୍ଥିତ ବାସଭବନରେ ପ୍ରାଣତ୍ୟାଗ କରିଛନ୍ତି। ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାର ପରିଜନ, ଚାରି ପୁତ୍ର ଏବଂ ପୁତ୍ରବଧୂ, ନାତି, ନାତୁଣି, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ୰ ମଦନମୋହନ ପଣ୍ଡା ଜୀବନକାଳ ମଧ୍ୟରେ ଓଡ଼ିଶା ରାଜସ୍ୱ ବିଭାଗ ଦୀର୍ଘଦିନ କାର୍ଯ୍ୟକରି ଅବସର ନେଲାପରେ ନିଜକୁ ସମାଜ ସବୋରେ ନିୟୋଜିତ କରି ସର୍ବଦା ଜନସାଧାରଣଙ୍କ ପ୍ରୀତିଭାଜନ ହୋଇ ପାରିଥିଲେ। ପ୍ରମୁଖ ଭାବେ ବାଲେଶ୍ୱର 'ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସଂଘ', ଦୁର୍ଗାପୂଜା, 'ଅସ୍ତରାଗ ଅବସରପ୍ରାପ୍ତ ସେବା ସଂଘ', ବାଲିଆ ଜଗନ୍ନାଥ ମନ୍ଦିର ନିର୍ମାଣରେ ଅଂଶଗ୍ରହଣ ସହିତ ବାଲିଆ ଗ୍ରାମର ସମସ୍ତ ଉନ୍ନତିମୂଳକ କାର୍ଯ୍ୟରେ ଅନ୍ୟମାନଙ୍କ ସହିତ ସାମିଲ ହୋଇଥିଲେ ତଥା ବାଲେଶ୍ୱର ସରକାରୀ ମେଡିକାଲ୍ କଲେଜ୍ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ତାଙ୍କର ମୃତ୍ୟୁଖବର ପାଇ ବାଲିଆ ପଞ୍ଚାୟତ ସମେତ ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଅଛି। ଶେଷଦର୍ଶନ ନିମନ୍ତେ ୰ ପଣ୍ଡାଙ୍କ ଶୁଭେଚ୍ଛୁବର୍ଗଙ୍କ ସମେତ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସରପଞ୍ଚ ନିତାୟ ଚରଣ ନାୟକ, ରାଜ୍ୟ ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଇଂ. ବନମାଳୀ ନାୟକ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦାମୋଦର ନାୟକ, ଅସ୍ତରାଗ ଅବସରପ୍ରାପ୍ତ ସେବା ସଂଘର ସଭାପତି ପ୍ରଦ୍ୟୁତ୍ ରଞ୍ଜନ ମଣ୍ଡଳ, କାର୍ଯ୍ୟକାରିଣୀ ସଭାପତି ତ୍ରିଦିବ ନାୟକ ତଥା ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ହୋଇ ଶେଷ ବିଦାୟ ଶ୍ରଦ୍ଧାଞ୍ଜଳି ସ୍ୱରୂପ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଜ୍ୟେଷ୍ଠପୁତ୍ର ଉମେଶ ମୋହନ ପଣ୍ଡା ମୁଖାଗ୍ନି ଅର୍ପଣ କରିଥିଲେ। ନିଜ ପାରିବାରିକ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ଭାଜପାର ଉଦଳା ଏନ୍.ଏ.ସି. ମଣ୍ଡଳ କମିଟି ଗଠିତ: ପ୍ରାଚ୍ୟସୁମନ ସଭାପତି ଓ ଦେବୀଶଙ୍କର ସାଧାରଣ ସଂପାଦକ

ଉଦଳା , ୨୭/୯ (ନି.ପ୍ର): ଭାରତୀୟ ଜନତାପାର୍ଟିର ଉଦଳା ବିଜ୍ଞାପିତ ଅଂଚଳ ମଣ୍ଡଳ କମିଟି ନିକଟରେ ଗଠିତ ହୋଇ ଯାଇଛି । ଏହାର ସଭାପତି ଭାବରେ ପ୍ରାଚ୍ୟସୁମନ ମହାନ୍ତି, ଉପସଭାପତି ସୌମ୍ୟରଂଜନ ପରିଡ଼ା, ସୁଜାତା ରାଉତ ଏବଂ ରାଜଲକ୍ଷ୍ମୀ ବେରା, ସାଧାରଣ ସଂପାଦକ ଦେବୀଶଙ୍କର କର, ସଂପାଦକ ରଂଜନ ପାତ୍ର, କଳ୍ପଲତା ମହାନ୍ତି ଏବଂ ଅଂଶୁମାନ ପ୍ରଧାନ, କୋଷାଧ୍ୟକ୍ଷ ଅବଜ ବନ୍ଧୁ ବାରିକ ପ୍ରମୁଖ ମନୋନିତ ହୋଇଥିବା ବେଳେ ଯୁବମୋର୍ଚ୍ଚା ସଭାପତି ସଂଜିତ ଦାସ, ମହିଳା ମୋର୍ଚ୍ଚା ସଭାପତି ଭାବରେ ସୁକୁମାରି ମୁର୍ମୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ସାଧାରଣ ଲୋକଙ୍କ ନିକଟରେ ସର୍ବନିମ୍ନ ସୁବିଧା ପହଂଚାଇ ଦେବା ପାଇଁ ମଣ୍ଡଳ କମିଟି ନିରନ୍ତର ତାର ଉଦ୍ୟମ ଜାରି ରଖିବ ବୋଲି କର୍ମକର୍ତା ମାନେ ଜଣାଇଛନ୍ତି ।

## ସଂସ୍କୃତି ଭବନରେ ବିଶ୍ୱ ପର୍ଯ୍ୟଟନ ଦିବସ ଅନୁଷ୍ଠିତ

ଭଦ୍ରକ , ୨୭/୯ (ନି.ପ୍ର): ବିଶ୍ୱ ପର୍ଯ୍ୟଟନ ଦିବସ ସଂସ୍କୃତି ଭବନରେ ଜିଲ୍ଲାପାଳ ଦିଲିପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଡେପୁଟୀ କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାର୍ତ୍ତିକ ମଣ୍ଡଳ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅନୁପ କୁମାର ବେହେରା, କ୍ରୀଡ଼ା ବିଭାଗ ର ଓ ଏସ ଡି ରମେଶ ମହାନ୍ତି, ସୁମନ ବିଡ଼ାନ୍ତ, ନିତ୍ୟାନନ୍ଦ ନାୟକ, ମନୋଜ ବେହେରା ଉପସ୍ଥିତ ଥିଲେ। ବର୍ତମାନ ସମୟ ରେ ପର୍ଯ୍ୟଟନ ର ବିକାଶ ଉପରେ ସରକାର ଙ୍କ ବିଶେଷ ଗୁରୁତ୍ୱ ରହିଛି ଏବଂ ଜିଲ୍ଲା ରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ର ବିକାଶ ପାଇଁ ଅନୁମୋଦନ ସରକାର କରିଛନ୍ତି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଇରମ, ଗୋହିରିଟିକିରା, ଆରଡ଼ି, ବିରଞ୍ଚି ନାରାୟଣ ମନ୍ଦିର, ଭଦ୍ରକାଳୀ ମନ୍ଦିର, ଲକ୍ଷ୍ମୀକାନ୍ତ ମେମୋରିଆଲ ପାର୍କ ଇତ୍ୟାଦି ବିଭିନ୍ନ ପ୍ରକଳ୍ପ ପାଇଁ ମଞ୍ଜୁରୀ ପ୍ରାପ୍ତ ହୋଇ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଆଗକୁ ଆହୁରି ନୂତନ ନୂତନ ପ୍ରକଳ୍ପ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଅଛି। ସଭା ଆରମ୍ଭ ପୂର୍ବରୁ ଏକ କୁଇଜ୍ ପ୍ରତିଯୋଗୀତା ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫ ରୁ ଅୟୋଜନ କରାଯାଇଥିଲା। ଏଥିରେ ଭଦ୍ରକ ର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରୁ ଛାତ୍ର ଛାତ୍ରୀ ମାନେ ଭାଗ ନେଇଥିଲେ। ବିଚାରକ ମଣ୍ଡଳୀ ଭାବରେ ପବିତ୍ର ପାଣିଗ୍ରାହୀ, ପୂର୍ଣ୍ଣ ଚନ୍ଦ୍ର ବହଲି, ରୂପକ୍ ରାୟ ଥିଲେ। ବିଦ୍ୟାଳୟ ସ୍ତରିୟ ପ୍ରତିଯୋଗୀତା ରେ ପ୍ରଥମ ସ୍ଥାନ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଆଶୁତୋଷ ନାୟକ, ଦେବସ୍ମିତା ସାହୁ, ଦ୍ୱିତୀୟ ସ୍ଥାନ ଓଡିଶା ଆଦର୍ଶ ବିଦ୍ୟାଳୟ, ସନ୍ତୁପୁରା, ତିହିଡ଼ି ର ଶାଶ୍ୱତ ନାୟକ, ସୌମ୍ୟଜିତ୍ ଧଳ ଓ ତୃତୀୟ ସ୍ଥାନ ବି ଏମ ବାଗୁରାଇ ଉଚ୍ଚ ବିଦ୍ୟାଳୟ ର ଅଂଶୁମାନ ସାମଲ, ବିଦୁସ୍ମିତା ମିଶ୍ର ତଥା ମହାବିଦ୍ୟାଳୟ ସ୍ତରୀୟ ରେ ପ୍ରଥମ ଭଦ୍ରକ ସ୍ୱୟଂଶାସିତ କଲେଜ୍ ର ସତ୍ୟବ୍ରତ ପଣ୍ଡା, କଳାମାଣିକ ଦାସ ଦ୍ୱିତୀୟ ଚରମ୍ପା ମହା ବିଦ୍ୟାଳୟ ର ସ୍ୱାଗତିକା ମହାନ୍ତି, ତୁଳସୀ ବାରିକ୍ ଓ ତୃତୀୟ ଚରମ୍ପା ଡ଼ିଗ୍ରୀ କଲେଜ୍ ର ଶମୀମା ସୁଲତାନା, ଦିଲନ୍ ଚନ୍ଦ୍ର ସାହୁ ହୋଇଥିଲେ। ସେମାନଙ୍କୁ ସାର୍ଟିଫିକେଟ ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଶେଷରେ ଜିଲ୍ଲାପାଳ ସଭା ରେ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷ ଙ୍କୁ କିଛି ପ୍ରଶ୍ନ କୁଇଜ୍ ମାଧ୍ୟମ ରେ ପଚାରିଥିଲେ ଏବଂ ସଠିକ୍ ଉତ୍ତରଦାତା ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# କଂଗ୍ରେସର ନବନିଯୁକ୍ତ ଜିଲ୍ଲାସଭାପତି ସତ୍ୟଶିବ ଦାସଙ୍କୁ ନୀଳଗିରି କଂଗ୍ରେସର ଶୁଭେଚ୍ଛା: ନୀଳଗିରିରେ ଖୁସିର ଲହରୀ



ନୀଳଗିରି, ୨୭/୯ (ନି.ପ୍ର): ଏଆଇସିସି ପକ୍ଷରୁ ଓଡ଼ିଶାର ସମସ୍ତ ସାଂଗଠନିକ ଜିଲ୍ଲା ସଭାପତିଙ୍କୁ ନୂତନଭାବେ ନିଯୁକ୍ତି ମିଳିଥିବା ବେଳେ ବାଲେଶ୍ୱରର ଜିଲ୍ଲାସଭାପତି ଭାବେ ବରିଷ୍ଠ କଂଗ୍ରେସ ନେତା ସତ୍ୟଶିବ ଦାସଙ୍କୁ ନିଯୁକ୍ତି ମିଳିଥିବାରୁ ନୀଳଗିରି କଂଗ୍ରେସ ମହଲରେ ଖୁସିର ଲହରୀ ଦେଖିବାକୁ ମିଳିଛି। ନୀଳଗିରିର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ, ଆଶିଷ ପଟ୍ଟନାୟକ, ତପନ ରାଉତ, ସୁରେନ୍ଦ୍ର ଦାସ, ଯୋଗେଶ୍ୱର ବେହେରା, ବିଶ୍ୱନାଥ ଦାସ, ସଦାଶିବ ରଥ,ସମରେନ୍ଦ୍ର ଦାସ ,ଯୁବନେତା ଦିବ୍ୟଜ୍ୟୋତି ଆଚାର୍ଯ୍ୟ ପ୍ରମୁଖ ଶତାଧିକ ନେତା ତଥା ପଞ୍ଚାୟତ ସ୍ତରୀୟ ସରପଞ୍ଚ, ନେତା ଓ କର୍ମୀ ମାନେ ଶ୍ରୀ ଦାସଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ ନିଜ ନିଜର ଖୁସୀ ବ୍ୟକ୍ତ କରିଛନ୍ତି। ଶ୍ରୀଯୁକ୍ତ ଦାସଙ୍କ ନେତୃତ୍ୱରେ ଜିଲ୍ଲା ସମେତ ନୀଳଗିରି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପୂର୍ବାପେକ୍ଷା ଅପୂର୍ବ ସଫଳତା ପାଇବ ଏବଂ ଦଳକୁ ମଜଭୁତ କରିବାରେ ଶ୍ରୀଯୁକ୍ତ ଦାସ ସମସ୍ତକର୍ମୀ ଓ ନେତାଙ୍କୁ ଏକତାର ସୂତ୍ରରେ ବାନ୍ଧିପାରିବ ବୋଲି କର୍ମୀମାନେ ଆଶାବ୍ୟକ୍ତ କରିଛନ୍ତି। ନୀଳଗିରି ମିଡିଆ କୋଡ଼ିନେଟର ପ୍ରଫୁଲ୍ଲ କୁମାର ମହାନ୍ତି ଶ୍ରୀ ଦାସଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଆଗାମୀ ଦିନରେ ନୀଳଗିରି କଂଗ୍ରେସ ନିଶ୍ଚିତ ସଂଗଠିତ ଭାବେ କାର୍ଯ୍ୟକରିବା ନେଇ ଆଶା ପ୍ରକଟ କରିଛନ୍ତି।

# ଓଏଏସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ସ୍ୱାତୀଦୀପାଙ୍କୁ ଭବ୍ୟ ସମ୍ବର୍ଦ୍ଧନା



ଭଦ୍ରକ, ୨୭/୯ (ନି.ପ୍ର): ଚଳିତବର୍ଷ ଓଏଏସ୍ ପରୀକ୍ଷାରେ ଭଦ୍ରକ ବ୍ଲକ୍ ଅଧୀନସ୍ଥ କଲେଇ ପଂଚାୟତ ବଳଭଦ୍ରପୁରର ୨୩ ବର୍ଷର ଛାତ୍ରୀ ସ୍ୱାତୀଦୀପା ରାଉତ ୪୬ ନଂ ର୍ୟାଙ୍କ ରଖି କୃତିତ୍ୱ ହାସଲ କରିଛନ୍ତି। ସ୍ୱାତୀଦୀପା ଭୁବନେଶ୍ୱରସ୍ଥିତ କଳିଙ୍ଗ ଆଇଏଏସ୍ କୋଚିଂ ସେଂଟରରେ ଅଧ୍ୟୟନ କରୁଥିଲେ। ଭଦ୍ରକ ସେଂଟ୍ରାଲ ସ୍କୁଲରୁ ଶିକ୍ଷା ଆରମ୍ଭ କରିଥିବା ସ୍ୱାତୀଦୀପା ୮୬% ରଖି ଦଶମ ପାସ୍ କରିଥିବାବେଳେ, ଭଦ୍ରକ କଲେଜରୁ +୨ ରେ ୭୫% ଓ ଓଡଶପୁର ଅଟୋନମସ୍ କଲେଜରୁ +୩ ରେ ୭୦% ରଖିଥିଲେ। ସେ ସ୍କୁଲ ଓ କଲେଜରେ ଯଦିଓ ଆଶାନୁରୂପ ସଫଳତା ପାଇନଥିଲେ, ତଥାପି ତାଙ୍କର ଓଏଏସ୍ ହେବାର ଲକ୍ଷ୍ୟ ପୂରଣ ହୋଇଛି ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ସ୍ୱାତୀଦୀପା ଓଡ଼ିଶାରେ ୨୩ ବର୍ଷ ବୟସରେ କେହି ଓଏଏସ୍ ପାଇନଥିବାବେଳେ ପ୍ରଥମ । ସେ କୌଣସି ଚାକିରୀ କରୁନଥିବାରୁ ୮ ଘଂଟା ଲାଇବ୍ରେରୀରେ କଟାଇ ଏଭଳି ସଫଳତା ଆଣିଛନ୍ତି ବୋଲି କହିଛନ୍ତି। ତାଙ୍କର ଏହି ସଫଳତା ପଛରେ ଇଷ୍ଟଦେବତା ରାଧାକୃଷ୍ଣ, ପିତା ପ୍ରକାଶ ରଞ୍ଜନ ରାଉତ, ମା ସସ୍ମିତା ରାଉତ ଓ ପରିବାରର ସମସ୍ତଙ୍କର ଆଶୀର୍ବାଦ ରହିଥିବାବେଳେ ବିଶେଷକରି ଦିବଂଗତ ତାଙ୍କ ଜେଜେ ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତଙ୍କ ପ୍ରେରଣା ତାଙ୍କୁ ଏଭଳି ଶ୍ରେୟ ଆଣିଦେଇଛି ବୋଲି ସେ କହିଛନ୍ତି। ତାଙ୍କ ଜେଜେ ସ୍ୱର୍ଗତଃ ରାଉତ ବର୍ତ୍ତମାନର କଳୁଷିତ ସମାଜକୁ ବଦଳାଇବାର ଯେଉଁ ଲକ୍ଷ୍ୟ ରଖି ଦରିଦ୍ର ସୀମାରେଖା ତଳେ ଥିବା ଲୋକଙ୍କ ବିକାଶ ଦିଗରେ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହାକୁ ପୂରଣ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିବା ସହ ଜଣେ ନାରୀ ଶିକ୍ଷିତ ହେଲେ ଗୋଟିଏ ପରିବାରକୁ ଶିକ୍ଷିତ କରାଇଥାଏ ବୋଲି କହିଛନ୍ତି। ଆଜି ସ୍ୱାତୀଦୀପା ଭୁବନେଶ୍ୱରରୁ ଆସିବା ପରେ ତାଙ୍କୁ ନଳାଙ୍ଗ ଛକରୁ ଶତାଧିକ ମୋଟର ସାଇକେଲ୍ ଓ କାର୍‌ର ଶୋଭାଯାତ୍ରାରେ ନିଆଯାଇ ନିଜ ଗ୍ରାମ ବଳଭଦ୍ରପୁରସ୍ଥିତ ବାସଗୃହରେ ପହଂଚାଇଥିଲେ। ଏହି ଅବସରରେ ସେ ନିଜ ଜେଜେ ହୃଦାନନ୍ଦ ରାଉତ, ଗୟାଧର ରାୟ, କମଳାକାନ୍ତ ରାୟ ଓ ବଡବାପା ସୁରେନ୍ଦ୍ର ରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଅର୍ଘ୍ୟ ଦେଇ ଗ୍ରାମରେ ଥିବା ରାଧାକୃଷ୍ଣଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରାରେ ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷା ଜ୍ୟୋସ୍ନାମଂଜରୀ ରାଉତ, ଅଭିନ୍ନ ସାହୁ, ତୁଷାରକାନ୍ତ ପରିଡା, ଅମର ରାୟ, କଲେଇ ସରପଂଚ ନିରଞ୍ଜନ ମଲ୍ଲିକ, ଅନୀଲ କୁମାର ବେହେରା, ଶିକ୍ଷାବିତ୍ ଶଙ୍କର୍ଷଣ ଦାସ, ଅନାଦି ରାଉତ, ବାବୁଲା ରାଉତ, ଅସୀମାନନ୍ଦ ରାୟ, ଚଗୁଲୁ ଦାସ, ଜଗନ୍ନାଥ ରାୟ, ଚନ୍ଦନ ରାଉତ, ରମାକାନ୍ତ ରାୟ, ଆଦିକନ୍ଦ ରାଉତ, ନିର୍ମଳ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିବାବେଳେ ପୂର୍ବତନ ମନ୍ତ୍ରୀ ଯୁଗଳ ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବିଧାୟକ ସଂଜୀବ ମଲ୍ଲିକ ଓ ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ମଳୟ ଜେନା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସରଡିହା-ମୁକୁନ୍ଦପୁର ଦୁର୍ଗାପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର

ବସ୍ତା, ୨୭/୯ (ନି.ପ୍ର): ବସ୍ତା ବ୍ଲକ୍ ପତ୍ରଝଡ଼ା ପଞ୍ଚାୟତ୍ ସରଡିହା-ମୁକୁନ୍ଦପୁର ଦୁର୍ଗାପୂଜା କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଦୁର୍ଗାପୂଜା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି।
ରକ୍ତଦାନ ଶିବିର ସଭାପତି ଶମ୍ଭୁନାଥ ଭୂୟାଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ମୁଖ୍ୟଅତିଥି ଏସଡିପିଓ ମାନସ କୁମାର ଦେଓ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘ ଉପସଭାପତି ତଥା ପରିବେଶବିତ୍ ସୁମନ୍ତ କୁମାର ଜେନା, ପୂଜା କମିଟି ଉପଦେଷ୍ଟା ନୀଳକଣ୍ଠ ଦଣ୍ଡପାଟ, ସନ୍ୟାସୀ ନାୟକ ଓ ଦିଲ୍ଲୀପ ଖମାରୀ ଏବଂ ରକ୍ତ କେନ୍ଦ୍ରର ଡାକ୍ତର ଦେବାଶିଷ ରାୟ, ପୂଜା କମିଟି ସଭାପତି ଜୟଦେବ ଭୂୟାଁ, ସମ୍ପାଦକ ଲମ୍ବୋଦର ତରେଇ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ୩୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# ସ୍ୱଚ୍ଛତା ଓ ସେବା ପକ୍ଷ ପାଳନ ଅବସରରେ ଉତ୍ସବ ମୁଖର ଉଦଳା ସହର




ଉଦଳା, ୨୭/୯ (ନି.ପ୍ର): ଚଳିତ ସେପ୍ଟେମ୍ବର ୧୭ ତାରିଖ ଠାରୁ ଅକ୍ଟୋବର ୨ ତାରିଖ ଗାନ୍ଧିଜୟନ୍ତୀ ପର୍ଯ୍ୟନ୍ତ ସ୍ୱଚ୍ଛତା ଓ ସେବା ପକ୍ଷ ଭାବରେ ସବୁଠି ପାଳନ କରାଯଉଛି । ଏହି ଅବସରରେ ସଫେଇ ଓ ସେବା ମୂଳକ କାମ ବିଭିନ୍ନ ଅନୁଷ୍ଠାନ ତରଫରୁ ଉଦଳା ସହର ମଧ୍ୟରେ ନିୟମିତ ଅନୁଷ୍ଠିତ ହେଉଛି । ଫଳରେ ଉଦଳା ସହରର ବାତାବରଣ ଉତ୍ସବମୁଖର ହୋଇ ଉଠିଛି । ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର +୨ ଓ +୩ରେ ଥିବା ଜାତୀୟ ସେବା ଯୋଜନା, ଯୁବରେଡ଼କ୍ରସ ଓ ରେଂଜର୍ସ ବିଭାଗର ଛାତ୍ରୀ ମାନେ ମିଳିତ ଭାବରେ ସହର ସଫେଇ କାର୍ଯ୍ୟାରେ ନିଜକୁ ସାମିଲ କରିଛନ୍ତି । ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ, ମହାତ୍ମାଗାନ୍ଧି କିପରି ନିୟମିତ ସଫେଇ କାମ କରିବା ସହ, କାମ ନକଲେ ଖାଇବା ବନ୍ଦ ଓ ନିଜ କାମ ନିଜେ କର ନିୟମକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ ଏହାର ବିସ୍ତୃତ ଇତିହାସ ସଂପର୍କରେ ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ଏହାପରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ମେରିନା ପଣ୍ଡା ଓ ଅଧ୍ୟାପକ ଗିରିଜା ଶଙ୍କର ପାତ୍ର, ଯୁବ ରେଡ଼କ୍ରସ ଦାୟିତ୍ୱରେ ଥିବା ଅଧ୍ୟାପକ ରାଜେଶ ମୁଦୁଲି ଓ ଅଂଜନ ବିଶ୍ୱାଳ, ରେଂଜର୍ସ ବିଭାଗ ଦାୟିତ୍ୱରେ ଥିବା ଅଧ୍ୟାପିକା ଲକ୍ଷ୍ମିପ୍ରିୟା ସାମଲ ଓ ଶାନ୍ତିଲତା ହାଁସଦା ପ୍ରମୁଖଙ୍କ ନେତୃତ୍ୱରେ ସହର ସଫେଇ ପର୍ବ ଅନୁଷ୍ଠିତ ହୋଇଥିଲା । ସେହିପରି ଭାରତୀୟ ଜନତା ପାର୍ଟି ଉଦଳା ନିର୍ବାଚନ ମଣ୍ଡଳି ତରଫରୁ ଉକ୍ତ ପକ୍ଷ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପାର୍ଟିର ଜିଲ୍ଲା ସଭାପତି ନିହାର ରଂଜନ ମୋଦି, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ବରିଷ୍ଠ ନେତା ପ୍ରଭାତ ପରିଡ଼ା, ବିଭୁତି ମହାନ୍ତ, କମଳ ଧଳ ପ୍ରମୁଖ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୟନ୍ତି ଠାରୁ ମହାତ୍ମାଗାନ୍ଧିଙ୍କ ଜୟନ୍ତି ପର୍ଯ୍ୟନ୍ତ ପାଳିତ ହେଉଥିବା ଏହି ପକ୍ଷର ପ୍ରକୃତ ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିବିରର ମୋଟ ୧୦୬ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ବେଳେ ବାପି ଭଂଜ, ଭାଗିରଥି ସେଠୀ, ମହେନ୍ଦ୍ର ଖଣ୍ଡେଇ, ପ୍ରଦୀପ ପୋଥାଳ, ଦୁଷ୍ମନ୍ତ ବେହେରା, ରାକେଶ ପୁହାଣ, ଶୁଭକାନ୍ତ ଦାସ, ପ୍ରାଚ୍ୟସୁମନ ମହାନ୍ତି ଦେବିଶଙ୍କର କର, ଦିନକୃଷ୍ଣ ଦାସବାବୁ ପ୍ରମୁଖ ଶିବିର ପରିଚାଳନାର ନେତୃତ୍ୱ ନେଇଥିଲେ ।

## ଗାଁ ପୂଜା ସମୟରେ ସହରରେ ଯାନବାହାନ ଚଳାଚଳ ନିୟନ୍ତ୍ରଣ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା

ବାରିପଦା, ୨୭/୯ (ନି.ପ୍ର): ପବିତ୍ର ଦୁର୍ଗା ପୂଜା ସମୟରେ ସହରରେ ଅଧିକ ଜନସମାଗମ ହେବା ଓ ଅଧିକ ଯାନବାହନ ଚଳାଚଳ ହେବାର ସମ୍ଭାବନା ରହୁଥିବାରୁ ହେତୁ ଆକସ୍ମିକ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏଥି ସହିତ ଗହଳି ଓ ଅଧିକ ଯାନବାହନ ଚଳାଚଳ ପାଇଁ ରାସ୍ତା ଜାମ ହେବାର ସମ୍ଭାବନା ଥିବାରୁ, ଏଥିପାଇଁ ଆପତ୍ତ କାଳୀନ ସେବା ଯୋଗାଇବାରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେବାର ସମ୍ଭାବନା ରହୁଛି। ଏହିସବୁ ସମ୍ଭାବ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଭକ୍ତ, ଶ୍ରଦ୍ଧାଳୁ, ଦର୍ଶନାର୍ଥୀ ମାନେ ଦେବୀଙ୍କ ପୂଜାର୍ଚ୍ଚନା ଓ ଦର୍ଶନ ପାଇଁ ଯେମିତି କୌଣସି ଅସୁବିଧାର ସମ୍ମୁଖୀନ ନହୋଇ ସହଜରେ ପୂଜା ମଣ୍ଡପ ଗୁଡିକ ନିକଟକୁ ପହଂଚି ପାରିବେ ତଥା ସହରର ପାଦଚାରି ଜନସାଧାରଣ ଯେମିତି ଶାନ୍ତି ଶୃଙ୍ଖଳାର ସହିତ ଗମନାଗମନ କରିପାରିବେ ସର୍ବପରି ସାର୍ବଜନୀନ ସୁରକ୍ଷା ଓ ପର୍ବର ସୁପରିଚାଳନା ନିମନ୍ତେ ଜିଲ୍ଲାପାଳଙ୍କ ଆଦେଶ ଅନୁଯାୟୀ ସହରରେ ଗାଡି ମୋଟର ଯାନବାହନର ସୁଗମ ଚଳାଚଳ ପାଇଁ ବ୍ୟବସ୍ଥା କରାଯାଇଛି। ତଦନୁସାରେ ଦୈନନ୍ଦିନ ଚଳାଚଳ କରୁଥିବା ବସ, ଟ୍ରକ ଓ ଅନ୍ୟାନ୍ୟ ଯାନ ଗୁଡିକ ଦୁର୍ଗା ପୂଜା ସମୟରେ ତା ୨୮-୦୯-୨୦୨୫ ରିଖ ଠାରୁ ତା ୦୨-୧୦-୨୦୨୫ ରିଖ ପର୍ଯ୍ୟନ୍ତ ଭାୟା ବାଘରା ରୋଡ଼, ଦାରୋଗାଡାହି ଛକ, ଓ ବାଲେଶ୍ୱର ଗୋଲେଇ ରାସ୍ତା ଦେଇ ଗନ୍ତବ୍ୟ ସ୍ଥଳକୁ ଚଳାଚଳ କରିବେ।

# ଦ୍ରୁତ ୭୫ ଏମଏମଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କଲା ପାରାଦୀପ ବନ୍ଦର



ପାରାଦୀପ, ୨୭/୯ (ନି.ପ୍ର): ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ମାସ ପୁରା ହେବାକୁ ୧୦ ଦିନ ଥିବା ବେଳେ ପାରାଦୀପ ବନ୍ଦର ୭୫ ଏମଏମଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି । ଏହି ଦୃତ ପଣ୍ୟ କାରବାର ସମଗ୍ର ଦେଶର ବନ୍ଦରମାନଙ୍କୁ ପଛରେ ପକାଇ ପାରାଦୀପ ବନ୍ଦର ଏହି ଐତିହାସିକ ରେକର୍ଡ ସୃଷ୍ଟି କରି ପାରିଛି । ଏହି ସମୟ ମଧ୍ୟରେ ପାରାଦୀପ ବନ୍ଦରର ପଣ୍ୟ କାରବାରରେ ୫.୦୩ ପ୍ରତିଶୃତ ଅଭିବୃଦ୍ଧି ହୋଇଛି । କ୍ରୁଡ୍ ଅଏଲ ପରିବହନ କ୍ଷେତ୍ରରେ ୧୭.୨୨ ଏମଏମଟି ପରିବହନ କରି ୧୯.୩୪ ପ୍ରତିଶତ ଅଭିବୃଦ୍ଧି ହୋଇଛି । ତଟୀୟ ଥର୍ମାଲ କୋଇଲା ପରିବହନ କ୍ଷେତ୍ରରେ ୨୨.୫୧ ଏମଏମଟି ପଣ୍ୟ କାରବାର କରି ପାରାଦୀପ ବନ୍ଦର ୪.୩ ପ୍ରତିଶତ ଅଭିବୃଦ୍ଧି କରି ପାରିଛି । ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏହି ସଫଳତା ନିମନ୍ତେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ବିଭାଗ ମନ୍ତ୍ରୀ ସର୍ବାନନ୍ଦ ସେନୋୱାଲଙ୍କ ମାର୍ଗଦର୍ଶନ ଓ ନେତୃତ୍ୱକୁ କୃତଜ୍ଞତା ଜଣାଇଛନ୍ତି । ଏଥି ସହିତ ଶ୍ରୀ ହରନାଦ ବନ୍ଦର ଅଧିକାରୀ, କର୍ମଚାରୀ, ବନ୍ଦର ବ୍ୟବହାରକାରୀ, ଷ୍ଟିଭେଡୋର୍ସ, ଷ୍ଟିମସିପ୍ ଏଜେ, ଟ୍ରେଡ୍ ୟୁନିୟନ, ପିପିପି ଅପରେଟରଙ୍କୁ ସେମାନଙ୍କ ସହଯୋଗ ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି । ଏହି ସଫଳତା ଦେଶର ନୌବାଣିଜ୍ୟିକ କ୍ଷେତ୍ରରେ ପାରାଦୀପର ସଫଳତା ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନରେ ପହଂଚାଇବ ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ




ବସ୍ତା , ୨୭/୯ (ନି.ପ୍ର): ବସ୍ତା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଚଳିତ ମାସରେ ଅବସର ଗ୍ରହଣ କରିବାକୁ ଯାଉ ଥିବା ତିନି ଜଣ ଶିକ୍ଷକ ଶିକ୍ଷୟତ୍ରୀ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଗୋଷ୍ଠୀ ଶିକ୍ଷାଧିକାରୀ ଯଗେଶ୍ୱର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତା ଅନୁସୟା ଦାସ, ଅଶୋକ କୁମାର ମଲ୍ଲିକ, ରମେଶ ଚନ୍ଦ୍ର ଦାସ ଓ ଅବସର ପ୍ରାପ୍ତ ଶିକ୍ଷକ କମଳା କାନ୍ତ ବେହେରା, ଅଚ୍ୟୁତ ନନ୍ଦ ଗୋଛାୟତ, ବରେନ୍ଦ୍ର କୁମାର ସାହୁ ସହିତ କାର୍ଯ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାସନ୍ତୀ ପୁଷ୍ଟି, ବଡ ବାବୁ ଗିରିଜା ଶଙ୍କର ସେଠି,ସୁଶୀଲ କୁମାର ବାରିକ, ଦେବାଶିଷ ବେହେରା, ରଶ୍ମିତା ରାଣୀ ଗିରି ପ୍ରମୁଖ ଉପସ୍ଥିତ ରହି ଗୋଷ୍ଠୀଶିକ୍ଷାଧିକାରୀଙ୍କୁ ଭୂଶୟୀ ପ୍ରଶଂସା କରିବା ସହିତ ଅବସର ନେବାକୁ ଯାଉଥିବା ପ୍ରମିଳା ନାୟକ, ଗଗନ ବିହାରୀ ଦାସ, ଯଦୁନାଥ ନାୟକ ଙ୍କ ଦୀର୍ଘ ଯିବନି କାମନା କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଥମ ଥର ପାଇଁ ଅବସର ନେବାଦିନ ସମସ୍ତ ପ୍ରାପ୍ୟ ଦିଆଯାଇଥିବାରୁ ସମସ୍ତେ ଗୋଷ୍ଠୀ ଶିକ୍ଷାଧି କାରୀଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ଖୁସୀ ବ୍ୟକ୍ତ କରିଥିଲେ।

# ପଦ୍ମଲୋଚନ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା



ରୂପ୍ସା, ୨୭/୯ (ନି.ପ୍ର): ପଦ୍ମଲୋଚନ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ହୋଇଯାଇଛି। ଏଥିରେ ୨୨ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଆଖଣ୍ଡଳେଶ୍ୱର ବାଳିକା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଦିପ୍ତ ଶନିବିଗ୍ରହ ଓ ବିଚାରକ ଶ୍ରୀଯୁକ୍ତ ରତ୍ନାକର ଜେନା ପ୍ରକଳ୍ପ ଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। senior group ରେ ପ୍ରଥମ ସ୍ଥାନରେ ହିତେଶ କୁମାର ନାୟକ ଓ ପ୍ରଭାସ ସାମଲ। ଦ୍ୱିତୀୟ ସ୍ଥାନରେ ଶୁଭ ଲକ୍ଷ୍ମୀ ଗିରି । ତୃତୀୟ ସ୍ଥାନ ରେ ମନିଷା ଶୁଭ ଲକ୍ଷ୍ମୀ ଦାସ। Junior group ରେ ପ୍ରଥମ ସ୍ଥାନରେ ପିୟୁଷ ଘଡ଼େଇ । ଦ୍ୱିତୀୟ ସ୍ଥାନରେ କ୍ରୀତି ପର୍ଣ୍ଣା ଦାସ । ତୃତୀୟ ସ୍ଥାନ ରେ ତନ୍ମୟୀ ଜେନା ଓ ନିବେଦିତା ଦାସ । Sub junior ରେ ପ୍ରଥମ ସ୍ଥାନରେ ସରୋଜ ମାଝୀ ଓ କ୍ଷୀରାବ୍ଧି ତନୟା ରାଉତ। ଦ୍ୱିତୀୟ ସ୍ଥାନରେ ଆରାଧ୍ୟା ନାୟକ ଓ ଆୟେଷା ପରିଡ଼ା। ତୃତୀୟ ସ୍ଥାନରେ ଜିଜ୍ଞାସୁ ସାମଲ , ଦୀପ୍ତି ମୟୀ ବିଶ୍ୱାଳ ଓ ମେଘନା ବେହେରା, ଆୟୁଷୀ ବେହେରା କୃତି ଛାତ୍ର/ଛାତ୍ରୀ ରୂପେ ବିବେଚିତ ହୋଇଥିଲେ। ବିଦ୍ୟାଳୟ ର ଅଧ୍ୟକ୍ଷ ଭାଗିରଥି ବିଶ୍ୱାଳ ଓ ଅନ୍ୟାନ ଗୁରୁଜୀ ଗୁରୁମା ସୁଶାନ୍ତ ସାମଲ, ପ୍ରତିମା ରାଣୀ ବେହେରା,ପ୍ରଭାତି ଦାସ,ସକୁନ୍ତଳା ସାହୁ, ଜ୍ୟୋସ୍ନା ରାଣୀ ବେହେରା, ସାବିତ୍ରୀ ବିଶ୍ୱାଳ ସହଯୋଗ କରିଥିଲେ।

# ୫୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କଲା ଚ୍ୟାଲେଞ୍ଜ: ପ୍ରଥମଥର ବ୍ରହ୍ମପୁରରେ ପ୍ରିମିଅର ଶୋ’



ଭୁବନେଶ୍ୱର, ୨୭/୯ (ନି.ପ୍ର): ମୁକ୍ତିଲାଭ କଲା ବଡ଼ ବଜେଟର ଓଡିଆ ଚଳଚ୍ଚିତ୍ର ‘ଚ୍ୟାଲେଞ୍ଜ’ । ତେବେ ବିଗତ ଦିନରେ କଟକ ଏବଂ ଭୁବନେଶ୍ୱରରେ ପ୍ରିମିଅର ଶୋ’ ହେଉଥିବା ବେଳେ ପ୍ରଥମଥର ବ୍ରହ୍ମପୁର ସହରରେ ଚ୍ୟାଲେଞ୍ଜ ର ପ୍ରିମିଅର ଶୋ’ ହୋଇଛି । ରିଅଲ୍ ଷ୍ଟାର ଅର୍ଦ୍ଧେନ୍ଦୁ ସାହୁ ଏବଂ ସମସ୍ତଙ୍କର ପ୍ରିୟ ଦିଦି ନମ୍ବର ୱାନ ଲିପି ମହାପାତ୍ର ବ୍ରହ୍ମପୁର ବାସିନ୍ଦା ହୋଇଥିବାରୁ ବ୍ରହ୍ମପୁର ସହର ଆଜି ଖୁସିରେ ନାଚି ଉଠିଛି । ପ୍ରାୟ ୧୫୦ଟି ବାଇକ୍ ରାଲିରେ ଚ୍ୟାଲେଞ୍ଜ ଟିମ୍ କୁ ସ୍ୱାଗତ କରାଯାଇଥିଲା । ସୁପରଷ୍ଟାର ଅର୍ଦ୍ଧେନ୍ଦୁ ସାହୁ, ନାୟିକା ଏଲିନା ସାମନ୍ତରାୟ, ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜ, କ୍ୟାମେରାମ୍ୟାନ ପ୍ରତାପ ଚନ୍ଦ୍ର ରାଉତ, ପ୍ରଚାର ଓ ପ୍ରସାର ମୁଖ୍ୟ ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ, ଅଭିନେତା ଭୂପିନ୍ଦର ସିଂହ, ଲିପି ମହାପାତ୍ର, ବିଭାସ ପ୍ରମୁଖ ବ୍ରହ୍ମପୁର ରୁକ୍ମିଣୀ ସିନେମା ହଲ୍‌ରେ ପହଞ୍ଚି ତାଙ୍କ ଫ୍ୟାନ୍ସଙ୍କ ସହିତ ରିଲ୍ସ ଏବଂ ସେଲ୍ଫି ରେ ଅନେକ ସମୟ ବିତେଇବା ସହିତ ପ୍ରେକ୍ଷାଳୟରେ ଏକାସାଙ୍ଗରେ ବସି ସମ୍ପୂର୍ଣ୍ଣ ସିନେମାଟିକ୍ସ ଉପଭୋଗ କରିଥିଲେ। ପ୍ରଥମଥର ପାଇଁ କଳା ତଥା ରେଶମ ସହର ବ୍ରହ୍ମପୁରର ରୁକ୍ମଣୀ ପ୍ରେକ୍ଷାଳୟରେ ପ୍ରିମିଅର ଶୋ ହେଉଥିବାରୁ ବ୍ରହ୍ମପୁର ସହରବାସୀ ବେଶ ଆନନ୍ଦିତ ଅଛନ୍ତି । ସାରା ଓଡ଼ିଶାରେ ୫୦ ଟି ପ୍ରେକ୍ଷାଳୟରେ ଏକାସାଙ୍ଗରେ ୧୫୦ଟି ଶୋ ଚାଲିଛି । ବଲିଉଡର ସେଇ ଖ୍ୟାତନାମା କଳାକାର ପୁନିତ ଇଶାର ଓରଫ ଦୁର୍ଯ୍ୟୋଧନଙ୍କୁ ଦେଖିବାକୁ ଦର୍ଶକ ଚାହିଁ ରହିଥିଲେ । ସୁପର ଆକ୍ସନ, ଭରପୁର ଫାମିଲି ଡ୍ରାମା ସାଙ୍ଗକୁ ଜବରଦସ୍ତ ଗୀତ ଆଉ ନାଚର ମଜା ନେଉଛନ୍ତି ଦର୍ଶକ । ନାଚରେ ପାରମ୍ପରିକ ଓଡ଼ିଆ କଳା ଓ ପରମ୍ପରାକୁ ସ୍ଥାନ ଦିଆଯାଇଛି । ଦଶହରାରେ ଚ୍ୟାଲେଞ୍ଜ ଦର୍ଶକଙ୍କୁ ନିଶ୍ଚୟ ଭରପୁର ମନୋରଞ୍ଜନ ଯୋଗାଇବ ବୋଲି ପ୍ରଯୋଜନା ସଂସ୍ଥା ପ୍ରକାଶ କରିଛି ।

# ରାଜ୍ୟରେ ବନ୍ୟା ସ୍ଥିତି ନାହିଁ: ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର, ୨୭/୯ (ନି.ପ୍ର): ରାଜ୍ୟରେ କୌଣସି ସ୍ଥାନରେ ବନ୍ୟା ସ୍ଥିତି ନାହିଁ ବୋଲି ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ର ଶେଖର ପାଢୀ କହିଛନ୍ତି। ସେ କହିଛନ୍ତି ଆଇଏମଡିର ଆକଳନ ଅନୁସାରେ ବର୍ଷାର ପ୍ରକୋପ ଧୀରେ ଧୀରେ କମିବ। କାଲି ୪୯ ବ୍ଲକ ମୁଖ୍ୟାଳୟରେ ୫୦ମିମି ଓ କାଲିମେଳାରେ ୧୦୦ ମିମି ବର୍ଷା ହୋଇଛି। ବର୍ଷା ଯୋଗୁଁ ଜଳସ୍ତର ବଢୁଛି କିନ୍ତୁ ବିପଦ ସଂକେତ ଛୁଇଁ ନାହିଁ। ଯେହେତୁ ଜଳସ୍ତର ବଢୁଛି, ମହାନଦୀ ଶାଖା କାଠଯୋଡ଼ି, ବିରୂପା , କୁଶଭଦ୍ରା, ଦୟା, ଭାର୍ଗବୀ, ଲୁଣା, ଦେବୀ, ପାଇକା ପାଇଁ ସତର୍କତା ରହିଛି। ବଂଶଧରା ଓ ଋଷିକୂଲ୍ୟାରେ ଜଳସ୍ତର ବଢୁଛି କିନ୍ତୁ ବିପଦ ସଂକେତ ତଳେ ଅଛି। ସୁକତେଲ, ଜିରା ନଦୀରେ ବର୍ଷା ଯୋଗୁଁ ଖଇରମାଲ ଓ ମୁଣ୍ଡଳୀରେ ଜଳସ୍ତର ବଢ଼ିଛି ବୋଲି କହିଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ ।

# ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଭାତୀ ପରିଡା

ଭୁବନେଶ୍ୱର, ୨୭/୯ (ନି.ପ୍ର): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ପାଇଥିବା ପ୍ରତିଭାମାନଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଶୁଭେଚ୍ଛା ଜଣାଇଛନ୍ତି। ଏକ୍ସରେ ଶ୍ରୀମତୀ ପରିଡା ଲେଖିଛନ୍ତି ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ନିମାପଡ଼ା ନିର୍ବାଚନ ମଣ୍ଡଳୀର ମିଟେଇପୁର ପଂଚାୟତ ଅନ୍ତର୍ଗତ ବନ୍ତୁଗ୍ରାମ ବାସିନ୍ଦା ଶ୍ରୀ ଦିଲ୍ଲୀପ କୁମାର ସ୍ୱାଇଁଙ୍କ ସୁପୁତ୍ର ଶ୍ରୀ ଆଶୁତୋଷ ସ୍ୱାଇଁ ୨୪ତମ ର୍ୟାଙ୍କ୍ ସହ ସଫଳତା ପାଇଛନ୍ତି । ସେହିଭଳି ଛଣିଜଙ୍ଘ ପଂଚାୟତ ବିଲସାହି ଗ୍ରାମର ଶ୍ରୀ ଧର୍ମାନନ୍ଦ ଦାଶ ଓ ଆରତି ଦାଶଙ୍କ ସୁକନ୍ୟା ମୋନାଲିସା ଦାଶ ଏବଂ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ସଦାଶିବ ଓଝାଙ୍କ ସୁପୁତ୍ର ରାଜେନ୍ଦ୍ର କୁମାର ଓଝା ଓପିଏସ୍‌ସି ପରିଚାଳିତ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida